


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୯ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 JULY 2021
Vol.No. 32 ■ No. 183 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରବଳ ବର୍ଷାରେ ମାୟାନଗରୀ ମୁମ୍ବାଇ ସ୍ଥିତି ବେହାଲ

### ଚେମ୍ବୁର ଓ ଭିକ୍ରୋଲିରେ କାନ୍ଥ ଭୁଷୁଡ଼ି ୨୩ ଜଣଙ୍କ ମୃତ୍ୟୁ : ଉଦ୍ଧାର କାମ ଜାରି

ମୁମ୍ବାଇ,୧୮/୦୭: ମୁମ୍ବାଇ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ମୁମ୍ବାଇର ଚେମ୍ବୁର ଅଂଚଳରେ କାନ୍ଥ ପଡ଼ି ୧୭ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ଭିକ୍ରୋଲିରେ ୬ଜଣଙ୍କର ମୃତ୍ୟୁ ହୋଇଛି । ଗତକାଲି ରାତିରେ ଏଭଳି ଘଟଣା ଘଟଇଥିବା ବେଳେ ଗୁରୁତର ଭାବେ ଆହତ ହୋଇଥିବା ଲୋକଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । କାନ୍ଥ ତଳେ କିଛି ଲୋକ ଫସିରହିଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ଉଦ୍ଧାର କାମ ଜାରି ରହିଛି । ସୂଚନା ଅନୁସାରେ ଗତ କିଛି ଦିନ ହେଲା ମୁମ୍ବାଇରେ ଲଗାଣ ବର୍ଷା ଜାରି ରହିଛି । ରାସ୍ତା ଘାଟ ଏବଂ ଟ୍ରେନ ଟ୍ରାକ୍ ମଧ୍ୟ ପାଣିରେ ବୁଡ଼ି ରହିଥିବା ଦେଖିବାକୁ ମିଳିଛି । ଏପରିକି ତଳିଆ ଅଂଚଳରେ ପାଣି ଜମି ରହିବା ଯୋଗୁଁ ଲୋକେ ଜଳବନ୍ଦି ଜୀବନ ବିତାଉଛନ୍ତି । ଲଗାଣ ବର୍ଷା ଯୋଗୁଁ ସହରର କିଛି କୋଠା ଏବଂ କାନ୍ଥ ଭୁଷୁଡ଼ି ୧୭ ଜଣଙ୍କର ପ୍ରାଣହାନୀ ହୋଇଛି । ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପାରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେହିପରି ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।



## ଡ୍ରିଲ୍ ଚାଲିଥିବା ବେଳେ ରେଡ୍ : ୧୦ ବନ୍ଧୁକ ଜବତ, ୨ ଗିରଫ

ଭୁବନେଶ୍ୱର,୧୮/୦୭(ନି.ପ୍ର): ଏକ ଚୋରା ବନ୍ଧୁକ ରାକେଟ୍‌ର ପର୍ଦ୍ଦାଫାସ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଏଥିରେ ୨ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ସେମାନଙ୍କ ଠାରୁ ୧୦ଟି ବନ୍ଧୁକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବସନ୍ତ ମହାରଣା ଓରଫ ବୁଟୁ ଓ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ ଓରଫ ଜଗା ଓରଫ ଜଗନ। ବସନ୍ତର ଘର ନୟାଗଡ଼ ଜିଲ୍ଲାର ରଣପୁରରେ ହୋଇଥିବା ବେଳେ କୃଷ୍ଣଚନ୍ଦ୍ରର ଘର ଖୋର୍ଦ୍ଧା ଟାଉନ୍‌ରେ। ବନ୍ଧୁକ କିଣାବିକା ପାଇଁ ଡ୍ରିଲ୍ ଚାଲିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ପକ୍ଷରୁ ଶନିବାର ଦିନ ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗାଁରେ ଚଢ଼ାଉ କରାଯାଇଥିଲା। ଆଉ ଏହି ଚଢ଼ାଉ ବେଳେ ଦୁଇ ଅଭିଯୁକ୍ତଙ୍କୁ ଧରିବା ସହିତ ୧୦ଟି ବନ୍ଧୁକ ଜବତ କରିଥିଲା ଏସ୍‌ଟିଏଫ୍। ବନ୍ଧୁକ ସହିତ ▶▶ପୃଷ୍ଠା ୭

## ସଂସଦର ମୌସୁମୀ ଅଧିବେଶନ ପାଇଁ ୩୦ଟି ରାଜନୈତିକ ଦଳ ସହ ଆଲୋଚନା କଲେ ମୋଦି

### ପ୍ରଧାନମନ୍ତ୍ରୀଙ୍କ ଆଗରେ ବିଜେଡି ଉଠାଇଲା ବିଧାନପରିଷଦ ଓ ମହିଳା ବିଲ୍ ପ୍ରସଙ୍ଗ

ନୂଆଦିଲ୍ଲୀ,୧୮/୦୭: ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ । ତେଲ ଦର ବୃଦ୍ଧି, କରୋନା ମୁକାବିଲାରେ ସରକାରଙ୍କ ବିଫଳତା ଆଦି ପ୍ରସଙ୍ଗକୁ ନେଇ ଏଥର ମୌସୁମୀ ଅଧିବେଶନରେ ଝଡ ଉଠିପାରେ । ଏହାପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ମୋଦି ସର୍ବଦଳୀୟ ବୈଠକ ଡକାଇ ୩୦ଟି ରାଜନୈତିକ ଦଳ ସହ ଆଲୋଚନା କରିଛନ୍ତି । ସେପଟେ ବିଜେଡି ପ୍ରଧାନମନ୍ତ୍ରୀଙ୍କ ଆଗରେ କହିଛି, ଏଥର କେନ୍ଦ୍ର ସରକାର ଓଡିଶା ବିଧାନ ପରିଷଦ ବିଲ୍ ଆଣନ୍ତୁ ଏବଂ ମହିଳା ସଂରକ୍ଷଣ ବିଲ୍ ମଧ୍ୟ ଆଣନ୍ତୁ । ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ତୋଫାନୀ ହେବ ବୋଲି ଆଶଙ୍କା କରାଯାଉଛି । ଆଉ ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ସବୁ ରାଜନୈତିକ ଦଳକୁ ଡାକି ବୈଠକ କରିଛନ୍ତି । ପ୍ରାୟ ୩୦ଟି ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିବା ଏହି ବୈଠକରେ ମୋଦି ଆଶ୍ୱାସନା ଦେଇଛନ୍ତି, ଯେ ସରକାର ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । କରୋନାର ଦ୍ୱିତୀୟ ଲହରରେ ଦେଶରେ ୪ ଲକ୍ଷ ୧୩ ହଜାର ଲୋକଙ୍କ ମୃତ୍ୟୁ ଓ ସରକାର ଉପରେ ଉଠୁଥିବା ପ୍ରଶ୍ନ ଏହି ଅଧିବେଶନରେ ଝଡ ସୃଷ୍ଟି କରିବ । ▶▶ପୃଷ୍ଠା ୭



## ଭୁବନେଶ୍ୱରରେ ୨୧ରୁ ଗର୍ଭବତୀଙ୍କୁ ଟିକା

ଭୁବନେଶ୍ୱର,୧୮/୦୭(ନି.ପ୍ର): ଭୁବନେଶ୍ୱରରେ ଗର୍ଭବତୀଙ୍କ ପାଇଁ ଜୁଲାଇ ୨୧ ତାରିଖରୁ ଟିକାକରଣ ଆରମ୍ଭ କରାଯିବ। ସେମାନଙ୍କୁ କୋଭାକ୍ସିନ୍ ଟିକା ଦିଆଯିବ। ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। କ୍ୟାପିଟାଲ୍ ହସ୍‌ପିଟାଲ୍ ସମେତ ଭୁବନେଶ୍ୱରରେ ଥିବା ସମସ୍ତ ୟୁପିଏଚ୍‌ସି (ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର) ଓ ୟୁସିଏଚ୍‌ସି (ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର)ରେ ଗର୍ଭବତୀମାନଙ୍କୁ ଟିକା ଦିଆଯିବ। ସପ୍ତାହରେ ଦୁଇ ଦିନ- ବୁଧବାର ଓ ଶନିବାର ସେମାନଙ୍କୁ ଟିକା ଦିଆଯିବ। ପୁଣି ବୁଧବାର ଓ ଶନିବାର କେବଳ ଦିନ ୧୧ଟାରୁ ୧ଟା ମଧ୍ୟରେ ସେମାନଙ୍କୁ ଟିକା ଦିଆଯିବ। ସେଠାରେ ଗର୍ଭବତୀମାନେ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ଟିକା ନେଇ ପାରିବେ। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ଦୈନିକ କରୋନା ସଂକ୍ରମଣ ୨ ହଜାର ଉପରେ ରହିଛି। ଲଗାତାର ୫ ଦିନ ହେଲେ ସଂକ୍ରମଣ ସଂଖ୍ୟା ୨ ହଜାର ଉପରେ ରହୁଥିବା ବେଳେ ସେଥି ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ସଂଖ୍ୟା ସର୍ବାଧିକ ରହୁଛି। ଅନ୍ୟପକ୍ଷରେ ଇତି ମଧ୍ୟରେ ଆଂଶିକ ଲକ୍‌ଡାଉନ୍ କଟକଣା ଆହୁରି କୋହଳ ହୋଇଯାଇଛି। 'ଏ' ବର୍ଗରେ ଥିବା ୨୦ଟି ଜିଲ୍ଲାରେ କଟକଣା କୋହଳ ସମୟକୁ ରାତି ୮ଟା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି।

## ମାଓ ସଂଗଠନକୁ ଶକ୍ତ ଝଟକା

## ଡିଜିପିଙ୍କ ଆଗରେ ଆତ୍ମସମର୍ପଣ କଲେ ୩ ମାଓବାଦୀ

ଭୁବନେଶ୍ୱର,୧୮/୦୭(ନି.ପ୍ର): ଲାଲଗଡରେ ପୋଲିସ ମହାନିର୍ଦ୍ଦେଶକ । କୋରାପୁଟରେ ଡ଼ିଜିପି ଅଭୟ । ଡ଼ିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ମାଓବାଦୀଙ୍କ ବୈପାରିଗୁଡ଼ା ଏରିଆ କମିଟିର ହାର୍ଡ଼ କୋର ମାଓନେତ୍ରୀ ତାଲସେ ହୁଇକା । ତାଲସେ ହୁଇକା ନାଁରେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ତାଲସେର ଘର ନାରାୟଣ ପାଟଣା ବ୍ଲକରେ । ସେ ୧୩ ବର୍ଷ ବୟସରେ ନକ୍ସଲଙ୍କ ଜନ ନାଟ୍ୟ ମଣ୍ଡଳୀ ଦ୍ୱାରା ପ୍ରଭାବିତ ହୋଇ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ । ୨୦୧୨ରେ ସେମାନଙ୍କ ଜନ ନାଟ୍ୟ ମଣ୍ଡଳୀରେ ସଦସ୍ୟ ହେବା ପରେ ତାଙ୍କର ସକ୍ରିୟତାକୁ ନେଇ ତାଲସେଙ୍କ ହାତରେ ୩୦୩ ରାଇଫଲ ଠାରୁ ଆରମ୍ଭ କରି ଇନସାସ ପର୍ଯ୍ୟନ୍ତ ବ୍ୟବହାର କରିଥିବା ଡ଼ିଜିପି ସୂଚନା ଦେଇଛନ୍ତି । ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ସଂଗଠନ ମୂଳକ ପଦକ୍ଷେପରେ ଆକର୍ଷିତ ହୋଇ ଆଜି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ତାଲସେ । ମାଓବାଦୀଙ୍କ ଗତିବିଧି ସ୍ଥିତି ସମୀକ୍ଷା କରିବା ପାଇଁ ବରିଷ୍ଠ ଆଇପିଏସ ଅଫିସରଙ୍କ ସହିତ ଗୋଟିଏ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଦୁର୍ଗମ ଟେମ୍ରୁପାଲିରେ ପହଁଚିଥିଲେ ଡିଜିପି । ମାଓବାଦୀଙ୍କୁ ନିପାତ କରିବା ଲାଗି ଟେମ୍ରୁପାଲି ଠାରେ ଅବସ୍ଥାପିତ ବିଏସଏଫ୍ କ୍ୟାମ୍ପରେ ସୁରକ୍ଷା କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି ଡିଜିପି । ଲାଲଗଡରେ ଶାନ୍ତି ଫେରାଇ ଆଣିବା ଲାଗି ଏହି ଅବସରରେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଡିଜିପି । ଡିଜିପିଙ୍କ ଏହି ଗସ୍ତରେ ଗୁଇନ୍ଦା ନିର୍ଦ୍ଦେଶକ, ଆଇଜି ଅପରେସନ, ଆଇଜି ବିଏସଏଫ, ଆଇଜି ହେଡକ୍ୱାର୍ଟର ଏବଂ କୋରାପୁଟ ଏସପି ସାମିଲ ହୋଇଛନ୍ତି । ସେପଟେ ମାଲକାନଗିରିରେ ଦୁଇ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ପୋଲିସ ଡ଼ିଜିପି ଅଭୟଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି ମାଓବାଦୀ । ଦୁଇ ମାଓବାଦୀ ହେଲେ ରେମି ପୋଡ଼ିଆମି ଓରଫ ସବିତା ଓ ରାଇଧର ଧୁରୁଆ । ଅନ୍ୟ ମାଓବାଦୀ ମାନଙ୍କୁ ଆତ୍ମସର୍ପଣ କରିବାକୁ ଅପିଲ କରିଛନ୍ତି ପୋଲିସ ଡ଼ିଜି ।

## ବାହୁଡା ପାଇଁ ପ୍ରସ୍ତୁତି : ଆସନ୍ତାକାଲି ଠାରୁ ପୁରୀ ସହରରେ ୪୮ ଘଣ୍ଟିଆ କର୍ଫ୍ୟୁ

ପୁରୀ,୧୮/୦୭(ନି.ପ୍ର): ବାହୁଡା ପାଇଁ ପୁରୀରେ ଜୋର ଧରିଲା ପ୍ରସ୍ତୁତି । ଆସନ୍ତାକାଲିଠାରୁ ପୁରୀ ସହରରେ ୪୮ ଘଣ୍ଟିଆ କର୍ଫ୍ୟୁ ଲାଗୁ ହେବ । ସିଲ୍ ହେବ ପୁରୀକୁ ସଂଯୋଗ କରୁଥିବା ତିନୋଟି ପ୍ରବେଶ ପଥ । ପୁରୀ ବଡଦାଣ୍ଡକୁ ଲାଗି କରି ରହିଥିବା ଘର ଗୁଡିକ ଉପରେ ଡ୍ରୋନ୍ ଜରିଆରେ ନଜର ରଖାଯିବ । ସେହିପରି ବଡଦାଣ୍ଡକୁ ଲାଗି ରହିଥିବା ଘର ଗୁଡିକର ପରବାର ଲୋକଙ୍କ ପ୍ରସ୍ତୁତ ହେଉଛି ତାଲିକା । ପରିବାର ସଦସ୍ୟ ବାଦ୍ ଅନ୍ୟ କୌଣସି ଲୋକଙ୍କ ଉପସ୍ଥିତି ନଜର ଆସିଲେ କଡା ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁରୀ ପ୍ରଶାସନ ସ୍ପଷ୍ଟ କରିଛି । ପୁରୀରେ ବଡଦାଣ୍ଡ ହୋଟେଲ, ଲଜ୍, ଧର୍ମଶାଳା ଆଜିଠୁ ୪ ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି । ରଥଯାତ୍ରା ସମୟରେ ବିଶୃଙ୍ଖଳା ଯେପରି ପୁନରାବୃତ୍ତି ନହେବ, ସେଥିପ୍ରତି ବାହୁଡା ଆଗରୁ ସମସ୍ତ ଦିଗ ପ୍ରତି ଧ୍ୟାନ ଦେଇଛି ପୁରୀ ପ୍ରଶାସନ । ବଡଦାଣ୍ଡକୁ ଲାଗି କରି ରହିଥିବା ଘର ଗୁଡିକରୁ ବାହାରି ଯେପରି କେହି ରଥଯାତ୍ରା ଦର୍ଶନ କରିପାରିବେ ନାହିଁ, ସେଥିପ୍ରତି କଡା ନଜର ଦିଆଯାଇଛି । ଏହି ଘର ଗୁଡିକ ଉପରେ ନଜର ରଖିବାକୁ ପୁରୀ ପୋଲିସ ଡ୍ରୋନ୍ ଉଡାଇବାକୁ ନିଷ୍ପତ୍ତି ନେଇଛି । ବାହୁଡା ଯାତ୍ରା ସମୟରେ କେବଳ ଜରୁରୀକାଳିନ ସେବାକୁ ବାଦ୍ ଦେଲେ ଅନ୍ୟ କୌଣସି ଗାଡିମୋଟର ଚଳାଚଳ କରିବ ନାହିଁ ବୋଲି ସ୍ପଷ୍ଟ କରିଛି ଜିଲ୍ଲା ପ୍ରଶାସନ । ଔଷଧ ଦୋକାନ ସହ ଅନ୍ୟାନ୍ୟ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଜୁଲାଇ ୧୯ ତାରି ରାତି ୮ଟାରୁ ଜୁଲାଇ ୨୧ ତାରିଖ ରାତି ୮ଟା ଯାଏଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ରଥଯାତ୍ରା ଭଳି ବାହୁଡା ଯାତ୍ରାରେ ବି କର୍ଫ୍ୟୁ ୪୮ ଘଂଟା ଜିଲ୍ଲାର ସମସ୍ତ ପ୍ରବେଶ ପଥରେ ନାକାବନ୍ଦୀ କରାଯିବ ।



## ଲଦାଖରେ ହେବ ଚାରି ନୂଆ ଏୟାରପୋର୍ଟ

### ଚୀନ୍ ସୀମା ପାଖରେ ୩୭ ଆଧୁନିକ ହେଲିପେଡ଼

ନୂଆଦିଲ୍ଲୀ,୧୮/୦୭ (ନି.ପ୍ର): କେନ୍ଦ୍ର ସରକାର ଲଦାଖ ପାଇଁ ମହତ୍ୱାକାଂକ୍ଷୀ ଏୟାର ସମ୍ପର୍କ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଏବେ ଲଦାଖର ସମସ୍ତ ଅଂଚଳ ଖୁବ୍‌ଶୀଘ୍ର ଏୟାରପୋର୍ଟକୁ ଯୋଡ଼ାଯିବ। ଲଦାଖର ଅଂଚଳରେ ଏୟାର ସମ୍ପର୍କ ବଢ଼ାଇବା ପାଇଁ ସରକାର କେନ୍ଦ୍ରଶାସିତ ପ୍ରଦେଶ ଲଦାଖରେ ଚାରିଟି ନୂଆ ଏୟାରପୋର୍ଟ ଏବଂ ୩୭ଟି ହେଲିପେଡ଼ ତିଆରି ପାଇଁ ଯୋଜନା କରିଛନ୍ତି। ଲଦାଖ ଅଂଚଳର ୬ଟି ଘାଟିକୁ ମଧ୍ୟ ଏୟାରପୋର୍ଟ ସହ ଯୋଡ଼ାଯିବ। ବର୍ତ୍ତମାନ ସମୟରେ ଲେହ ଏବଂ କାରଗିଲରେ ଏୟାରପୋର୍ଟ ଅଛି। ଏଥିରୁ କେତେକ ଏୟାରପୋର୍ଟ ଏ ବର୍ଷର ଶେଷ ଭିତରେ ଚାଲୁ ହେବାର ସମ୍ଭାବନା ରହିଛି। ଭାରତ-ଚୀନ୍ ମଧ୍ୟରେ ହେଉଥିବା ଗତିରୋଧ ମଧ୍ୟରେ ▶▶ପୃଷ୍ଠା ୭



## ହିଡେନ୍ କେସ୍ ପାଇଁ ଜୋରଦାର ହେବ ସର୍ଭେଲାନ୍ସ

ଭୁବନେଶ୍ୱର,୧୮/୦୭ (ନି.ପ୍ର): କରୋନା ଲକ୍ଷଣ ଦେଖାଗଲେ ମଧ୍ୟ ଅନେକ ଲୋକ ଟେଷ୍ଟ କରିବାକୁ ଆସୁନାହାନ୍ତି। ଯଦି ଜଣେ ଆସିବେ ନାହିଁ ଓ ତାଙ୍କର କଂଟାକ୍ଟ ଟ୍ରେସିଂ ହୋଇପାରିବ ନାହିଁ। ଏଭଳି ଅନେକ ହିଡେନ କେସ ମଧ୍ୟ ରହୁଛନ୍ତି। ଏଭଳି ଚିନ୍ତା ବ୍ୟକ୍ତ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି ଯେ ସରକାରଙ୍କ ନିଷ୍ପତି ଅନୁଯାୟୀ ୩ ମାସ ଇଂଟିଗ୍ରେଟେଡ୍ କରାଯିବ ।ଏହି ସମୟରେ ଡେଙ୍ଗୁ ମଧ୍ୟ ବଢ଼ିଥାଏ, ତେଣୁ ଡେଙ୍ଗୁ ଓ ଏନସିଡିର କିଛି ରୋଗକୁ ନେଇ ମଧ୍ୟ ସର୍ଭେଲାନ୍ସ କରାଯାଉଥିଲା। ଅଗଷ୍ଟ ପର୍ଯ୍ୟନ୍ତ ସର୍ଭେଲାନ୍ସ ଚାଲିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। କୋଭିଡ୍ ପାଇଁ ଆକ୍ଟିଭ ସର୍ଭେଲାନ୍ସ ଓ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ପାଇଁ ମଧ୍ୟ ଚାଲିବ। ଆଶା କର୍ମୀମାନଙ୍କ ▶▶ପୃଷ୍ଠା ୭

## ଘାଟିରେ ଶହେ ଫୁଟ୍ ତଳକୁ ଖସିଲା ଟ୍ରକ୍

ବରିପଦା ,୧୮/୦୭ (ନି.ପ୍ର): ଭାରସାମ୍ୟ ହରାଇ ଘାଟିରେ ଶହେ ଫୁଟ ତଳକୁ ଖସିଗଲା ଟ୍ରକ୍। ରବିବାର ଏହି ଦୁର୍ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦୁଆରଶୁଣୀ ଘାଟିରେ। ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭରଙ୍କର ମୃତ୍ୟୁ ଘଟିଥିବା ବେଳେ ହେଲ୍‌ପରଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟି କେନ୍ଦୁଝରରୁ କୋଲକାତା ଅଭିମୁଖେ ଯାଉଥିଲା। ଏଥିରେ ଲୁହା ପଥର ସହିତ କିଛି କେମିକାଲ୍ ଡବା ଲୋଡ୍ ହୋଇଥିଲା। ଟ୍ରକ୍‌ଟି ଭୋରରେ ଦୁର୍ଘଟଣାର ଶିକାର ହୋଇଥିଲା। ସକାଳେ ସ୍ଥାନୀୟ ଲୋକେ ପାହାଡ଼ ତଳେ ଏକ ଟ୍ରକ୍ ପଡ଼ିଥିବା ଦେଖି ପୁଲିସ୍ ଓ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଏହା ସହିତ ସେମାନେ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିବା ହେଲ୍‌ପରଙ୍କୁ ଉଦ୍ଧାର କରିଥିଲେ।

## ବିଜେପି ମହିଳା ମୋର୍ଚ୍ଚାର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

### ବିଜେପିକୁ ଆଗକୁ ନେବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରୁ ମହିଳା ମୋର୍ଚ୍ଚା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୮/୦୭ (ନି.ପ୍ର): ସମାଜରେ ଯେ ପର୍ଯ୍ୟନ୍ତ ମହିଳା ମାନଙ୍କୁ ନେତୃତ୍ୱ ନେବାର ଅଧିକାର ଦିଆଯିବ ନାହିଁ ସେ ପର୍ଯ୍ୟନ୍ତ ମହିଳାଙ୍କ ସଶକ୍ତିକରଣ ଏବଂ ସମାଜର ଅଗ୍ରଗତି ହେବ ନାହିଁ। ଏହି ପରିପ୍ରେକ୍ଷୀରେ ଦଳର ପରିବର୍ଦ୍ଧିତ ରୂପ ଦେବା ତଥା ଦଳର ସ୍ଥିତିକୁ ଆଗକୁ ନେବା ଏବଂ ସଂଗଠନକୁ ମଜବୁତ୍ କରିବାରେ ମହିଳା ମୋର୍ଚ୍ଚାର ଭୂମିକା, ସଂଘର୍ଷ, ପରିଶ୍ରମର ଯୋଗଦାନ ଅତୁଳନୀୟ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଜେପି ମହିଳା ମୋର୍ଚ୍ଚାର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟରେ ମହିଳା ଭୋଟରଙ୍କ ବଡ଼ ଯୋଗଦାନ ରହିଥିବା ବେଳେ ଆଗାମୀ ଦିନରେ ମହିଳାଙ୍କ ନେତୃତ୍ୱରେ ହିଁ ଅପେକ୍ଷିତ ରାଜନୈତିକ ପରିବର୍ତ୍ତନ ଘଟିବ । ସେଥିପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରିବା ତଥା ଦଳର ଢାଂଚାଗତ ବିକାଶ କରିବା ପାଇଁ ମହିଳା ମୋର୍ଚ୍ଚା ▶▶ପୃଷ୍ଠା ୭



## ୮ ଟ୍ରେନ୍ ବାତିଲ

ଭୁବନେଶ୍ୱର,୧୮/୦୭(ନି.ପ୍ର): କୋଟଭାଲାସା-ପାଲାସା ରେଳ ସେକ୍ସନର ଆଲମଣ୍ଡା ଏବଂ କୋରୁକୋଣ୍ଡା ଷ୍ଟେସନ୍ ମଧ୍ୟରେ ସୀମିତ ଉଚ୍ଚତା ବିଶିଷ୍ଟ ଉପାମାର୍ଗ ନିର୍ମାଣ ପାଇଁ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି ୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ବିଶେଷ ଟ୍ରେନ ଭୁବନେଶ୍ୱର ରୁ ଜୁଲାଇ ମାସ ୨୦ ତାରିଖ ଦିନ ବାତିଲ ରହିବ । ସେହିପରି ୦୮୪୬୩ ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ବିଶେଷ ଟ୍ରେନ ଭୁବନେଶ୍ୱରରୁ ଏବଂ ୦୭୨୪୪ ରାୟଗଡା-ଗୁଂଟୁର ବିଶେଷ ଟ୍ରେନ ରାୟଗଡାରୁ ଜୁଲାଇ ମାସ ୧୯ ତାରିଖ ଦିନ ବାତିଲ ରହିବ । ୦୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ବିଶେଷ ଟ୍ରେନ ସିକନ୍ଦରାବାଦରୁ, ଚେନ୍ନାଇରୁ ୦୨୮୨୨ ଚେନ୍ନାଇ-ହାଓଡ଼ା ବିଶେଷ ଟ୍ରେନ, ଭାସ୍କୋରୁ ୦୮୦୪୮ ଭାସ୍କୋ-ହାଓଡ଼ା ବିଶେଷ ଟ୍ରେନ, ଗୁଂଟୁରରୁ ୦୭୨୪୩ ଗୁଂଟୁର-ରାୟାଗଡା ବିଶେଷ ଟ୍ରେନ ଏବଂ ହାଓଡ଼ାରୁ ୦୨୮୭୩ ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ ବାତିଲ ରହିବ। ୦୮୪୯୫ ରାମେଶ୍ୱରମ-ଭୁବନେଶ୍ୱର ସ୍ପେଶାଲ ଏବଂ ୦୮୪୬୪ ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ସ୍ପେଶାଲ ଯଥାକ୍ରମେ ରାମେଶ୍ୱରମ ଓ ବାଙ୍ଗାଲୋରରୁ ଜୁଲାଇ ମାସ ୧୮ ତାରିଖ ଦିନ ଏବଂ ହାଓଡ଼ା-ପଣ୍ଡିଚେରୀ ସ୍ପେଶାଲ ଏବଂ ୦୨୮୨୧ ହାଓଡ଼ା-ଚେନ୍ନାଇ ସ୍ପେଶାଲ ହାଓଡ଼ା ଠାରୁ ଜୁଲାଇ ମାସ ୧୯ ତାରିଖ ଦିନ ସର୍ବନିମ୍ନ ଅଧା ଘଂଟାରୁ ସର୍ବାଧିକ ଦେଢ଼ଘଂଟା ବିଳମ୍ବରେ ଛାଡିବ।

# ବିଶ୍ୱ ହିନ୍ଦୁ ପରିଷଦ ଓ ଭଦ୍ରକ ନଗର ପକ୍ଷରୁ ମା' ଭଦ୍ରକାଳୀଙ୍କ ପୀଠରେ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଭଦ୍ରକ,୧୮/୭ (ନି.ପ୍ର): ପରିବେଶର ସନ୍ତୁଳନ ରକ୍ଷା ହେବା ଏବଂ ପ୍ରଦୂଷଣକୁ ମୁକ୍ତ ରଖିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ, ଭଦ୍ରକ ନଗର ପକ୍ଷରୁ ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠ ପରିସରରେ ବୃକ୍ଷରୋପଣ ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ପୁନିଲ କୁମାର ସାମନ୍ତଙ୍କ ନେତୃତ୍ୱରେ ୩୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ପୀଠ ପରିସରରେ ମୂଲ୍ୟବାନ ଫୁଲ ଗଛ, ନିମ୍ବ ଗଛ, ବର ଅଶ୍ୱସ୍ଥ ଗଛ ରୋପଣ କରାଯାଇଥିଲା। ସୁସ୍ଥ ପରିବେଶ ଗଠନ ନିମନ୍ତେ ଜଳ ସେଚନ, ବ୍ଲିଚିଂ ପାଉଡର ଓ ଫିନାଇଲ ସିଞ୍ଚନ କରାଯାଇ ପରିସରକୁ ପରିଷ୍କାର କରାଯାଇଥିଲା। ସେବା ମାଧ୍ୟମରେ ଭଗବତ କାର୍ଯ୍ୟ ହୁଏ ବୋଲି ପରିଷଦର ଜିଲ୍ଲା ଉପ ସଭାପତି ନିରଞ୍ଜନ ସାହୁ ପ୍ରକାଶ କରିଥିବା ବେଳେ ବୃକ୍ଷର ମାହାତ୍ମ୍ୟ ଓ ପରିବେଶ ସନ୍ତୁଳନ ସମ୍ବନ୍ଧରେ ବଜରଙ୍ଗ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱାଧୀନ ସୁନ୍ଦର ଦାସ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିବେଶର ଆବଶ୍ୟକୀୟ ଅମ୍ଳଜାନ ନିମନ୍ତେ ଜଣେ କାର୍ଯ୍ୟକର୍ତ୍ତା ଗୋଟିଏ ବୃକ୍ଷ ରୋପଣ ପାଇଁ ପରିଷଦ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସତସଙ୍ଗ ସହପ୍ରମୁଖ ଗୋବିନ୍ଦ ରାଉତ, ଆର.ଏସ.ଏସ ର ବାଲେଶ୍ୱର ବିଭାଗ ଶାରୀରିକ ପ୍ରମୁଖ ସୁବ୍ରତ ନାୟକ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ ଲେଙ୍କା, ବରିଷ୍ଠ କାର୍ଯ୍ୟକର୍ତ୍ତା ହୃଷିକେଶ ନାଥ, ଭଦ୍ରକ ନଗର ସମ୍ପାଦକ ମହେଶ୍ୱର ବେହେରା, ବଜରଙ୍ଗ ଦଳର ଚନ୍ଦନ ଦାସ, କାହ୍ନା ପ୍ରସାଦ ଖୁଣ୍ଟିଆ, ସନ୍ତୋଷ ନାୟକ, ତାପଜ ସାହୁ, ଗିରିଜା ପଣ୍ଡା, ମୁକେଶ ବାରିକ, ବିକ୍ରମ ମହାପାତ୍ର, ମିଳନ ବଳ, କଟିଆ ପଲେଇ, ମଦନ ବାରିକ, ପ୍ରଶାନ୍ତ ମଲ୍ଲିକ, ପ୍ରଶାନ୍ତ ସିଂହ, ମାନସ ବାରିକ, ଆଲୋକ ବେହେରା, ସୂରଜ ଦାସ, ସୂରଜ ରାମ ଓ ରାହୁଲ ଦେବ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# କୋଭିଡ ସ୍ଥିତି ନେଇ ସମୀକ୍ଷା: ଜିଲ୍ଲାରେ ବୃଦ୍ଧି ପାଉଛି ଗ୍ରୀନ ଜୋନ-ଜିଲାପାଳ

ଖୋର୍ଦ୍ଧା,୧୮/୭ (ନି.ପ୍ର): ଜିଲାରେ କରୋନା ସ୍ଥିତି ଓ ସୁପରିଚାଳନା ପାଇଁ ଜିଲାପାଳ ସନତ ମହାନ୍ତିଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ମୋଡ଼ରେ ସମୀକ୍ଷା କରିଛନ୍ତି। ଏଥିରେ ପଜେଟିଭ ହାର କମ ଥିବା ବେଳେ ଜୁଲାଇ ପ୍ରଥମ ସପ୍ତାହରେ ସଂକ୍ରମଣ ହାର ହ୍ରାସ ପାଇଛି। ଏପରିକି ଜିଲାରେ ୨.୩୧ପ୍ରତିଶତ ପଜେଟିଭ ହାର ରହିଛି। ତେବେ ଗ୍ରାମାଂଚଳରେ ସଂକ୍ରମଣ ହ୍ରାସ ପାଇଥିବା ବେଳେ ବର୍ତମାନ ୪୫୪ ଆକ୍ଟିଭ କେଶ ଥିବା ଜିଲାପାଳ କହିଛନ୍ତି।ସେ ଆହୁରି ମଧ କହିଛନ୍ତି । ଜିଲ୍ଲାର ବାଣପୁର ଓ ଚିଲିକାର ଥିବା ଗ୍ରୀନ ଜୋନ ବୃଦ୍ଧି ପାଇଛି। ଏପରିକି ଅନ୍ୟ ସ୍ଥାନ ମାନଙ୍କରେ ମଧ ଗ୍ରୀନ ଜୋନ ସଂଖ୍ୟା ବୃଦ୍ଧି ପାଉଛି। କରୋନା ପଜେଟିଭ ଥିବା ଅଂଚଳକୁ ମଇକ୍ରୋ କଂଟେନମେଂଟ ଜୋନ କରିବାକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି କଟକଣା ମାନିବା ସହିତ ଏନଫୋର୍ସମୋଟ କଡାକଡି କରିବା ପାଇଁ କହିଥିଲେ। ତେବେ ବିଏମସିକୁ ବାଦ ଦେଲେ ଖୋର୍ଦ୍ଧା ଜିଲ୍ଲାରେ ଅନ୍ୟ ସ୍ଥାନ ମାନଙ୍କରୁ ଏନଫୋର୍ସମେଂଟ ଟିମ ଫାଇନ ବାବଦକୁ ୨୯ ଲକ୍ଷ୫୮ହଜାର୨୪୫ ଟଙ୍କା ଆଦାୟ କରିଛି। ଜିଲାରେ ଅଧିକରୁ ଅଧିକ ମାତ୍ରାରେ ଟେଷ୍ଟିଙ୍ଗ ଓ ଟୀକାକରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ତେବେ ବ୍ଲକରେ ଦୈନିକ ୩୦୦ ଓ ଜିଲ୍ଲାରେ ୩୦୦୦ ଟେଷ୍ଟିଙ୍ଗ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଭର୍ଚୁଆଲ ବୈଠକରେ କହିଥିଲେ। ସେହିପରି ମୁଖ୍ୟ ଚିକିତ୍ସାଧିକାରୀ ଓ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ କରୋନା ସଂକ୍ରମଣ ବାବଦରେ ସୂଚନା ଦେଇଥିଲେ। ତେବେ ବିଏମସି କୁ ବାଦ ଦେଲେ ବର୍ତମାନ ଜିଲାରେ ୩ଲକ୍ଷ ୨୯ହଜାର ୭୧୭ ଜଣକୁ ଟୀକାକରଣ କରାଯାଇଛି। ସେହିପରି ଗର୍ଭବତୀ ମହିଳାମାନଙ୍କୁ ଟୀକା ଦିଆଯାଉଛି। ଏପରିକି କରୋନା ଆକ୍ରାନ୍ତ ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ହେଲ୍ପ ଡେସ୍କ ଉପଯୋଗ କରିବା ପାଇଁ ଭର୍ଚୁଆଲ ବୈଠକରେ ଜିଲାପାଳ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଅନୁଜ ଦାସ ପଟ୍ଟନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଭୁବନେଶ୍ୱର ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପଜିଲ୍ଲାପାଳ ଖୋର୍ଦ୍ଧା ଆଇ. ଗୌରବ ଶିବାଜୀ, ଉପଜିଲ୍ଲାପାଳ ଭୁବନେଶ୍ୱର ଦେବବ୍ରତ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱ ରଞ୍ଜନ ପତି, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା ଦ୍ୱାରିକା ନାଥ ଶତପଥୀ, ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଜୀବନ୍ତ ଆଚାର୍ଯ୍ୟଙ୍କ ସମେତ ପ୍ରତ୍ୟେକ ବ୍ଲକର ବିଡ଼ିଓ, ତହସିଲଦାର ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆର ଏଣ୍ଡ ବି କର୍ମଚାରୀଙ୍କ କରୋନାରେ ମୃତ

କୋରେଇ,୧୮/୭ (ନି.ପ୍ର): ପାଣିକୋଇଲି ରାସ୍ତା ଓ ଗୃହ ନିର୍ମାଣ ବିଭାଗର କାର୍ଯ୍ୟରତ କର୍ମଚାରୀ ତଥା ପଥରପଦା ପଂଚାୟତ ଅନ୍ତର୍ଗତ ଦାମୋଦରପୁର ନିବାସୀ ରଙ୍ଗାଧର ସାହୁଙ୍କ ପୁଅ ସୁରେନ୍ଦ୍ର ସାହୁ(୫୮)ଙ୍କର କରୋନା ଯୋଗୁ ମୃତ୍ୟୁ ଘଟିଛି । ୰ ସୁରେନ୍ଦ୍ର କରୋନା ଆକ୍ରାନ୍ତ ହେବା ପରେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ଟାଟା ମେଡିକା କରୋନା ହସପିଟାଲରେ ଭର୍ତି କରାଯାଇଥିଲା । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମରଶରୀରକୁ ଯାଜପୁର ମହଶସ୍ମାନରେ ଶବଦାହ କରାଯାଇଛି । ତାଙ୍କ ମୃତ୍ୟୁରେ ପାଣିକୋଇଲି ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ସମାଜସେବୀ ଜଗନ୍ନାଥ କରଙ୍କ ବିୟୋଗରେ ଶୋକ

ଧର୍ମଶାଳା,୧୮/୭ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ଭଅଁରା ପଂଚାୟତ ଭୁରୁଙ୍ଗା ଗ୍ରାମର ସମାଜସେବୀ ତଥା ଗ୍ରାମ ମୁରବୀ ଜଗନ୍ନାଥ କରଙ୍କ ୯୨ ବର୍ଷ ବୟସରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି । ତାଙ୍କ ପରଲୋକର ଖବର ପ୍ରଚାରିତ ହେବା ପରେ ପଂଚାୟତରେ ଶୋକର ଛାୟା ଖେଳିଯାଇଛି । ପରଲୋକର ଖବର ପାଇ ସ୍ଥାନୀୟ ଅଂଚଳରୁ ବହୁ ମୁରବୀ, ଶିକ୍ଷାବତ୍ ଓ ଲୋକ ପ୍ରତିନିଧି ତାଙ୍କ ବାସଭବନଠାରେ ପଂହଚି ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ କର ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ବହୁ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କ ବିୟୋଗରେ ଡ. ରାଜ କିଶୋର ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ ଦୁଃଶାସନ ଜେନା, ଶ୍ରୀକାନ୍ତ ଷଡଙ୍ଗୀ, ବିଜୟ କୁମାର ଜେନା, ନରେନ୍ଦ୍ର କୁମାର ପଣ୍ଡା, ଶ୍ୟାମସୁନ୍ଦର ବାରିକ, ମହେଶ୍ୱର ପଲାଇ,ଚନ୍ଦ୍ରଧର ବାରିକ, ବସନ୍ତ କୁମାର ଜେନା, ପୂର୍ବତନ ସରପଂଚ ଆନନ୍ଦ ଚେନ୍ଦ୍ର ଜେନା, ଅକ୍ଷୟ କୁମାର ଷଡଙ୍ଗୀ, ଚକ୍ରଧର କର, କ୍ଷେତ୍ରବାସୀ ସ୍ୱାଇଁ, ଗାୟକ ପିତାମ୍ବର କର ଓ ପ୍ରଶାନ୍ତ ଦାସଙ୍କ ସମେତ ବହୁ ପ୍ରମୁଖ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ଜଙ୍ଘାର ଗ୍ରାମରେ ହନୁମାଙ୍କଡ଼ର ଆତଙ୍କ: ମାଙ୍କଡ କାମୁଡାରେ ବହୁଲୋକ ଆହତ

କଣାସ,୧୮/୭ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଅଣ୍ଡାଳିସିଂହ ଗ୍ରାମପଚାଂୟତର ଜଙ୍ଘାର ଗ୍ରାମରେ ଆଜକୁ ୧୦ ଦିନ ହେଲା ଗୋଟିଏ ହନୁମାଙ୍କଡ ଆତଙ୍କ ସୃଷ୍ଟି କରିଛି । ହନୁମାଙ୍କଡ ଭୟରେ ଘରୁ କୌଣସି ପିଲା ବାହାରକୁ ବାହାରୁ ନାହାନ୍ତି । ଜଙ୍ଘାର ଗ୍ରାମର ସାଗର ବେହେରା, ପ୍ରଭାସ ବଡଜେନା, ଅଜୟ ସାହୁ, ତ୍ରିନାଥ ସ୍ୱାଇଁ, ରୁଦ୍ରପୁର ଗ୍ରାମର ନିରଞ୍ଜନ ଜେନା ଏବଂ ରାସ୍ତାରେ ଯାଉଥିବା ଅନେକ ବାଟୋଇଙ୍କୁ ମାଙ୍କଡ଼ଟି କାମୁଡି ଆହାତ କରିବାରୁ ସେମାନେ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବନବିଭାଗ କର୍ମଚାରୀମାନଙ୍କୁ ମାଙ୍କଡ ଉପଦ୍ରବ ବିଷୟରେ ଗ୍ରାମବାସୀମାନେ ବାରମ୍ବାର ଟେଲିଫୋନ କରି ଜଣାଇଲେ ମଧ ସେମାନେ ମାଙ୍କଡଟିକୁ ଧରିନେଉ ନ ଥିବାରୁ ଗ୍ରାମରେ ମାଙ୍କଡକୁ ନେଇ କୋକୁଆଭୟ ସୃଷ୍ଟି ହୋଇଛି । ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀମାନେ ନିବେଦନ କରିଛନ୍ତି । ପ୍ରକାଶ ଥାଉ କି, ବରୁଣେଇ ଏବଂ ଚନ୍ଦକା ଜଙ୍ଗଲରୁ ଗଛକାଟି ପଦା ହେବାରୁ ମାଙ୍କଡମାନେ ପଲ ପଲ ହୋଇ ଖାଦ୍ୟ ଓ ଜଳ ଅନ୍ୱେଷଣରେ କଣାସ ଅଂଚଳର ବିଭିନ୍ନ ଗ୍ରାମକୁ ପଶି ଆସିବା ସହ ସେଠାରେ ଆତଙ୍କ ସୃଷ୍ଟି କରୁଛନ୍ତି । ଏପରିକି ଗାଁ ଗହଳିର ବାଡିବଗିଚାରେ ଚାଷ ହୋଇଥିବା ବିଭିନ୍ନ ପନିପରିବା ଫସଲକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି ।

# ବାଇକକୁ ଧକ୍କା ଦେଲା ଟ୍ରକ: ବାଇକ ଚାଳକ ଗୁରୁତର

କୋରେଇ,୧୮/୭ (ନି.ପ୍ର): ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି -ଯାଜପୁର ରୋଡ ରାସ୍ତାର ଅଢେିବାଟିଆ ଛକ ନିକଟରେ ଆଜି ସକାଳ ୮ଟା ବେଳେ ରାସ୍ତା ପାର ହେଉଥିବା ବେଳେ ଏକ ବାଇକ ଆରୋହୀ ଉପରେ ରଙ୍ଗରୁଟରେ ଆସି ଟ୍ରକ ମାଡି ଯିବାରୁ ଟ୍ରକ ତଳେ ପଶି ଆରୋହୀ ଗୁରୁତର ଆହତ ହେବା ସହ ବାଇକଟି ଚୁରମାର ହୋଇଛି । ପ୍ରକାଶଯେ ଅଳତିରି ଚାନ୍ଦପୁର ଠାରେ ଘରଭଡା ନେଇ ରହୁଥିବା ଇଲେକ୍ଟ୍ରି ମିସ୍ତ୍ରୀ ଭାବେ କାମ କରୁଥିବା କଟକ ଜିଲ୍ଲା ବଡମ୍ବାର ମନ୍ଦରଧର ଭାରତୀଙ୍କ ପୁଅ ନକୁଳ ଓରଫ ବିପିନ (୩୨) ଆଜି ସକାଳୁ ତାଙ୍କ ପାସିଅନ ବାଇକ (ଓଡି୩୪ ଡି୫୨୭) ଯୋଗେ ଅଢେଇବାଟିଆ ଛକ ନିକଟରେ ରାସ୍ତା ପାର ହେଉଥିବା ବେଳେ ବିପରିତ ଦିଗରୁ ରଙ୍ଗରୁଟରେ ଏକ ଟ୍ରକ (ଓଆର୦୯ଇ୧୯୯୬) ଆସି ତାଙ୍କୁ ଧକ୍କା ଦେଇଥିଲା ଫଳରେ ବାଇକ ସହ ଟ୍ରକ ଚକାତଳେ ପଡିଥିବା ବିପିନକୁ ୨୦ ଫୁଟ ଆଗକୁ ଘୋଡାଇ ନେଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ତାକୁ ବାହାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ତାର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥଳେ ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରିବା ସହ ମାମଲାର ତଦନ୍ତ ଜାରି ରଖିଛି ।

# ଗ୍ରାହକଙ୍କୁ ଠକି ଡଣ୍ଡ ଗଣିଲେ ଦାରିଙ୍ଗବାଡି ହୀରୋ ଶୋରୁମର ମାଲିକ

କନ୍ଧମାଳ,୧୮/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଠାରେ ଥିବା ନାରାୟଣୀ ହୀରୋ ଶୋରୁମର ମାଲିକ ଜଣେ ଗ୍ରାହକଲଙ୍କୁ ଦୁଇଚକିଆ ଯାନର ଇଞ୍ଜିନ ଅଏଲକୁ ସେଥିରେ ଛାପାଯାଇଥିବା ଦାମ ଠାରୁ ଅଧିକ ଦାମ ନେଇ ଗ୍ରାହକଙ୍କୁ ଠକୁଥିବା ଯୋଗୁ ଠକାମୀର ଶୀକାର ଜଣେ ଗ୍ରାହକଙ୍କ ଦ୍ୱାରା ଖାଉଟି ବିବାଦ ସମାଧାନ କେନ୍ଦ୍ରରେ ଅଭିଯୋଗ କରିବା ପରେ ଶୋରୁମ ମାଲିକ ଉକ୍ତ ଗ୍ରାହକ ଦୀନବନ୍ଧୁ ମହାରଣାଙ୍କୁ ୫ ହଜାର ଟଙ୍କାର ଜରିମାନା ଗଣିଛନ୍ତି । ସୂଚନା ଅନୁସାରେ ଗତ ୩ ତାରିଖ ଦିନ ଦୀନବନ୍ଧୁ ମହାରଣାଙ୍କ ନିକଟରୁ ଉକ୍ତ ଶୋରୁମ ମ୍ୟାନେଜର ଏକ ଇଞ୍ଜିନ ଅଏଲ ବାବଦକୁ ଅଧିକ ଟଙ୍କା ନେଇଥିଲା । ଏ ନେଇ ଦୀନବନ୍ଧୁ ତାଙ୍କୁ ଏହି ବିଷୟରେ ଅଭିଯୋଗ କରିବାରୁ ମ୍ୟାନେଜର ତାଙ୍କୁ ଅସମ୍ମାନ କରିବା ସହିତ ତାଙ୍କୁ ଅସଦାଚରଣ କରିଥିଲେ । ତେଣୁ ଦୀନବନ୍ଧୁ ଜିଲ୍ଲା ଖାଉଟି ବିବାଦ ପରାମର୍ଶ କେନ୍ଦ୍ରରେ ଅଭିଯୋଗ କରିବା ପରେ ଶୁକ୍ରବାର ଦିନ ଏହାର ବିଚାରଣା କରାଯାଇ ଶୋରୁମର ମାଲିକଙ୍କୁ ୫ ହଜାର ଟଙ୍କା ଫାଇନ କରାଯାଇଛି । ସେଥିପାଇଁ ଶୋ ରୁମର ମାଲିକ ଗ୍ରାହକଙ୍କୁ ୫୧୬୦ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ମହାକାଳପଡା ଓ ରାଜନଗରରେ ଖୋଲାଯିବ ମତ୍ସ୍ୟ ଅବତରଣ କେନ୍ଦ୍ର

କେନ୍ଦ୍ରାପଡ଼ା,୧୮/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଓ ରାଜନଗର ବ୍ଲକରେ ମତ୍ସ୍ୟ ଅବତରଣ କେନ୍ଦ୍ର ଖୋଲାଯିବା ପାଇଁ ନିଷ୍ପତି ନିଆଯାଇଛି। ବିଭାଗର ଏକ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇ ମତ୍ସଜୀବିଙ୍କ ସୁବିଧା ପାଇଁ ଓ ବ୍ୟବସାୟର ସଂପ୍ରସାରଣ ପାଇଁ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ଏହି ଅବତରଣ କେନ୍ଦ୍ର ଖୋଲାଯିବ । ଏହାସହ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରାଂଚଳରେ ଥିବା ମାଛ ମାର୍କେଟ୍‌କୁ ଆଧୁନିକରଣ କରାଯିବ । ଏସ୍ଏଚ୍‌ଜି ଗ୍ରୁପ ଦ୍ୱାରା ଗ୍ରାମ ପଂଚାୟତ ଟ୍ୟାଙ୍କରେ ମାଛଚାଷ ସହିତ ତାରପୋଲିନ ଦିଆ ସିମେଂଟ କୁଣ୍ଡରେ ମାଛ ଚାଷ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିସହିତ ସରକାରୀ ମାଛ ଫାର୍ମର ପୁନଃରୁଦ୍ଧାର କରି ମାଛ ଓ ଜାଆଁଳ ଉତ୍ପାଦନ କରାଯିବ।

# ବିଜେପିର ଇ-ଚିନ୍ତନ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୮/୭ (ନି.ପ୍ର): କେନ୍ଦ୍ରାପଡା ବିଜେପି ପାର୍ଟି ତରଫରୁ ରାଷ୍ଟ୍ରୀୟ ସୁରକ୍ଷା ଆମ ସଂକଳ୍ପ ଶୀର୍ଷକ ବିଷୟରେ ଚତୁର୍ଥ ଇ-ଚିନ୍ତନ ପ୍ରଶିକ୍ଷଣ ବର୍ଗ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ବୈଠକରେ ବୈଦନାଥ ଚାଟାର୍ଜୀଙ୍କ ସଂଯୋଜନାରେ ପୂର୍ବତନ ରାଜ୍ୟ ସଂପାଦକ ତଥା ରାଜ୍ୟ ପ୍ରବକ୍ତା ଧିରେନ କୁମାର ସେନାପତି ଯୋଗ ଦେଇ ଦେଶର ଅନ୍ତରୀଣ ଓ ବାହ୍ୟ ସୁରକ୍ଷା କ୍ଷେତ୍ରରେ ମୋଦୀ ସରକାରଙ୍କର ଉଲ୍ଲେଖନୀୟ ଅବଦାନ ସ୍ୱରୂପ, ସାମରିକ କ୍ଷେତ୍ରରେ ଦେଶରେ ଅତ୍ୟାଧୁନିକ ପ୍ରଭାବୀ ଅସ୍ତ୍ରଶସ୍ତ୍ର କ୍ଷୟ ସେନାକୁ ଅଧିକ ସହାୟତା ପ୍ରଦାନ, ପଡୋଶୀ ରାଷ୍ଟ୍ର ମାନଙ୍କ ସହିତ ସୁସଂପର୍କ ସ୍ଥାପନ, କାଶ୍ମିରୀ ରୁ ୩୭୦ ଓ ୩୫(କ) ଧାରା ଉଚ୍ଛେଦ, ଆତଙ୍କବାଦ, ନକ୍ସଲ, ମାଓବାଦୀ ସମସ୍ୟାର ସଫଳ ମୁକାବିଲା ପ୍ରଭୃତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ସମସ୍ତ ନେତାକର୍ମୀଙ୍କ ସହିତ ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ଓ ନେହେରୁ କୁମାର ସାହୁ ଉପସ୍ଥିତ ଥିଲେ।

# ସମ୍ବର ମାଂସ ବିକ୍ରୀ ବେଳେ ଚଢ଼ଉ: ୨୫ କେଜି ସମ୍ବର ମାଂସ ଜବତ, ଜଣେ ଗିରଫ

ବୌଦ୍ଧ,୧୮/୭ (ନି.ପ୍ର): ବୌଦ୍ଧ ଜିଲ୍ଲା ଝାରଖମଣ ଗ୍ରାମରେ ଜଙ୍ଗଲି ସମ୍ବର ମାଂସ ବିକ୍ରୀ କରାଯାଉଥିବା ବେଳେ ସେଠାରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ପୁରୁଣା କଟକ ରେଞ୍ଜ୍ ପକ୍ଷରୁ ଚଢ଼ଉ କରାଯାଇ ୨୫ କେଜି ସମ୍ବର ମାଂସ ଜବତ କରାଯିବା ସହ ମାଂସ ବିକ୍ରୀ କରୁଥିବା ସନ୍ତୋଷ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଆଜି ଭୋର୍ ସମୟରେ ଝାରଖମଣ ଗ୍ରାମରେ ସନ୍ତୋଷ ନିଜ ଘରେ ସମ୍ବର ମାଂସ ପଲିଥିନରେ ବାନ୍ଧି ବିକ୍ରୀ କରୁଥିବା ନେଇ ବନ ବିଭାଗ ଖବର ପାଇଥିଲା । ବୌଦ୍ଧ ବନ ସଂରକ୍ଷକଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମାଂସ ପଲିଥିନ ପୁଡିଆ ଜବତ କରାଯାଇଛି । ତଦନ୍ତ ପରେ ବନ ବିଭାଗ ଘଟଣାରେ ଜଡ଼ିତ ଶିକାରୀ ମାନଙ୍କୁ ଧରିବା ପାଇଁ ୱାଇଲ୍ଡ ଲାଇଫ୍ ଓ ପୋଲିସର ସହାୟତା ନେଇଛି ।

# ବେଆଇନ ଗୋରୁଚାଲାଣ : ନାଟୁଣୀରୁ ୨ ଟି ଗାଡି ଜବତ ହେବା ସହ ଉଦ୍ଧାର ହେଲେ ୧୧ ମଇଁଷି, ୩ ଗିରଫ

ଖୋର୍ଦ୍ଧା,୧୮/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଗୋରୁଚାଲାଣ ବଢୁଥିବାବେଳେ ପୋଲିସ ମଧ ବାରମ୍ବାର ଗୋମାଫିଆମାନଙ୍କ ଉପରେ ବିଭିନ୍ନ ସମୟରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଆଜି ନାଟୁଣୀ ଫାଣ୍ଡି ପୋଲିସ ୧୧ ଟି ମଇଁଷିକୁ ଉଦ୍ଧାର କରିବା ସହ ଦୁଇ ଗୋଟି ଭ୍ୟାନ ସମେତ ତିନି ଜଣଙ୍କୁ ଗିରଫ କରିଛି।ସୂଚନା ଅନୁଯାୟୀ ଶନିବାର ବାଲୁଗାଁ ଏସଡ଼ିପିଓ ମାନସ ରଞ୍ଜନ ବାରିକ ଭୂଷଣ୍ଡପୁର ଅଞ୍ଚଳରୁ ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଅଂଚଳର ପାଣ୍ଡିଆ ଗ୍ରାମକୁ ବେଆଇନ ମଇଁଷି ବୋଝେଇ ଗାଡ଼ି ଯାଉଥିବାର ସୂଚନା ପାଇଥିଲେ। ସଙ୍ଗେ ସଙ୍ଗେ ଏନେଇ ଏସଡ଼ିପିଓ ଖୋର୍ଦ୍ଧା ଏସପି ରାଜକିଶୋର ଦୋରାଙ୍କୁ ଜଣାଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଠାରୁ ନାଟୁଣୀ ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତାରେ ପୋଲିସ ନାକାବନ୍ଦୀ ଜାରି ରଖିଥିଲା। ବେଆଇନ ଗୋଚାଲଣରେ ବ୍ୟବହୃତ ନାଟୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ କଉଡ଼ିଖଣି ଛକରୁ ଦୁଇ ଗୋଟି ପିକ ଅପ ଭ୍ୟାନକୁ ଜବତ କରି ୧୧ ଗୋଟି ଜୀବନ୍ତ ମଇଁଷିକୁ ଉଦ୍ଧାର କରିଛନ୍ତି। ମଇଁଷିମାନଙ୍କ ଅବସ୍ଥା ଗମ୍ଭୀର ଥିବାରୁ ଫାଣ୍ଡି ଅଧିକାରୀ ସଙ୍ଗେସଙ୍ଗେ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଡକାଇ ସେମାନଙ୍କ ଚିକିତ୍ସା କରାଇଥିଲେ। ପରିଶେଷରେ ମଇଁଷି ମାନଙ୍କୁ ଜଟଣୀ ଖୁଦୁପୁର ସ୍ଥିତ ମାଧବ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ତେବେ ଉକ୍ତ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯିବା ସହ ବାଣପୁର ଥାନାରେ କେସ ନମ୍ବର ୨୫୨/୨୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଥିବାର ଏସଡ଼ିପିଓ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ଧର୍ମଶାଳା ତହସିଲର ୨୭ଟି କଳାପଥର ସୈରାତ ଟେଣ୍ଡର ଶେଷ

ଧର୍ମଶାଳା,୧୮/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ୨୭ଟି ସୈରାତର ନିଲାମ ପ୍ରକ୍ରିୟା ଶେଷ ହୋଇଛି । ଟେଣ୍ଡର ବାକ୍ସ ଖୋଲାଯାଇ ଉପଯୁକ୍ତ ବିଡରଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଏନେଇ ଦୀର୍ଘଦିନ ଧରି ଚାଲିଥିବା ଛକାପଂଝାର ଅନ୍ତ ଘଟିଥିବା କୁହାଯାଇଛି । ପ୍ରକାଶ ଯେ, ଧର୍ମଶାଳା ତହସିଲ ପକ୍ଷରୁ ଗତ ଫେବୃଆରୀ ମାସରେ ହୋଇଥିବା ନିଲାମ ପ୍ରକ୍ରିୟାରେ ଚଂଚକତା ହୋଇଥିବା ପ୍ରମାଣ ମିଳିବା ପରେ ଯାଜପୁର ଜିଲ୍ଲାପାଳ ୧୫ଟି ସୈରାତ୍‌ର ନିଲାମ ବାତିଲ କରିଦେବା ସହ ଏସବୁର ପୁନଃ ଟେଣ୍ଡର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବାତିଲ ହୋଇଥିବା ସୈରାତ୍ ଗୁଡିକର ସାନି ନିଲାମ ଡକା ଯାଇଥିଲା । ଏଥିରେ ପୂର୍ବ ୧୩ଟି କଳାପଥର ସୈରାତକୁ ମିଶାଇ ମୋଟ ୨୯ଟି ସୈରାତକୁ ୫ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିମଧ୍ୟରୁ ୨୭ଟି କଳାପଥର ଓ ୨ଟି ବାଲି ଉତ୍ସ ରହିଥିଲା । ଚଳିତ ମାସ ୧୫ ତାରିଖରେ ଟେଣ୍ଡର ପକାଇବାର ଶେଷ ଦିନ ଧାର୍ଯ୍ୟ ହୋଇଥିବା ବେଳେ ୧୬ ତାରିଖ ଓ ୧୯ ତାରିଖ ଏହି ଦୁଇ ଦିନରେ ଟେଣ୍ଡର ବାକ୍ସ ଖୋଲାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା । ଏହାକୁ ନେଇ ଆଶାୟୀ ବିଡରଙ୍କ ମଧ୍ୟରେ ଚକାପଂଝା ଆରମ୍ଭ ହୋଇ ଯାଇଥିଲା। ସବୁ ସୈରାତକୁ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ହାତେଇ ନେବା ପାଇଁ ଉଦ୍ୟମ କରାଯାଇଥିଲା । କିଏ କେଉଁ ସୈରାତ ପାଇଁ କେତେ ଟଙ୍କା ମୂଲ୍ୟରେ ଆବେଦନ କରିବ ତାର ମଧ୍ୟ ନୀଳ ନକ୍ସା ପ୍ରସ୍ତୁତ କରାଯାଇଥିଲା। ଏପରିକି ସୈରାତ ଫିକ୍ସିଂ ପାଇଁ ମଧ୍ୟ ଉଦ୍ୟମ ହୋଇଥିବା ଅଭିଯୋଗ ଉଠିଥିଲା । ନିର୍ଦ୍ଦିଷ୍ଟ କିଛି କଳାପଥର ବ୍ୟବସାୟୀଙ୍କ ହାତକୁ ଶାଗମାଛ ଦରରେ ସୈରାତ ଟେକି ଦେବାପାଇଁ ଯୋଜନା କରାଯାଇଥିବା ଚର୍ଚ୍ଚା ହୋଇଥିଲା । ତେବେ ପୂର୍ବଥର ଉପୁଜିଥିବା ସମସ୍ୟାର ଯେପରି ପୁନରାବୃତି ନହୁଏ ସେଥିପ୍ରତି ପ୍ରଶାସନ ସତର୍କ ଦୃଷ୍ଟି ରଖିଥିଲା । ଉଲ୍ଲେଖ ଯୋଗ୍ୟ, ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଗତ ମାର୍ଚ୍ଚ ୨୪ ତାରିଖରେ ୧୫ଟି କଳାପଥର ସୈରାତକୁ ଦୀର୍ଘ ମିଆଦୀ ସୂତ୍ରରେ ନିଲାମ ଦିଆଯାଇଥିଲା। ଯାଜପୁରର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇଥିଲା। ହାଇକୋର୍ଟଙ୍କ ରହିତାଦେଶ ଯୋଗୁ ମୋଟ ୨୭ଟି ସୈରାତ ମଧ୍ୟରୁ ବିଛାଖଣ୍ଡି କଳାପଥର ପାହାଡର ୯ଟି ସୈରାତ ନିଲାମ ହୋଇ ପାରିନଥିଲା। ସେହିପରି ଆରୁହା କଳାପଥର ପାହାଡର ୩ଟି ସୈରାତ ନିମନ୍ତେ କେହି ନିଲାମ ପାଇଁ ଆବେଦନ କରିନଥିଲେ। ଅବଶିଷ୍ଟ ୧୫ଟି ସଇରାତ ଉକ୍ତ ଦିନ ନିଲାମ ହୋଇଥିଲା। ଉକ୍ତ ଦିନ ସର୍ବୋଚ୍ଚ ଓ ସର୍ବନିମ୍ନ ବିଡରଙ୍କ ନାମ ଘୋଷଣା ପରିବର୍ତେ ଯାଂଚ ଆଳରେ ମାର୍ଚ୍ଚ ୨୪ରୁ ଦେଢମାସ ଧରି ଟେଣ୍ଡର କାଗଜପତ୍ର ଜିଲ୍ଲା ଦପ୍ତରରେ ଝୁଲି ରହିଥିଲା। ଏହାର ତର୍ଜମା ପରେ ମେ ୧୩ ତାରିଖରେ ସିଙ୍ଗଲ ବିଡର ଦର୍ଶାଇ ୧୩ଟି ସୈରାତ ଯୋଗ୍ୟ ବିଡରମାନଙ୍କୁ ଜିଲ୍ଲା ପ୍ରଶାସନ ଆକସ୍ମିକ ଭାବରେ ଅଯୋଗ୍ୟ ବିଡର ଦର୍ଶାଇ ନିଲାମ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ବାତିଲ କରି ଦେଇଥିଲେ। ଏହି କାରନାମାରେ କେତେକ ପଥର ମାଫିଆ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ହାତଥିବା ନେଇ ସେତେ ବେଳେ ଅଭିଯୋଗ ଉଠିଥିଲା। ଜିଲ୍ଲାପାଳଙ୍କ ଏହି ଟେଣ୍ଡର ବାତିଲ ଆଦେଶ ବିରୋଧରେ କେତେକ ବିଡର ଆଇନର ଆଶ୍ରୟ ନେଇଥିଲେ। ହେଲେ ଅଦାଲତ ସେମାନଙ୍କ ବିପକ୍ଷରେ ରାୟ ଦେଇଥିଲେ। ତେବେ ଆରୁହା ଓ ବିଛାଖଣ୍ଡି ସମେତ ସମସ୍ତ ୨୭ଟି କଳାପଥର ଖାଦାନ ନିଲାମ ହୋଇ ଯାଇଥିବା ବେଳେ ଆସନ୍ତା ୨୯ତାରିଖରେ ଦୁଇଟି ବାଲି ଉତ୍ସର ନିଲାମ ହେବ ବୋଲି ଜଣାପଡିଛି । ତେବେ ଟେଣ୍ଡର ଫିକ୍ସିଂ ଓ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀକୁ ନିଲାମ ଦିଆଯାଇଥିବା ଅଭିଯୋଗକୁ ତହସିଲଦାର ଦେବୀପ୍ରସାଦ ମହାନ୍ତି ଖଣ୍ଡନ କରିବା ସହ ବିଭିନ୍ନ ବର୍ଗର ବ୍ୟକ୍ତି ସୈରାତ ନିଲାମ ନେଇଥିବା ସେ ସୂଚନା ଦେଇଛନ୍ତି ।

# ୯ ମାସ ବିତିଲା: ଭୁବନ ଏନଏସିରେ ନିର୍ବାହୀ ଅଧିକାରୀ ନିଯୁକ୍ତି ନୋହିଲା

ଭୁବନ,୧୮/୭ (ନି.ପ୍ର): ଗତ ୨୦୨୦ ଅକ୍ଟୋବର ମାସ ୨୫ ତାରିଖ ଦିନ ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ହୃଦଘାତରେ ପରଲୋକ ଗମନ କରିବାର ଇତି ମଧ୍ୟରେ ୯ ମାସ ବିତିଯାଇଥିଲେ ମଧ ଅଦ୍ୟାବଧି କାହାକୁ ନିଯୁକ୍ତି ଦିଆଯାଇନାହିଁ । ତହସିଲଦାର ପ୍ରଭାସ କୁମାର ବେହୁରା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ଉପଜିଲ୍ଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ନଗରପାଳ ଦାୟିତ୍ୱରେ ରହିଛନ୍ତି (ଇତି ମଧ୍ୟରେ ଉପଜିଲ୍ଲାପାଳଙ୍କର ଅନ୍ୟତ୍ର ବଦଳି ହୋଇଛି) । କାର୍ଯ୍ୟ ବ୍ୟସ୍ତତା ପାଇଁ ତହସିଲଦାର କିମ୍ବା ଉପଜିଲ୍ଲାପାଳ ଦିନକ ପାଇଁ ଏନଏସି ଅଫିସକୁ ଆସୁନାହାନ୍ତି । ଦୀର୍ଘ ୩ ବର୍ଷ ହେଲା କାଉନସିଲ ନଥିବାରୁ ସାଧାରଣ ଜନତା ସର୍ବନିମ୍ନ ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି । କରୋନା ବାହାନାରେ ମୁଖ୍ୟ ଗେଟରେ ତାଲା ପକାଯାଇ କାହାରିକୁ ଭିତରକୁ ଛଡାଯାଉନଥିବା ବେଳେ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ଫୋନ କଲେ ମଧ ସେମାନଙ୍କ ଠାରୁ କୌଣସି ଉତର ମିଳୁନଥିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି ଓ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅଫିସ ଭିତରେ କର୍ମଚାରୀ ଅଛନ୍ତି କି ନାହାନ୍ତି ତାହା ଜଣାପଡୁନାହିଁ । ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ହେଉନଥିବାରୁ କର୍ମଚାରୀଙ୍କ ପାଇଁ ପୁସ ମାସ ସାଜିଥିବା ବେଳେ ଏନଏସି ବାସୀନ୍ଦାଙ୍କ ପାଇଁ ସର୍ବନାଶ ସାଜିଛି । ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜନୈକ କନିଷ୍ଠ ଯନ୍ତ୍ରୀ ଏଠାରେ ରହି ଏନଏସିର ସର୍ବେସର୍ବା ସାଜିଛନ୍ତି ।

# ଟ୍ରେଣ୍ଡ୍‌ରେ ରିପଡ୍ ଜିନ୍ସ



ଫ୍ୟାଶନେବଲ ପୋଷାକ ବାଛିବା କ୍ଷେତ୍ରରେ ଏବେକାର ଯୁବପିଢ଼ି ରିପଡ ଜିନ୍ସ ଅଧିକ ପସନ୍ଦ କରୁଛନ୍ତି । ଉଭୟ ଷ୍ଟାଇଲିସ୍ ଓ ଟ୍ରେଣ୍ଡି ଲୁକ୍ ପାଇଁ ଏହାର ବଜାର ଚାହିଦା ମଧ ବେଶ୍ ଭଲ ଛି । ତେବେ ଏହି ରିପଡ୍ ଜିନ୍ସ ସହ କିଭଳି ପୋଷାକକୁ ଟିମ ଅପ୍ କଲେ ଭଲ ଲାଗିବ ସେ ବିଷୟରେ ମଧ ଜାଣିବା ଦରକାର ।

ଗରମ ଆରମ୍ଭ ହୋଇଗଲାଣି । ତେଣୁ ଏ ସମୟରେ ଆପଣ ରିପଡ୍ ଜିନ୍ସ ସହସ୍ଲଭଲେସ୍ ଟପ୍‌କୁ ଟିମଅପ୍ କଲେ ଅଧିକ ଷ୍ଟାଇଲିସ୍ ଲାଗିବେ ।

ଅନୁରୂପ ଭାବେ ସ୍କିନ୍ ରିପଡ୍ ଜିନ୍ସ ସହିତ ସାମାନ୍ୟ ଲମ୍ବା ସାର୍ଟ ଖୁବ୍ ମାନିବ । ଏକ କାର୍ଡିଗାନ ଏବଂ ସ୍ନକର୍ ସହିତ ଏହା ମ୍ୟାଚ୍ କରିବ । ଅପେକ୍ଷାକୃତ ଗରମ ଦିନରେ ଫ୍ଲାଟ୍ ସାଣ୍ଡାଲ ସହିତ କିମୋନୋ ଟପ୍ ସଠିକ୍ କାଜୁଆଲ ଲୁକ୍ ଦେବ।

ଯଦି ବାହାରକୁ ବୁଲିବାକୁ ଯାଇ ଅନୁଭବ କରିବେ ଶୀତଳ ପ୍ରଭାବ କମିନି ତେବେ ଆଣ୍ଠୁ ଉଚ୍ଚତା ପର୍ଯ୍ୟନ୍ତ ବୁଟ୍ ଏବଂ ଲମ୍ବା କାର୍ଡିଗାନ ସହିତ ରିପଡ ଜିନ୍ସ ଆରାମରେ ପିନ୍ଧିପାରିବେ । ସୁନା ଅଳଙ୍କାର ଫ୍ଲୋରାଲ ସ୍କାର୍ଫ, ସୁନ୍ଦର ଇୟରରିଂ ଏବଂ ହିଲସ ଆଦି ରିପଡ ଜିନ୍ସ ସହିତ ବେଶ ଆକର୍ଷଣୀୟ ଲାଗିବ । ବେଳେ ବେଳେ ରିପଡ୍ ଜିନ୍ସ ସହିତ ଉପଯୁକ୍ତ ସାର୍ଟ ପିନ୍ଧିଲେ ତାହା ଅତଧିକ ଗ୍ଲାମରସ୍ ଲୁକ୍ ଦେଇଥାଏ । ଜିନ୍ସ ସହିତ ହିଲସ ଓ






ବ୍ଲେଜରକୁ ମଧ୍ୟ ମ୍ୟାଚ୍ କରାଯାଇପାରିବ ।

ରିପଡ୍ ଜିନ୍ସ ହେଉଛି ଉପଯୁକ୍ତ କାଜୁଆଲ ଆଉଟଫିଟ୍ । ସବୁଠୁ କୁଲ ଲୁକ୍ ପାଇବାକୁ ଚାହୁଁଥିଲେ ଏକ ସାଦା ଟି ସାର୍ଟ ଏବଂ ହଳେ ସ୍ନିକର ଅଥବା ହେଜର୍ଟ ବୁଟ୍ ପିନ୍ଧିହେବ । ତେବେ ସବୁ ସମୟରେ ଜିନ୍ସ ଯେଭଳି ସମସ୍ତ ପୋଷାକରେ ପ୍ରମୁଖ ;କେନ୍ଦ୍ରବିନ୍ଦୁ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ସେହି ଅନୁସାରେ ପ୍ରସ୍ତୁତ କରିବାକୁ ହେବ ଜିନ୍ସ ।

# ଫ୍ୟୁଜନ୍ ଦୋସା

ଦକ୍ଷିଣ ଭାରତୀୟ ଲୋକମାନଙ୍କର ଅନ୍ୟତମ ପ୍ରିୟ ଖାଦ୍ୟ 'ଦୋସା' ଏବେ ଭାରତ ବାହାରେ ବେଶ୍ ଲୋକପିୟତା ହାସଲ କରିଛି । ଐତିହାସିକ ପି. ଥଙ୍କାପ୍ପନ୍ ନାୟକଙ୍କ ଅନୁସାରେ ବର୍ତ୍ତମାନ କର୍ଣ୍ଣାଟକର 'ଉଡୁପି' ଦୋସାର ଉପ୍ତତ୍ତିସ୍ଥଳ । ପ୍ରକୃତ ତାମିଲ ଦୋସା ବହୁତ ନରମ ଓ ମୋଟା କିନ୍ତୁ ବର୍ତ୍ତମାନ ଆମେ ଯେଉଁ ପତଳା କୁଡୁମୁଡ଼ିଆ ଦୋସା ଦେଖୁଛୁ, ତାହା ପ୍ରଥେମେ କର୍ଣ୍ଣଟକରେ ତିଆରି ହୋଇଥିଲା । ଭାରତ ସ୍ୱାଧୀନତା ପାଇବା ପରେ ଏହାକ୍ରମେ ଉତ୍ତର ଭାରତରେ ଲେଶକପ୍ରିୟତା ହାସଲ କରିଥିଲା । ୧୯୪୦ ମସିହାରେ 'ଓଲ୍ଡ ଉଡ୍‌ଲ୍ୟାଣ୍ଡ୍' ହୋଟେଲ୍ ଖୋଲିଥିବା କେ. କ୍ରିଷ୍ଣରାଓଙ୍କୁ ଆଧୁନିକ ମସାଲା ଦୋସାର ଜନକ ବୋଲି କୁହାଯାଏ । ଦୋସାର ପ୍ରସ୍ତୁତି ପ୍ରଣାଳୀ ଅଳ୍ପେ ବହୁତେ ସମସ୍ତେ ଜାଣନ୍ତି । ଆଜିକାଲି ପ୍ରତ୍ୟେକ ଜିନିଷକୁ ନୂଆ ଢ଼ଙ୍ଗରେ ତିଆରିବା ପସନ୍ଦ ଥିବା ବେଳେ, ପତ୍ମାରିକ ଦୋସା ବା ଏଥିରୁ ବାଦ୍ ଯିବ କିପରି । ଆଜି କେମିତି କିଛି ନୂଆ ପ୍ରକାର ଦୋସା ସଂପର୍କରେ ଜାଣିବା :



### ପାଓଭାଜି ଦୋସା

ପାଓଭାଜି ମୁମ୍ବାଇର ପ୍ରସିଦ୍ଧ ଲୋକପ୍ରିୟ ଖାଦ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ମାତ୍ର ଏହି ଦୋସାରେ ଆପଣ ଉଭୟ ପାଓଭାଜି ଓ ଦୋସାର ସ୍ୱାଦ ପାଇବେ । ପାଓଭାଜିର ପୁର ଥିବା ଯୋଗୁଁ ଏହାକୁ ଆପଣ ସମ୍ବର ଓ ଚଟଣି ବିନା ଖାଇପାରିବେ ।

### ଆମେରିକାନ୍ ଚପ୍‌ସି ଦୋସା

ଏହା ଏକ ଇର୍ଡୋ ଚାଇନିଜ୍ ଫ୍ୟୁଜନ୍ ଖାଦ୍ୟ । ସାଧାରଣ ଦୋସାରେ ଫ୍ରାଏଡ୍ ନୁଡୁଲ୍ ଓ ବିଭିନ୍ନ ପ୍ରକାର ମିଶ୍ରିତ ପୁର ଦିଆଯାଇ ଏହି ଦୋସା ତିଆରି ହୁଏ ।

### ମେକ୍ସିକାନ୍ ଡିଲାଇଟ୍ ଦୋସା

ଏହି ଦୋସା ମେକ୍ସିକାନ୍ ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବା ଲୋକମାନଙ୍କ ପାଇଁ ଏକ ନୂଆ ଅନୁଭୂତି । ପାରମ୍ପରିକ ଦୋସାର ମେକ୍ସିକାନ୍ ସ୍ୱାଦ ଯୋଗୁଁ ଏହି ଦୋସା ପର୍ଯ୍ୟଟକମାନଙ୍କର ପସନ୍ଦ ପାଲଟିଛି । ଛେନା, କ୍ୟାପସିକମ୍, ପିଆଜ ଷଣ୍ଡା, ଟମୋଟୋ ଓ ଚିଲି ସସ୍ ସହ ମେକ୍ସିକାନ୍ ମସଲା ଦିଆଯାଇ ଏହାର ପୁର ପ୍ରସ୍ତି କରାଯାଏ । ଏହର ଦୋସାକୁ ନଡ଼ିଆ ଚଟଣି ସହ ପରଷାଯାଏ । ପ୍ରଥମ ପସନ୍ଦ ପାଲଟିଛି ।

### ମହୀଶୂର ମସାଲା ଦୋସା

ଏହି ଦୋସା ଦକ୍ଷିଣ ଭାରତୀୟ ଖାଦ୍ୟମାନଙ୍କ ମଧ୍ୟରେ ସବୁଠାରୁ ନିଆରା । ତିନି ପ୍ରକାର ଡାଲି, ଚୁଡ଼ା,ଦରସିଝା ଚାଉଳ ଓ କଞ୍ଚା ଚାଉଳର ମିଶ୍ରଣରେ ଏହାର ପିଠଉ ପ୍ରସ୍ତୁତ କରାଯାଏ । ଏହା ଖାଇବାକୁ ବେଶ୍ ସୁଆଦିଆ ।



### ଜିନି ଦୋସା

ବଟରରେ ପ୍ରସ୍ତୁତ ଏହି ଦୋସା ମୁଖ୍ୟତଃ ମୁମ୍ବାଇର ରାସ୍ତାକଡ଼ରେ ମିଳିଥାଏ । ପିଜା ପରି ଏହି ଦୋସାର ପିଠୁ ଉପରେ ଛୋଟ ଛୋଟ କଟା କ୍ୟାପସିକମ୍, ଟମାଟୋ , ବନ୍ଧାକୋବି ଇତ୍ୟାଦି ସହ ମୋଜେରେଲା ଚିଜ୍ ପକାଇ ପ୍ରସ୍ତୁତ କରାଯାଇଥାଏ ।

### ନିରୁ ଦୋସା

ନିରର ଅର୍ଥ ପାଣି । ଏହି ଦୋସାର ପିଠୁ ପାଣି ପରି ପତଳା ହୋଇଥିବା ଯୋଗୁଁ ଏହାର ଏପରି ନାମକରଣ ହୋଇଛି । ଏହି ଦୋସା ସବୁଠୁ ପତଳା ଏବଂ ନରମ ।

### ସ୍ପ୍ରିଙ୍ଗ ରୋଲ୍ ଦୋସା

ବନ୍ଧାକୋବି, ପିଆଜ ଓ ବିଭିନ୍ନ ପ୍ରକାର ସସ୍ ଇତ୍ୟାଦି ପୁର ଦିଆଯାଇ ଏହି ଦୋସା ପ୍ରସ୍ତୁତ କରାଯାଏ । ଉଭୟ ଚାଇନିଜ୍ ଓ ଭାରତୀୟ ସ୍ୱାଦ ଥିବାରୁ ଏହା ଯୁବପିଢ଼ିଙ୍କ

### ଲାସାଜ୍ନି ଦୋସା

ଯଦି ଆପଣଙ୍କର କିଛି ଦୋସା ବଳିପଡ଼ିଛି, ତେବେ ତାକୁ ନଷ୍ଟ ନ କରି ପୁଣି ଥରେ ଖାଦ୍ୟୋପଯୋଗୀ ବନାଯାଇପାରିବ । ବଳକା ଦୋସାରେ କିଛି ଆଳୁପୁର ଦିଆଯାଇ ମୋଡ଼ି ଦିଆଯାଏ । ତା'ପରେ ତାକୁ ମଝିରୁ କାଟି ଦେଇ ଉପରେ ନଡ଼ିଆ ଚଟଣି ଦିଆଯାଇ ପୂର୍ବରୁ ଗରମ କରାଯାଇଥିବା ଓଭନ୍‌ରେ ୧୦ମିନିଟ୍ ବେକ୍ କରାଯାଏ । ବାସ୍ ପ୍ରସ୍ତୁତ ହୋଇଗଲା ଲାସାଜ୍ନି ଦୋସା । ନଡ଼ିଆ ଚଟଣି ସହ ଏହାକୁ ପରଷାଯାଏ ।

### ଚକ୍‌ଲେଟ୍ ଦୋସା

କ୍ଷୀର, କଦଳୀ, ମଇଦା, ଚିନି ଓ ଚକୋଲେଟ୍ ଖଣ୍ଡକୁ ଏକତ୍ର ମିଶାଇ ଏହାର ପିଠଉ ପ୍ରସ୍ତୁତ କରାଯାଏ । ସାଧାରଣତଃ ଏହି ଦୋସା ଉପରେ ଚକୋଲେଟ୍ ସହିରପ୍ କିମ୍ବା ନ୍ୟୁଟେଲା ସ୍ପ୍ରେଡ୍, ଚକୋ ଚିପ୍‌ସ



ଦିଆଯାଇ ପରଷା ଯାଏ । ଚକ୍‌ଲେଟ୍ ସବୁବର୍ଗର ଲୋକଙ୍କର ପସନ୍ଦ ହୋଇଥିବା ଯୋଗୁଁ ଏହାର ଚାହିଦା କାହିଁରେ କ'ଣ ।

### ସେଟ୍ ଦୋସା

ଦୋସା ସାଡଧାରଣତଃ ପତଳା ହୋଇଥିଲାବେଳେ, ଏହି ଦୋସା କିନ୍ତୁ ଅପେକ୍ଷାକୃତ ମୋଟା । ଗୋଟିଏ ଦୋସାକୁ ଅନ୍ୟ ଏକ ଦୋସା ଉପରେ ରଖାଯାଇ ପରଷା ଯାଇଥାଏ ।

### ମଟନ୍ କିମା ଦୋସା

ସାଧାରଣ ଦୋସା ଉପରେ ମଟନ୍ କିମା ମସଲା ଓ ଅଣ୍ଡାର ମିଶ୍ରରକୁ ଦିଆଯାଇ ଏହି ଦୋସା ତିଆରି କରାଯାଏ । ଆମିଷପ୍ରେମୀ ଏହି ଦୋସାକୁ ଖୁବ୍ ପସନ୍ଦ କରୁଛନ୍ତି ।



# ସକାଳେ ଅଳସକୁ କରନ୍ତୁ ବାଏ ବାଏ: ଖଟ ଉପରେ ହିଁ କରନ୍ତୁ ଯୋଗ

ଯୋଗ ଓ ପ୍ରାଣାୟାମ ମଣିଷକୁ ଫିଟ୍ ରଖିଥାଏ । ଶରୀରରେ ନୂଆ ଉର୍ଜା ସୃଷ୍ଟି କରିଥାଏ । ହେଲେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ମଣିଷ ଏଥିପ୍ରତି ଧାନ ଦେଇନଥାଏ । ଯେଉଁପାଇଁ ମାନସିକ ଅବସାଦରେ ଦିନ ଅତିବାହିତ କରିଥାଏ ବୋଲି ମତପ୍ରକାଶ ପାଉଛି । ଏଥିରୁ ମୁକ୍ତି ପାଇବା ଯୋଗ କରିବାକୁ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି । ସକାଳେ ଅଳସକୁ କରନ୍ତୁ ବାଏ ବାଏ, ଖଟ ଉପରେ କରନ୍ତୁ ଯୋଗ ।

**ଶବାସନ :**
ଧ୍ୟାନ ପାଇଁ ସକାଳ ସମୟ ସବଠୁ ଭଲ । ସକାଳୁ ନିଦ ଭାଙ୍ଗିବା ମାତ୍ରେ ହଠାତ୍ ଉଠି ନ ବସି ଶେଯରେ ଆଖି ବନ୍ଦ ରଖି ସିଧା ଶୋଇ ରୁହନ୍ତୁ । ହାତର ପାପୁଲିକୁ ଉପରକୁ ଖୋଲି ରଖନ୍ତୁ । ଟିକେ ଲମ୍ବା ନିଶ୍ୱାସ ପ୍ରଶ୍ୱାସ ନିଅନ୍ତୁ । ପ୍ରତିଟି ନିଶ୍ୱାସ ପ୍ରଶ୍ୱାସରେ ପେଟ ଫୁଲିବା ଓ କମିବା ପରି ଯୋଗ କରନ୍ତୁ ।
**ଲାଭ :** ଏହା ଶରୀର ଓ ସ୍ନାୟୁକୁ ଶିଥିଳ କରାଏ । ମସ୍ତିଷ୍କକୁ ଶାନ୍ତ କରାଏ । ମୁଣ୍ଡବିନ୍ଧା, ଅବସନ୍ନତା ଓ ଅବସାଦ କମ୍ କରେ ।

**ଫୁଲ୍ ବଡି ଷ୍ଟ୍ରେଚ୍ :**
ସକାଳର ଅଳସ ଭାଙ୍ଗିବାରେ ଫୁଲ୍ ବଡି ଷ୍ଟ୍ରେଚ୍ ଏକ ସୁବିଧା ଓ ସହଜ ଉପାୟ । ଖଟରେ ବସି ଦୁଇ ହାତକୁ ଦୁଇ କାନର ପଛକୁ ନେବା ସହ ଦୁଇ ଗୋଡ଼ ଆଗକୁ ସିଧା ଲମ୍ବାଇ ରଖନ୍ତୁ । ତାପରେ ଦୁଇ ହାତର ପାପୁଲିକୁ ଯୋଡ଼ି ଆଗକୁ ଝୁକିବା ସହ ପଛକୁ ଫେରନ୍ତୁ ।
**ଲାଭ :** ମାଂସପେଶୀକୁ ସତେଜ କରାଇବା ସହ ଶ୍ୱାସକ୍ରିୟା ସୁଚାରୁ ରୂପେ କରାଏ ।

**ମାଉଣ୍ଟେନ ପୋଜ :**
ଏହି ପୋଜକୁ ଖଟରେ ନ କରି ତଳେ କରିବାକୁ ପଡ଼େ । ସିଧା ଛିଡ଼ା ହୋଇ ଦୁଇ ହାତର ପାପୁଲିକୁ ନମସ୍କାର ପୋଜରେ ମୁଣ୍ଡ ଉପରେ ରଖି ବଡ଼ିକୁ ଷ୍ଟ୍ରେଚ୍ କରନ୍ତୁ ।
**ଲାଭ :** ନିତମ୍ବ, ଆଣ୍ଠୁ, ତଳିପେଟ ଓ ଗୋଇଠିକୁ ଶକ୍ତ କରାଏ



**ପବନ ମୁକ୍ତାଶନ :**
ଖଟରେ କିମ୍ବା ତଳେ ସିଧା ଶୋଇ ରୁହନ୍ତୁ । ଡାହାଣ ଗୋଡ଼କୁ ଭାଙ୍ଗି ଆଣ୍ଠୁକୁ ଡାହାଣ ପାଖ କାନ୍ଧରେ ଲଗାନ୍ତୁ । ଦୁଇ ହାତରେ ଆଣ୍ଠୁକୁ ଜାବୁଡ଼ି ଧରନ୍ତୁ । ସେହିପରି ଆସନ ବାମ ପାଖ ଗୋଡ଼ରେ ମଧ କରନ୍ତୁ । ପରେ ଦୁଇ ଗୋଡ଼କୁ ଏକା ସହ ଭାଙ୍ଗି ଦୁଇ ହାତ ସାହାଯ୍ୟରେ ଆଣ୍ଠୁ ପାଖରୁ ଜାବୁଡ଼ି ଧରନ୍ତୁ । ଠିକ୍ ଯେପରି ନିଜକୁ କୁଣ୍ଢାଇଲା ପରି ।
**ଲାଭ :** ତଳିପେଟ, ଜଙ୍ଘ ଓ ନିତମ୍ବକୁ ସକ୍ରିୟ କରାଏ । ପେଟ ବଢ଼ିବାକୁ ଦିଏ ନାହିଁ, ଏହା ପେଟ ବଢିବାକୁ କମ୍ କରେ । ବାଇସେପ, ଟ୍ରାଇସେପ୍ ଓ ମାଂସପେଶୀକୁ ଶକ୍ତ କରାଏ । ଇଣ୍ଟେନଷ୍ଟାଇନକୁ ସଙ୍କୁଚିତ କରାଏ ।

# ସନ୍ଧ୍ୟା ପରେ ଦାନ କରୁଛନ୍ତି କି ଏହି ଜିନିଷ, ମାଡ଼ି ଆସିପାରେ ଘୋର ବିପଦ

କୁହାଯାଏ, ଦାନ କରିବାଠୁ ଅଧିକ କିଛି ପୂଣ୍ୟ ନାହିଁ । ଯେତେ ଧର୍ମ କାର୍ଯ୍ୟ କଲେ ବି ଦାନ ନ କଲେ ତାହା ସମ୍ପୂର୍ଣ୍ଣ ହୋଇ ନ ଥାଏ । ଏପରିକି ବିଶେଷ ପୂଜା ଅବସରରେ ଖାସ୍ ଜିନିଷ ଦାନ କରିବାର ବିଧି ରହିଛି । ହେଲେ ଜାଣିଛନ୍ତି କି, ଏପରି କିଛି ଜିନିଷ ଅଛି ଯାହାକୁ କି ସୂର୍ଯ୍ୟସ୍ତ ପରେ ଦାନ କଲେ ନିଜର ଅନିଷ୍ଟ ହୋଇଥାଏ । ସନ୍ଧ୍ୟା ପରେ ଏହି ଜିନିଷ ଦାନ କରୁଥିବା ବ୍ୟକ୍ତିଙ୍କ ଉପରକୁ ମାଡ଼ିଆସେ ଘୋର ଦାରିଦ୍ରତା । ଏପରିକି ଆର୍ଥିକ ଦୁସ୍ଥିତିର ବି ସାମନା କରିବାକୁ ପଡ଼ିପାରେ ।

♦ ଏପରି ବହୁ ଲୋକ ଅଛନ୍ତି, କୌଣସି ଉତ୍ସବକୁ ଯିବାର ଥିଲେ ପାଖପଡ଼ୋଶୀ ତଥା ନିକଟ ସମ୍ପର୍କୀୟଙ୍କଠାରୁ ଭଲ ଡ୍ରେସ୍ ମାଗି ଆଣି ପିନ୍ଧି ଦେଇଥାନ୍ତି । ହେଲେ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଅନ୍ୟର କପଡ଼ା, ଜୋତା, ଘଣ୍ଟା ଆଦି ପିନ୍ଧିବା ଉଚିତ ନୁହେଁ । ଏହା ଆପଣଙ୍କ ଉପରେ ଖରାପ ପ୍ରଭାବ ପକାଇବା ସହ ଆଲର୍ଜୀ ସମସ୍ୟା ବି ଦେଖାଦେଇପାରେ । ଯଦି ସନ୍ଧ୍ୟା ପରେ କିଏ ଆପଣଙ୍କ ଘଣ୍ଟା ମାଗୁଛି, ତେବେ ତାହାକୁ ଦେବାକୁ ଏଡ଼ାଇ ଯାଆନ୍ତୁ । କାରଣ ଏହାଦ୍ୱାରା ଆପଣଙ୍କ ମୁସ୍କିଲ ବଢ଼ିଯିବାର ଆଶଙ୍କା ରହିଛି ।

♦ ସୂର୍ଯ୍ୟାସ୍ତ ପରେ କେବେ କାହାକୁ ଉଧାର ଦିଅନ୍ତୁ ନାହିଁ । ବିଶ୍ୱା ରହିଛି ସନ୍ଧ୍ୟା ସମୟରେ ମା' ଲକ୍ଷ୍ମୀ ଘରକୁ ଆସିଥାନ୍ତି । ତେଣୁ ଉଧାର ଦେବା ନିମନ୍ତେ ଏହା ଉଚିତ ସମୟ ନୁହେଁ । ନଚେତ ଘରେ ଆର୍ଥିକ ସମସ୍ୟା ଦେଖାଦେଇପାରେ ।

♦ ସନ୍ଧ୍ୟା ପରେ ପାଖପଡ଼ୋଶୀଙ୍କୁ ଦାନରେ ଖଟା ଜିନିଷ ଯେପରି ଦହି, ଆଚାର କେବେ ବି ଦିଅନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଘରର ଲକ୍ଷ୍ମୀ ତାଙ୍କ ଘରକୁ ଚାଲିଯିବାର ବିଶ୍ୱାସ ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚାରିଆଡ଼େ ବିପଦ...

ଦେଶ ସ୍ୱାଧୀନତା ପାଇବାର ଶାସନର ମୂଳାଧାର କୁହାଯାଉଥିବା ସମ୍ବିଧାନରେ ବିଭିନ୍ନ ସମୟରେ ଆବଶ୍ୟକତାକୁ ଦେଖି ସଂଶୋଧନ ଅଣାଯାଇଛି । ଏହି ଧାରାରେ ଯେଉଁ ସଂଶୋଧନ ହେଉଛି, ସେଗୁଡ଼ିକ କାର୍ଯ୍ୟକାରିତା ଆଧାରରେ ମଧ ପରିବର୍ତ୍ତନ କରାଯାଉଛି । ଏହି ପ୍ରକ୍ରିୟା କ୍ରମାଗତ ଗଡ଼ିଆସୁଛି । ମାତ୍ର ଏଭଳି ଅନେକ ଆଇନ ରହିଯାଇଛି, ଯାହାକି ମାନ୍ଧାତା ଅମଳର । ଦାଡ଼ ନଥିବା କଟୁରି କିମ୍ବା ଧାର ନଥିବା ଖଣ୍ଡା ଭଳି ରହିଆସିଥିବା ଆଇନ ରହିଥିଲେ ସୁଦ୍ଧା ସେଗୁଡ଼ିକ ଉପରେ କେହି ଗୁରୁତ୍ୱ ଦେବା ଦେଖାଯାଇନଥାଏ । ମାତ୍ର ଏଭଳି ଗୁରୁତ୍ୱ ଦିଆନଯିବା ମଧ ସ୍ଥଳବିଶେଷରେ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । ଯଦି କେହି ଅବାଞ୍ଛିତ ବ୍ୟକ୍ତିଙ୍କ ହାତରେ ଭାରତୀୟ ପିଙ୍ଗଳ କୋଡ୍ ଧାରା ପଡ଼ିଯାଏ, ତେବେ ତାହା କିଭଳି ମନ୍ଦ ପରିଣତିକୁ ଡାକିଆଣେ, ତାହାର ଅନେକାନେକ ପ୍ରମାଣ ରହିଛି । ଏଭଳି ଏକ ସ୍ଥିତି ସ୍ୱାଧୀନତାର ୭୫ବର୍ଷ ପରେ ଉପୁଜିବା ଦେଶବାସୀ ଦେଖିପାରୁଛନ୍ତି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମୟାନ୍ତରରେ ଅନେକ ଥର ଆପାତତଃ ଅବାନ୍ତର ଓ ନିରର୍ଥକ ଆଇନ ସମ୍ପର୍କରେ କଟୁ ଟିପ୍ପଣୀ ଦେଇ ପ୍ରଶାସନକୁ ଚେତାଇଥିବାର ଦୃଷ୍ଟାନ୍ତ ରହିଛି । ଦନ୍ତହୀନ ଆଇନଗୁଡ଼ିକୁ ହଟାଯାଇ ତା' ସ୍ଥାନରେ ଅଧିକ ପ୍ରାସଙ୍ଗିକ ବିଧି ବ୍ୟବସ୍ଥାକୁ ଆପଣାଯିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ପରାମର୍ଶ ଦେଉଥିବାର ଦେଖାଯାଇଛି । ନିକଟରେ ପିଙ୍ଗଳ କୋଡ଼ର ଧାରା ୧୨୪ (ଏ)ର ଅବତାରଣା କରି ସୁପ୍ରିମ କୋର୍ଟର ତିନିଜଣିଆ ଖଣ୍ଡପୀଠ ଏହାର ପ୍ରାସଙ୍ଗିକତା ନେଇ ପ୍ରଶ୍ନ ଉଠାଇଛନ୍ତି । ଏହି ଧାରା ହେଉଛି, ଦେଶଦ୍ରୋହ ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଲାଗୁ ପାଇଁ ଉଦ୍ଦିଷ୍ଟ । ପ୍ରଣିଧାନଯୋଗ୍ୟ, ସୁପ୍ରିମକୋର୍ଟ ଏହାକୁ ଔପନିବେଶିକ ଶାସନ ବେଳର ଆଇନ ବୋଲି ଅଭିହିତ କରି କେନ୍ଦ୍ର ସରକାରଙ୍କୁ ଯେଉଁ ପ୍ରଶ୍ନ କରିଛନ୍ତି, ତାହା ଉପରେ ତଦ୍‌ବିଦ୍ ମହଲରେ ଆଲୋଚନାର ସୁଯୋଗ ରହିଛି । ଯଥାର୍ଥରେ କୁରାଢ଼ିର ଉଦାହରଣ ଦେଇ କୁହାଯାଇଛି ଯେ, ବ୍ୟବହାର କରୁଥିବା ବ୍ୟକ୍ତି ଉପରେ ବହୁକିଛି ନିର୍ଭର କରୁଛି । ଚାହିଁଲେ କାଠ କାଟି ତାହାକୁ ଉପକରଣର ରୂପ ଦେଇପାରିବ, ମାତ୍ର ମୁଣ୍ଡକୁ ପିତ ଚଢ଼ିଲେ ସାରା ଜଙ୍ଗଲକୁ ହାଣି ଧ୍ୱଂସ କରିଦେଇପାରିବ । ଆଇନ ଯେହେତୁ ଏକ ଦୁଇଧାରୁଆ ଖଣ୍ଡା, ତାହାର ଉପଯୋଗ ନିର୍ଭର କରେ ଶାସକଙ୍କ ଉପରେ । ଜାତିର ପିତା ମହାତ୍ମା ଗାନ୍ଧିଙ୍କ ବିରୋଧରେ ଲଗାଯାଇଥିବା ବ୍ରିଟିଶ ଅମଳର ଏପର୍ଯ୍ୟନ୍ତ କାହିଁକି ରହିଛି, ସେ ନେଇ ଚିନ୍ତା ବ୍ୟକ୍ତ କରି ସୁପ୍ରିମ କୋର୍ଟ ତାହାର ଉଚ୍ଛେଦ ସକାଶେ ପରାମର୍ଶ ଦେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମାତ୍ର ଏଭଳି ଭୂରି ଭୂରି ପ୍ରମାଣ ରହିଛି, ଯେଉଁ କ୍ଷେତ୍ରରେ ଅସହିଷ୍ଣୁ ଆଇନକୁ ଲଗାଇଛନ୍ତି । ସରକାର ହେଉଛନ୍ତି ସର୍ବକ୍ଷମତାଧର । ପ୍ରତିଶୋଧ ବା ପ୍ରତିହିଂସାର ବଶବର୍ତ୍ତୀ ହୋଇ କେବେ କେମିତି ଅବିଚାରିତ ଭାବରେ ଯଦି ପ୍ରୟୋଗ କରାଯାଏ, ତାହା ପ୍ରତିକ୍ରିୟା ସୃଷ୍ଟିର କାରଣ ସକାଶେ ଯଥେଷ୍ଟ । ଗଣତନ୍ତ୍ର ବିଶେଷକରି ସଂସଦୀୟ ବ୍ୟବସ୍ଥାକୁ ସବୁ ସ୍ତରରେ ଏକ ଆଦର୍ଶ ବ୍ୟବସ୍ଥା ରୂପେ ଗ୍ରହଣ କରାଯାଏ । ପାରସ୍ପାରିକ ସହଯୋଗ ପାଇଁ ସଂଘୀୟ ଗଣତନ୍ତ୍ର ଭଳି ଆଦର୍ଶ ଉଦାହରଣ କୁତ୍ରାପି ଦେଖାଯାଏନାହିଁ । ମାତ୍ର ଏହି ବ୍ୟବସ୍ଥାରେ ଯଦି ବିଷମତା ଉତ୍ପନ୍ନ ହୁଏ, ତେବେ ଆଇନର ଦୁରୁପଯୋଗ ହେବାର ଖରାପ ଦୃଷ୍ଟାନ୍ତ ଜନ୍ମ ନିଏ । ଭାରତୀୟ ପିଙ୍ଗଳ ଆଇନର କଥିତ ଧାରା ଯେହେତୁ ଦନ୍ତହୀନ ଓ ଅନୁପଯୁକ୍ତ ତାହାର ଯଥାଶୀଘ୍ର ଉଚ୍ଛେଦ ହେଉଛି ସମୟର ଆବଶ୍ୟକତା । କେନ୍ଦ୍ର ତଥା ରାଜ୍ୟଗୁଡ଼ିକରେ କ୍ଷମତାରେ ଥିବା ସରକାର ଓ ଦଳ ବିଶେଷ ଏ ସମ୍ପର୍କରେ ଅବଗତ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ବହୁବାର ସମସ୍ତଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି । ଆଶା କରାଯାଏ, ସୁପ୍ରିମ କୋର୍ଟଙ୍କ ଅନୁଶୀଳନକୁ ମଧ ଯଥାବିଧି ଗୁରୁତ୍ୱ ଦେଇ ଅବାଞ୍ଛିତ ଓ ଅପ୍ରାସଙ୍ଗିକ ଆଇନକୁ ହଟାଇବା ଦିଗରେ ଉଚିତ୍ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ନଜିର ସୃଷ୍ଟି କରିବେ ।

## ଆମ ଦେଶର ଜନ ସଂଖ୍ୟା ବିସ୍ଫୋରଣ



**ଡାଃ ସୁରେନ୍ଦ୍ର ନାଥ ଦାଶ**

ଭାରତର ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ତତ ସଂଲଗ୍ନ ଜଟିଳ ସମସ୍ୟାକୁ ଲକ୍ଷ୍ୟ କରି, ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୦ ମସିହାରେ ତାଙ୍କର ଲାଲକିଲ୍ଲା ସ୍ୱାଧିନତା ଦିବସ ଅଭିଭାଷଣରେ କହିଥିଲେ, "A small section of society which keeps its familes small deserves respect, what it does is an act of patriotism" ସେ ହେଉଛନ୍ତି ପ୍ରଥମ ଓ ଏକମାତ୍ର ପ୍ରଧାନମନ୍ତ୍ରୀ, ଯେ ଜନସଂଖ୍ୟା ନିୟନ୍ତ୍ରଣ ସପକ୍ଷରେ ସାଧାରଣରେ ନିଜ ମତ ପ୍ରକାଶ କଲେ।

ପରିବେଶବିତ୍ତଙ୍କ ମତରେ ପୃଥିବୀର ଜନସଂଖ୍ୟା ଆୟତ ନହେଲେ ଆମ ଗ୍ରହରୁ ମଣିଷ ଜାତି ସଂପୂର୍ଣ୍ଣ ଲୋପ ହୋଇଯିବ (Sixth Exitintion)

୧.ଶହ ଶହ ବର୍ଷ ପରେ ଆମ ଗ୍ରହର ମଣିଷଙ୍କ ସଂଖ୍ୟା ୧୮୦୦ ମସିହାରେ ୧୦୦ କୋଟିକୁ ଛୁଇଁଥିଲା । ତା ଆଗରୁ ଭୟଙ୍କର ପ୍ଲେଗ, ଦୁର୍ଭିକ୍ଷ ଓ ମଙ୍ଗୋଲ ଆକ୍ରମଣରେ ପ୍ରତିବର୍ଷ କୋଟି କୋଟି ଲୋକ ବିନିଷ୍ଟ ହେଉଥିଲେ । ଆଉ ଶହେ ବର୍ଷ ପରେ ଏହା ୨୦୦ କୋଟି ରେ ପହଞ୍ଚିଲା । ବର୍ତ୍ତମାନ ତାହା ୭ ବିଲିଅନ ଟପି ଗଲାଣି । ଏସିଆ ମହାଦେଶରେ ବିଶ୍ୱର ୬୦ ଭାଗ(୪.୯ ବିଲିଅନ) ଓ ଦୁଇଟି ଜନବହୁଳ ରାଷ୍ଟ୍ର ଚିନ ଓ ଭାରତରେ ୪୦ ଭାଗ ଲୋକ ରହୁଛନ୍ତି ।

୨. ସ୍ୱାଧିନତା ବେଳେ ଆମ ଜନସଂଖ୍ୟା ମାତ୍ର ୩୬ କୋଟି ଥିଲ । ୨୦୦୧ ମସିହା ମେ ୧୧ ତାରିଖ ଦିନ ଏହା ୧୦୦ କୋଟିରେ ପହଞ୍ଚିଲା । ବର୍ତ୍ତମାନ ଏହା ୧୩୭ କୋଟିରେ ପହଞ୍ଚିଲାଣି, ୨୦୩୦ ମସିହାରେ ଏହା ୧୪୭ କୋଟି ହୋଇ ଚିନର ଜନସଂଖ୍ୟାକୁ ଟପିଯିବ । ବୋଲି ଆକଳନ କରାଯାଇଛି । ଭାରତର ଆୟତନ ବିଶ୍ୱର ମାତ୍ର ୨.୪ ଶତକଡା । ଏହା ବିଶ୍ୱର ୧୭ ଶତକଡା ଲୋକଙ୍କୁ ନିଜ ବକ୍ଷରେ ସ୍ଥାନ ଦେଇଛି । ବର୍ଷକୁ ଅଷ୍ଟ୍ରେଲିଆ ମହାଦେଶର ଲୋକ ସଂଖ୍ୟା ଆମ ଦେଶରେ ଜନସଂଖ୍ୟା ବୃଦ୍ଧି ଯୋଗୁ ମିଶୁଛି । ଏହାର କ୍ଷେତ୍ର ଫଳ ମାତ୍ର ୩୨ ଲକ୍ଷ ବର୍ଗ କିମି, ଚିନର ଲୋକ ସଂଖ୍ୟା ୧୪୦ କୋଟି ହେଲେ ମଧ୍ୟ ଏହାର ଆୟତନ ୯୨ ଲକ୍ଷ ବର୍ଗ କିମି, ଭାରତର ତିନି ଗୁଣ । ବହୁ ବର୍ଷ ହେଲା ଚିନ ନିଜର ଜନସଂଖ୍ୟା ନିୟନ୍ତ୍ରଣ ନିୟମ, One child one family କୁ କଠୋର ଭାବରେ କାର୍ଯ୍ୟକାରି ପାଇଁ ଆଇନ କରିସାରିଛି ଓ Fertility Rate କୁ ୧.୮କୁ କମେଇ ପାରିଛି । ୧୯୫୧ ମସିହାରେ ଆମଦେଶରେ ପ୍ରଥମ ଥର ପାଇଁ ବିଶ୍ୱରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଯୋଜନା ଆରମ୍ଭ ହେଲା । ସ୍ୱତନ୍ତ୍ର ପରିବାର ନିୟନ୍ତ୍ରଣ ବିଭାଗ ଖୋଲିଲା । ଗାଁଗାଁ ରେ, "ଆମେ ଦୁଇ ଆମର ଦୁଇ",ଏବେ ପରେ ଏବେ ନୁହେଁ, ଦୁଇ ପରେ କେଭେ ନୁହେଁ", "ଛୋଟ ପରିବାର ସୁଖି ପରିବାର" ଧ୍ୱନି ଶୁଭିଲା । କାନ୍ଥବାଡରେ ଲେଖାମାନ ଦେଖାଗଲା। ସରକାରୀ କର୍ମଚାରି ମାନେ ସାହି ସାହିରେ ପ୍ରଚାର କଲେ। ମାତ୍ର ରାଜନୈତିକ ସ୍ତରରେ ସହଯୋଗ ମିଳିଲା ନାହିଁ । ନେତା ମାନେ ତାଙ୍କ ପିଲା ସଂଖ୍ୟା ବଢେଇ ଚାଲିଲେ । ଅନ୍ୟ ବିଭାଗରୁ ମଧ୍ୟ ସହଯୋଗ ମିଳିଲା ନାହିଁ । ଶିକ୍ଷାର ଅଭାବ, କୁସଂସ୍କାର, ଅନ୍ଧ ବିଶ୍ୱାସ ଯିଏ ପେଟ ଦେଇଛି ସେ ମୁହଁକୁ ଦାନା ଦେବ, ଏହିଭଳି ଉଦଭଟ ଚିନ୍ତାଧାରା ଯୋଗୁ ସମସ୍ତ ପରିଶ୍ରମ ପରେ ମଧ୍ୟ ଏହି ଯୋଜନା ସଫଳ ହେଲା ନାହିଁ । ସରକାରୀ ପ୍ରୋତ୍ସାହନ କମିଗଲା । ୧୯୭୦ ମସାହାରେ କଂଗ୍ରେସ ନେତା ସଂଜୟ ଗାନ୍ଧୀ ହଟାତ ଏହି ଯୋଜନାକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଲେ। ସାରା ସରକାରୀ କଳ ଲାଗି ପଡିଲା। ବେଶ ଅଗ୍ରଗତି ମଧ୍ୟ ହେଲା । ମାତ୍ର ଅନେକ ସ୍ଥାନରେ ଅଫିସର ମାନେ ମାତ୍ରାଧିକ ଉତ୍ସାହ ଦେଖାଇ ଜବରଦସ୍ତି ପରିବାର ନିୟନ୍ତ୍ରଣ କଲେ ବୋଲି କୁହାଗଲା । ସେତେବେଳେ ଜରୁରୀ ଅବସ୍ଥା । ସତ ମିଛ ଜାଣିବାର ଉପାୟ ନାହିଁ । ଗୁଜବ ତା କରାମତି ଦେଖାଇଲା । ସେଥିପାଇଁ ଇନ୍ଦିରା ଗାନ୍ଧି ନିର୍ବାଚନ ହାରିଲେ । ତାପର ନିର୍ବାଚନରେ ଦେଶର ସ୍ୱାର୍ଥକୁ ପଛକୁ ପକାଇ ଅଳିକ କାହାଣୀ ମାନ ସୃଷ୍ଟି କରି ଯୋଜନାକୁ ବିସର୍ଜନ ଦିଆଗଲା ଓ ଆଉ କୌଣସି ସରକାର ସେଥିପାଇଁ ଆଗ୍ରହ ଦେଖାଇଲେ ନାହିଁ । ଦେଉଥିବା ସବୁଜ ପତ୍ରିକାର ସୁବିଧା ଦିଆଗଲା ନାହିଁ । ଶେଷକୁ ପତ୍ରିକା ମଧ୍ୟ ପ୍ରତ୍ୟାହାର ହେଲା । ୧୯୯୪ ମସିହାରେ ଆନ୍ତର୍ଜାତିକ ସମ୍ମିଳନୀରେ ସ୍ଥିର ହେଲା ଯେ ସନ୍ତାନ ସଂଖ୍ୟା ସ୍ଥିର କରିବା ଦମ୍ପତ୍ତିଙ୍କ ମୌଳିକ ଅଧିକାର । ସରକାର ସେଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଭାରତ ସେହି ଚୁକ୍ତିରେ ସ୍ୱାକ୍ଷର କଲାପରେ ଆଉ ଲୋକଙ୍କୁ ପ୍ରବର୍ତ୍ତାଇବା ନିଷେଧ ହେଲା । ଯଦିଓ ସ୍ଥାନୀୟ ନିର୍ବାଚନରେ (ତ୍ରିସ୍ତରୀୟ) ଦୁଇଟି ସନ୍ତାନକୁ ନୀତି ଭାବରେ ଗ୍ରହଣ କରାଗଲା, ବିଧାନସଭା ବା ପାର୍ଲିଆମେଣ୍ଟ ନିର୍ବାଚନରେ ତାହା କାର୍ଯ୍ୟକାରି ହେଲାନି । ସ୍ଥାନୀୟ ନେତା ମାନେ ଆଇନକୁ ଫାଙ୍କି ବାକୁ ସଫଳ ହେଲେ ।

୩. ଟୋଟାଲ ଫର୍ଟିଲିଟି ରେଟ : ଏହା ଜନ ସଂଖ୍ୟା ବୃଦ୍ଧିର ସଙ୍କେତ ରୂପେ ଗ୍ରହଣ କରାଯାଏ । ୧୫ରୁ ୪୫ ବର୍ଷ ମଧ୍ୟରେ ଜଣେ ମହିଳାର ସମୁଦାୟ ପିଲାସଂଖ୍ୟାକୁ ଫର୍ଟିଲିଟି ଇଣ୍ଡେକ୍ସ ବୋଲି ଧରାଯାଏ । ୨.୧ ଇଣ୍ଡେକ୍ସ ରହିଲେ ଜନସଂଖ୍ୟା ସ୍ଥିର ରହେ । ୧୯୭୦ରେ ଭାରତର ଏହି ଇଣ୍ଡେକ୍ସ ୪.୭ ଥିଲା । ୧୯୯୮ ବେଳକୁ ତାହା ୨.୪କୁ କମିଗଲା । ବର୍ତ୍ତମାନ ତାହା ୨.୨ ଅଛି । କେରଳ, ତାମିଲନାଡୁ, ଗୁଜୁରାଟ, ମହାରାଷ୍ଟ୍ର, ଆସାମ, କର୍ଣ୍ଣାଟକ, ମିଜୋରାମ ପଞ୍ଜାବ, ଆଦି ରାଜ୍ୟରେ ଏହା ୧.୮କୁ କମିଗଲାଣି । ମାତ୍ର ୟୁପି, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ ଭଳି କାଓ ବେଲଟରେ ଏହା ୩ ଉପରେ ଅଛି । ସେଥିପାଇଁ ଏଗୁଡିକୁ ବେମାରୁ ରାଜ୍ୟ କୁହାଯାଉଛି । ଶିକ୍ଷାର ଅଭାବ, କୁସଂସ୍କାର, ଧର୍ମାନ୍ଧତା ସାମନ୍ତବାଦୀ ମନୋଭାବ ଯୋଗୁ ଏହି ରାଜ୍ୟ ମାନେ ପ୍ରଗତି ମାପରେ ଢେର ପଛରେ ପଡିଛନ୍ତି ।

Sustainable Population: ଏହା ଜାତିସଂଘ ନିର୍ଣ୍ଣୟ କରିଥିବା ଏକ ମାପକ । କୌଣସି ଦେଶର ପ୍ରାକୃତିକ ସମ୍ପଦ କେତେ ଜନସଂଖ୍ୟାକୁ ସ୍ୱଛନ୍ଦରେ ଧାରଣ କରିପାରିବ ତାହା ଏହ । ଜଣାଏ । ଭାରତର ଏହି ମାପକ ୯୨ କୋଟି ବୋଲି ଜାତିସଂଘ ସ୍ଥିର କରିଛି।

୪. ନିକଟରେ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ୟୁପିର ମୂଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟ ନାଥ ଏକ ଯୁଗାନ୍ତକାରୀ ଘୋଷଣା କରିଛନ୍ତି । ଦୁଇଟି ସନ୍ତାନକୁ ସରକାରଙ୍କ ନୀତି ବୋଲି ଘୋଷଣା ହୋଇଛି । ଯେଉଁ ମାନଙ୍କର ଦୁଇରୁ ଅଧିକ ସନ୍ତାନ ରହିବେ, ସେମାନେ ସରକାରୀ ଚାକିରି, ସରକାରି ସାହାଯ୍ୟ ଓ ନିର୍ବାଚିତ ପଦପଦବିରୁ ବଞ୍ଚିତ ହେବେ। ୟୁପି ଭଳି ଅନଗ୍ରସର, କୁସଂସ୍କାରାଛନ୍ନ ରାଜ୍ୟରେ ଏହା ଏକ ସାହାସିକ ପଦକ୍ଷେପ । ଆଗରୁ ଆସାମ ସରକାର ସୋନୱାଲାଙ୍କ ସମୟରେ ଏହି ଆଇନ ଆଣିଛନ୍ତି । ଅନ୍ୟ କେତେକ ରାଜ୍ୟ ମଧ୍ୟ ଆଇନ ଆଣିଛନ୍ତି । ଜନସଂଖ୍ୟା ନିୟନ୍ତ୍ରଣକୁ ଆଇନର ପରିସରକୁ ଆଣିବା ପାଇଁ ପାର୍ଲିଆମେଂଟରେ ଏକାଧିକ ଆଇନ ମଧ୍ୟ ଅଣା ହୋଇଛି । ୨୦୧୯ରେ ବିଜେପି ସଭ୍ୟ ରୋସନ ଚୌହାନଙ୍କର ବିଲ ସେଥିରୁ ଅନ୍ୟତମ।

୫. ମୁଖ୍ୟତଃ ସମାଜର ଅଶିକ୍ଷିତ, ଗରୀବ ଶେଣୀ ର ଲୋକମାନେ ଅଧିକ ସଂଖ୍ୟାରେ ସନ୍ତାନ ଜନ୍ମ କରୁଛନ୍ତି । ତାହାଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଦିନକୁଦିନ ଖରାପ ହୋଇ ଯାଉଛି । କୋଟି କୋଟି ଲୋକ ବର୍ତ୍ତମାନ ସରକାରୀ ଅନୁଦାନ ଉପରେ ସଂପୂର୍ଣ୍ଣ ନିର୍ଭର କରି ବୁଛନ୍ତି, ସବୁଆଡେ ବେଆଇନ ଅପରିଷ୍କାର ବସ୍ତି ମୁଣ୍ଡ ଟେକୁଛି, ଅଧିକାଂଶ ଲୋକ ଭୂମିହିନ ହୋଇଗଲେଣି । ଉପଯୁକ୍ତ ବାସଗୃହ ଅଭାବରୁ ଲକ୍ଷ ଲକ୍ଷ ଲୋକ ଫୁଟପାଥ ଓ ପ୍ଲାଟଫର୍ମରେ ଆଶ୍ରୟ ନେଉଛନ୍ତି । ବେକାରୀ ଓ ବେରୋଜଗାରୀ ସମାଜକୁ ଗ୍ରାସ କଲାଣି । ସେମାନଙ୍କ ପାଇଁ ଶିକ୍ଷା, ପାନୀୟ ଜଳ, ଆଲୋକ, ଚିକିତ୍ସା ଯୋଗାଇବା ଅସମ୍ଭବ ହୋଇପଡିଛି । ସବୁଆଡେ କୁଢକୁଢ ଅଳିଆ ଆବର୍ଜନା ଗଦା ହେଇଛି । ପରିବେଶ ସଂପୂର୍ଣ୍ଣ ବିଗିଡି ଗଲାଣି । ଅନ୍ୟପକ୍ଷରେ ଶିକ୍ଷିତ ଲୋକ ମାନେ ନିଜର ପରିବାରକୁ ସିମିତ କରି ବିରାଟ ଘରେ ନିଃସଙ୍ଗ ଜୀବନ କଟାଉଛନ୍ତି । ସମୟ ତାର ସତର୍କ ଘଣ୍ଟି ସୁନାମି ଓ କରୋନା ଆକାରରେ ବଜାଇ ସାରିଲାଣି । ରହିବାକି ମୂଳପୋଛ ହେବା ତାର ନିର୍ଣ୍ଣୟ ଆମ ହାତରେ । ଅନେକ ମନେ କରନ୍ତି ଭାରତରେ ନେଗେଟିଭ ଜନସଂଖ୍ୟା ବା ହ୍ରାସ ଆରମ୍ଭ ହୋଇଗଲାଣି । ୨୦୪୭ ମସିହାରେ ସର୍ବୋଚ୍ଚ ସଂଖ୍ୟା ୧.୬ ବିଲିଅନରେ ପହଞ୍ଚିବ ଓ ତା'ପରେ କମି ୨୧୦୦ ମସିହା ବେଳକୁ ୯୦ କୋଟିକୁ ହ୍ରାସ ପାଇବ । ଅନେକ ପାଶ୍ଚତ୍ୟ ରାଷ୍ଟ୍ରରେ ସନ୍ତାନ ସଂଖ୍ୟା କମ୍ ଯୋଗୁ ଜନସଂଖ୍ୟା କମିବାରେ ଲାଗିଛି । ତେଣୁ ସେମାନେ ଭାରତ, ଚିନ୍ ଭଳି ଜନବହୁଳ ଦେଶରୁ ଲୋକମାନଙ୍କୁ ନେଇ ନିଜ ପାଇଁ କାମ କରାଇଛନ୍ତି ଓ ନିଜେ ପ୍ରାଚୁର୍ଯ୍ୟରେ ରହୁଛନ୍ତି । ଜଣେ ଆମେରିକାନ, ମଣିଷର ଯାହା ନିମ୍ନତମ ଖାଦ୍ୟ ଆବଶ୍ୟକ ତାର ୧୦ ଗୁଣ ଖାଦ୍ୟ ପାଉଛି ଓ ପାଣି ୨୫୦ ଗୁଣ ବ୍ୟବହାର କରୁଛି । ଶତାବ୍ଦୀ ଶେଷ ସୁଦ୍ଧା ପୃଥିବୀର ୯୦ ଭାଗ ସଂପତ୍ତିର ମାଲିକ ସେମାନେ ହେବେ ଓ ଏସିଆ ଆଫ୍ରିକାର ଦେଶ ମାନେ ଅଭାବ ଅନାଟନର କଳା ଗହ୍ୱରରେ ପଡି ଛଟପଟ ହେବେ ।

୬. ସୁଖର କଥା ରାଜନୈତିକ ଲାଭ କ୍ଷତି ହିସାବକୁ ପଛକୁ ପକାଇ ମୋଦି ସରକାର ଅନେକ ଐତିହାସିକ ନିଷ୍ପତ୍ତି ନେଉଛନ୍ତି, ଯାହା ବହୁ ଆଗରୁ ନେବାରଥିଲା । ବାବରୀ ମସଜିଦ ସମସ୍ୟା, କାଶ୍ମୀର ସମସ୍ୟା, ୟୁନିଫର୍ମ ସିଭିଲ କୋର୍ଡ, ମୁସଲିମ ପରସନାଲ ଲ, ବିଦେଶୀ ନାଗରୀକ ସମସ୍ୟା, ଫାର୍ମ-ଲ କୁ ସାହାସର ସହ ସମାଧାନ କଲା ପରେ ଜନସଂଖ୍ୟା ସିମିତ ପାଇଁ ପଦେକ୍ଷପ ଆରମ୍ଭ କରିଛନ୍ତି । ଏ ସୁଯୋଗରେ ଭୋଟ ରାଜନୀତିକୁ ପଛକୁ ପକାଇ ସମସ୍ତ ରାଜନୈତିକ ଦଳ ଏହାକୁ ସମର୍ଥନ ନକଲେ ଇତିହାସ ସେମାନଙ୍କୁ କ୍ଷମା ଦେବନାହିଁ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, (ମୋ) ୯୪୩୭୨୩୫୩୮୬


## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ-୨୦

**ସୀତା ହରଣ**


ଶ୍ରୀରାମ ଶବରୀଠାରୁ ଋଷ୍ୟଶୃଙ୍ଗ (ଚିତ୍ରକୂଟ) ପର୍ବତ ନିକଟକୁ ଗଲେ। ପର୍ବତ ଉପରେ ସୁଗ୍ରୀବ, ହନୁମାନ, ଜାମ୍ବବାନ, ଅଙ୍ଗଦ ବସିଥିଲେ। ହନୁମାନ ଶ୍ରୀ ରାମଙ୍କ ନିକଟକୁ ଆସି ପରିଚୟ ପ୍ରଦାନ କରି ଦୁଇ ଜଣଙ୍କୁ ସୁଗ୍ରୀବ ନିକଟକୁ ନେଇ ଗଲେ। ଦୁଇଜଣ ନିଜ ନିଜ ବିପଦ ବିଷୟ କହିବାରୁ ସୁଗ୍ରୀବ କହିଲେ-

ବୋଲେ ସୁଗ୍ରୀବ ରାମ କ୍ଲେଶ ଭାଷା<br>
ବେନି ଜନେ ପଡ଼ିଛି ଏକ ଦଶା

ଶ୍ରୀରାମ କହିଲେ- ପ୍ରଥମେ ବାଳୀକୁ ବଧକରି ତୁମକୁ ରକ୍ଷା କରିବି। ସୁଗ୍ରୀବ ଶ୍ରୀରାମଙ୍କ ବଳ ପରୀକ୍ଷା କଲେ। ତାପରେ ସୁଗ୍ରୀବ ରାମଙ୍କ ବୀରତ୍ୱ ସମ୍ବନ୍ଧରେ ଜାଣିବା ପରେ ଖୁସି ହେଲା। ବାଳୀ ସହିତ ଯୁଦ୍ଧ କରିବାକୁ ରାଜି ହେଲା। ସୁଗ୍ରୀବ ଯାଇ ବାଳୀକୁ ଯୁଦ୍ଧ କରିବା ପାଇଁ ଆହ୍ୱାନ କରିବାରୁ ସେ ବାହାରି ଆସିଲା। ରାମ କହିଲେ କିଏ ବାଳୀ କିଏ ସୁଗ୍ରୀବ ମୁଁ ଚିହ୍ନି ପାରବି ନାହିଁ। ପ୍ରଭୁ ସୁଗ୍ରୀବର ଦେହରେ ବଦର ହସ୍ତ ଆଉଁଶୀ ଦେଲେ। ସୁଗ୍ରୀବର ଶରୀର ବଜ୍ରଠାରୁ ମଧ୍ୟ ଅଧିକ କଠିନ ହୋଇଗଲା। ତା' ଗଳାରେ ମାଳାଟିଏ ପିନ୍ଧାଇ ଦେଲେ ଏବଂ ଯୁଦ୍ଧକୁ ଯିବା ପାଇଁ କହିଲେ। ସୁଗ୍ରୀବ ରାମ ଆଡ଼କୁ ଦୃଷ୍ଟି ରଖି ଯୁଦ୍ଧ କଲା। ବୃକ୍ଷର ଆଢୁଆଳରୁ ବାଳିକୁ ଲକ୍ଷ୍ୟ କରି ରାମ ତୀର ନିକ୍ଷେପ କଲେ ବାଳୀ ଧରାଶାୟୀ ହେଲା। ପ୍ରଭୁ ଯାଇ ତାର ସମ୍ମୁଖୀନ ହେଲେ। ବାଳୀ କହିଲା ହେ ରାମ! ତୁମେ ମୋତେ ବ୍ୟାଧ ପରି କାହିଁକି ବଧ କଲ? ତୁମେ ଧର୍ମାବତାର। ଅଧର୍ମ କାର୍ଯ୍ୟ କଲ କିପରି? ରାମ କହିଲେ ଭାତୃପତ୍ନୀ ହରଣ କରିଥିବାରୁ ତୋର ଏପରି ଗତି ହେଲା। ଦ୍ୱାପରରେ ତୋର ପୁତ୍ର ଅଙ୍ଗଦ ପିତୃହନ୍ତା ଋଣ ସୁଝିବା ପାଇଁ, ଭାତୃ ପତ୍ନୀ, ଭଗ୍ନି ଓ କନ୍ୟା ହରଣ ଯେଉଁମାନେ କରନ୍ତି ସେପରି ଅଧର୍ମୀକୁ ସମ୍ମୁଖ ଯୁଦ୍ଧରେ ମାରିବା ଉଚିତ୍ ନୁହେଁ।

(କ୍ରମଶଃ)


+ ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

## ବାଲେଶ୍ୱର ଜିଲ୍ଲା କଟକଣାରୁ କେବେ ମୁକୁଳିବ ?

**ସୁବ୍ରତ କର**



ବାଲେଶ୍ୱର ଜିଲ୍ଲା ଏବେ ମଧ ରେଡ୍ ଜୋନ୍ ମଧରେ । କେବେ ଅନ୍ୟ ୨୦ ଜିଲ୍ଲା ଭଳି ଗ୍ରୀନ୍ ଜୋନ୍‌କୁ ଆମ ଜିଲ୍ଲା ଆସିବ ଏବଂ ସାପ୍ତାହିକ ସଟ୍‌ଡାଉନ୍ ଏବଂ ରାତି କରଫ୍ୟୁରୁ ମୁକ୍ତି ପାଇବ ଏହା ସମସ୍ତଙ୍କ ମନରେ ପ୍ରଶ୍ନ । କେବେ ଅଟକିଥିବା ପ୍ରଚାରୁ ବାହାଘର, ବ୍ରତ ଘରକୁ ଖୋଲାଖୋଲି କରାହେବ? ଜନ ସାଧାରଣ ସବୁ ଅତିଷ୍ଠ ହୋଇଗଲେଣି । ସାମାଜିକ ଜୀବନ ଏବଂ ଅର୍ଥନୈତିକ ଅବସ୍ଥା ଅତି ସଂଗୀନ ହୋଇ ପଡିଛି । କେହି କାହା ଘରକୁ ଯାଇଆସି ପାରୁ ନାହାନ୍ତି ଏବଂ ଭଲ ଭାବରେ ମଜା, ଖୁସୀ ହୋଇ ପାରୁନାହାନ୍ତି । କରୋନା ସମସ୍ତଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲାଇ ରଖିଛି, ଯାହା ବି ଟିକିଏ ମଜା ଖୁସି ହୋଇପାରନ୍ତେ ମଝିରେ ମଝିରେ କିନ୍ତୁ ପାଣିପାଗ ଅଫିସ ବା ଅଫିସରଙ୍କ ଭଳି ହୁ' ବିଶ୍ୱ ସ୍ୱାସ୍ଥ୍ୟ ସଂଘ ତରଫରୁ ଯାହା ପାରେ ତା କହି ଡରାଇ ରଖିଛନ୍ତି । ସେ ଭଦ୍ରଲୋକଟି (ହୁ'ର ମୁଖ୍ୟ) ମଝିରେ ମଝିରେ ଛୁଟି ସହିତ ଟି.ଭି ଏବଂ ସମ୍ବାଦପତ୍ର ମାଧ୍ୟମରେ ଚେହେରାଟି ଦେଖାଇ ଭଲ କିଛି ନ କହିବା କେମିତି କରୋନାର ଲହରରୁ ଲୋକେ ବଞ୍ଚିବେ ସେ ବିଷୟରେ କିଛି ନ କହି ଖୋଲି ଦ୍ୱିତୀୟ ଲହର ପ୍ରତି ସାବଧାନ ତୃତୀୟ ଲହର ଅତି ଭୟଙ୍କର ହେବ ଇତ୍ୟାଦି ଭାଷଣ ଦେଇ ସାରା ପୃଥିବୀକୁ ଡରାଇ ରଖିଛନ୍ତି । କରୋନାର ଉତ୍ପତ୍ତି ଦେଶକୁ କିଛି ନ କହି (ଶୁଣିବା କଥା ସେ ଭଦ୍ରଲୋକ ଜଣେ ସେହି ଦେଶର ଝିଅକୁ ବାହା ହୋଇଛନ୍ତି) ଭାଷଣ ମାରିବାରେ ବ୍ୟସ୍ତ । କାହିଁକି ସେହି ଭଦ୍ର ବ୍ୟକ୍ତିଙ୍କୁ ତାଙ୍କ ଜାଗାରୁ ହଟା ଯାଉନାହିଁ ମୁଁ ବୁଝି ପାରୁନାହିଁ । ଏବେ ଆସିବା ଆମ ଜିଲ୍ଲା କଥାକୁ । ଏ ପର୍ଯ୍ୟନ୍ତ ଜିଲ୍ଲାରେ ସଂକ୍ରମିତଙ୍କ ମୋଟ ସଂଖ୍ୟା ୩୬୪୩୭ ଏବଂ ସୁସ୍ଥ ସଂଖ୍ୟା ୩୪୬୫୭ । ସକ୍ରମିୟଙ୍କ ସଂଖ୍ୟା ୧୬୧୯ । ଏ ପର୍ଯ୍ୟନ୍ତ ଜିଲ୍ଲାରେ ମୃତ୍ୟୁ ସଂକ୍ୟା ୧୫୬୩ ଗୋଟାଏ ଭଲ ଖବର ହେଉଛି ଲୋକମାନେ ପ୍ରଥମ ଟିକା ନେଉଛନ୍ତି ସେମାନଙ୍କ ଶରୀରର ଇମ୍ୟୁନିଟି ୮୨ରୁ ବଢ଼ିବ ଏବଂ ଯେଉଁମାନେ ଦୁଇଟି ପାନ ଟିକା ନେଇଛନ୍ତି ସେମାନଙ୍କର ପ୍ରାୟ ୯୫ରୁ ଇମ୍ୟୁନିଟି ବଢ଼ିବ ବୋଲି କୁହାଯାଇଛି । କିନ୍ତୁ ଦୁଃଖର କଥା ଏହି ଟିକା ନେବାର ବ୍ୟବସ୍ଥା ବା ଚାହିଦାନୁସାରେ ଟିକା ଦେବାର ସରକାର ସଫଳ ହୋଇପାରୁ ନାହାନ୍ତି । ଡିମାଣ୍ଡ ଅନୁସାରେ ସପ୍ଲାଏ ଯଥେଷ୍ଟ କମ୍ ଏହାମଧ ସରକାର ମାନିଛନ୍ତି ଏବଂ ସେହି ଅନୁସାରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ପାଖରେ ଟିକାର ପରିମାଣ ବଢ଼ାଇବା ପାଇଁ ଅନୁରୋଧ ଜଣାଇଛନ୍ତି । ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ଟିକାକରଣ ହୋଇ ପାରିଲେ ହୁଏତ ରୋଗ ଅକ୍ତିଆରକୁ ଆସିବ ଏବଂ ମୃତ୍ୟୁ ସଂଖ୍ୟା କମିବ ।

## କବିତା କୋଣାର୍କ

### ପ୍ରାଣବାୟୁ...

**ସୁଧାଂଶୁ ଶେଖର ଦ୍ୱିବେଦୀ**



ଜଙ୍ଗଲକୁ କାଟି ମାନବ ଜାତି<br>
ସୁନ୍ଦର ମହଲ କଲା,<br>
ଦେଖ ପ୍ରାଣବାୟୁ ଜଗତରେ<br>
କେମିତି ସଂକଟ ହେଲା।<br>
ଯେଉଁ ଅଗଣାରେ ତୁଳସୀ ଥାଏ<br>
ବାୟୁର ଶୁଦ୍ଧତା ବଢେ,<br>
ଅଶ୍ୱତ୍ଥ, ନିମ୍ବର ବୃକ୍ଷ ରହିଥିଲେ<br>
ଅମ୍ଳଜାନ କେତେ ଛାଡେ।<br>
ଦେଇଛି ପ୍ରକୃତି ମାଗଣାରେ<br>
ପ୍ରାଣବାୟୁ ଅଯାଚିତ,<br>
ସାଇତି ସମ୍ଭାଳି ପାରିଲାନି<br>
ଏ ହୀନ ମଣିଷ ସତ।<br>
ପ୍ରକୃତିର କୋପ ବଢ଼ିଛି ଏବେ<br>
ବୁଝିନିଅ ତା ଇଶାରା,<br>
ଛଟପଟ ହୋଇ ମରିବେ ସଭିଏଁ<br>
ଏ ତ ନିୟତିର ଧାରା।<br>
ଯେମିତି କରମ କରିଛି ଯିଏ<br>
ସେମିତି ଫଳ ସେ ପାଏ,<br>
ଗଛଟିଏ ଭାଇ ଲଗାଅ ସଭିଏଁ<br>
ସଂକଟୁ ବର୍ତ୍ତିବା ଯାଏଁ।


+ ବିସି-୭୪, ସଲଟ ଲେକ୍, କଲକାତା-୬୪<br>
(ମୋ) ୯୬୮୧୩୭୩୫୧୨


## କବିତା କୋଣାର୍କ

### ବନ୍ଦ୍ କରାଯାଉ ଜରି...

**ପ୍ରମୋଦ କୁମାର ସାହୁ**



ଯାହି ଦେଖ୍ ବ ଭରନ୍ ଭରନ୍<br>
ଗଦା ହେଇଥିବା ଜରି<br>
ଛେଲ୍ ଗାଏ ଦାମୁର୍ ଖାଇକରି କେତେ<br>
ପଟ୍ ପାଟ୍ ଜାଉଛନ୍ ମରି ।<br>
ଖେତ୍ ଖଲା ନେ ବି ଭର୍ ତି ହେଲା ନ<br>
ନାଇଁ ପାରୁଛେ ଜିରି<br>
ଜରି ବେଭାର୍ କରି କେତେ ଦିନ୍ ତକ୍<br>
ବଞ୍ଚି ମୁଁ ଡରି ଡରି<br>
ଗୁହାରି କରୁଛେ ତମ୍ କୁ ମୋଦି ସରକାର<br>
ବନ୍ଦ୍ କରାଯାଉ ଜରି ।୧।

ହାଟେ ହଉ କି ଦୁକନେନ ହଉ<br>
ଘିନ୍ ବାର୍ ଚଲ୍ ତୁ ଦରବ୍<br>
ଗୁଦାମ୍ ମାନ୍ ଆଏସି କେତେ<br>
ଜରି ମୁନା ଟରକ୍ ଟରକ୍ ।<br>
ହେ ଜରି ଆନି ଗାଁ ଭୁଇଁ ନେ<br>
ଗୁର୍ ଦୁ ହେଇଗଲା ନ ଭରି<br>
ଗୁହାରି କରୁଛେ ତମ୍ କୁ ମୋଦି ସରକାର<br>
ବନ୍ଦ୍ କରାଯାଉ ଜରି ।୨।

ମଦ୍ ଭାଟି ଚାରିକୁଡି ଗଦା ଛୁଟୁଥିସି<br>
ପିଇଲା ପାଉଚ୍ ଜରି<br>
ହେ ମଦ ପାଉଚ୍ ଜରି ପିଇକରି<br>
କେତେ ଲୁକର୍<br>
ପୋ ମୁନୁଷ୍ ସବୁ ଯାଉଛନ୍ ମରି ।<br>
କୁଟୁମ୍ ଜାକ କେତେ ଗୁଲ୍ ଗୁଲା ହେଇ<br>
ମର୍ ସନ୍ ଝୁରି ଝୁରି ।<br>
ଗୁହାରି କରୁଛେ ତମ୍ କୁ ମୋଦି ସରକାର<br>
ବନ୍ଦ୍ କରାଯାଉ ଜରି ।୩।

ରାତା ରାଏତ୍ ଜେନ୍ତା ପାନ୍ ଶ ହଜାରେ<br>
ଟକି ଲୋଟ୍<br>
ଦେଇଥିଲ ବନ୍ଦ୍ କରି<br>
ପ୍ଲାଷ୍ଟିକ ଜରି ଯେତେ ସବୁ ଅଛେ<br>
ହେନ୍ତା ଦିଆ ଘାଏ ବନ୍ଦ୍ କରି ।<br>
ଜମିନ୍ ମାଏଟ୍ ଆମର୍ ଉସାସ୍ ହେବା<br>
ଫୁଲ୍,ଫଲ୍ ସବୁ ଫଲ୍ ବା ଝାଏ କରି ।<br>
ଗୁହାରି କରୁଛେ ତମ୍ କୁ ମୋଦି ସରକାର<br>
ବନ୍ଦ୍ କରାଯାଉ ଜରି ।୪।

ନଏଦ୍ ନଲିଆ ବନ୍ଧ କଟା ର୍ ପାନି<br>
ରହେଲା ଭେଲା ଭେଲା<br>
ଗଏନ୍ଧ ବାସ୍ ସବୁ ଚାପି ଆସୁଛେ<br>
ଜରି ର୍ ଲାଗି ପରିବେଶ୍<br>
ଖରାପ୍ ହେଲା ।<br>
ସଂସାର ଜାକିର୍ ଲୋକ୍<br>
କେନ୍ତା ଚଲ୍ ବେ<br>
ଜି ଥାଉଁ ଥାଉଁ ଜିବେ ମରି ।<br>
ଗୁହାରି କରୁଛେ ତମ୍ କୁ ମୋଦି ସରକାର<br>
ବନ୍ଦ୍ କରାଯାଉ ଜରି ।୫।

ଦେଖୁ ଦେଖୁ ସମିଆ ବିତି ଯାଉଛେ<br>
ଆମ୍ କେ ଇ ଜରି ଦିନେ ଦେବା ମାରି<br>
ବେଲ୍ ଥାଉଁ ଥାଉଁ ସଲ୍ ଖେଇ ପକ<br>
ନାଇଁ କର ଆର୍ ଡେରି ।<br>
ମା ମାଏଟ୍ କେ ଆବ୍ ରି ଦେଲା ନ<br>
ସଂସାର୍‌ର ଲୋକ୍ ପଏର୍ଛା<br>
ଯିବେ ସରି ।<br>
ଗୁହାରି କରୁଛେ ତମ୍ କୁ ମୋଦି ସରକାର<br>
ବନ୍ଦ୍ କରାଯାଉ ଜରି ।୬।


+ କଣ୍ଡରେଇ, କର୍ଲାମୁଣ୍ଡା ଜି- କଳାହାଣ୍ଡି<br>
(ମୋ)୬୩୭୯୦୮୧୫୧୬


### ଦରିଦ୍ର ପ୍ରେମିକ...

**ସୁବ୍ରତ ମଲିକ**



ପ୍ରେମର ସଉଦା କରିପାରିଲିନି<br>
ସେଥିପାଇଁ ଦୂରେ ଚାଲିଗଲ,<br>
ଦରିଦ୍ର ପ୍ରେମିକ ପରିଚୟ ଦେଇ<br>
ସବୁ ସମ୍ପର୍କକୁ କାଟିଦେଲ ।।<br>
ଖାଣ୍ଟି ସୁନା ପରି ପ୍ରେମକୁ ମୋହର<br>
ମୁଦା ପରି ତୁମେ ଭାବିନେଲ,<br>
ଧନୀକ ବଣିଆ ତରାଜୁରେ ତୁମେ,<br>
ପ୍ରେମକୁ ଆମର ତଉଲିଲ ।।<br>
ମନର ସୁନ୍ଦର ସଜଡ଼ା ଘରକୁ<br>
ଆଉ କାହା ପାଇଁ ଉଜାଡିଲ,<br>
ଯାଯାବରଟିଏ ସଜାଇଣ ମୋତେ<br>
ଆଉ କା' ହୃଦୟେ ଘର କଲ ।।<br>
ବିରହ ଜୁଇଁରେ ଜଳେଇବା ପାଇଁ<br>
ଶରୀରକୁ ମୋର ବାଛିନେଲ,<br>
ବାସର ରାତିରେ ନିଜର ଦେହକୁ<br>
ଅନ୍ୟକୁ ସମର୍ପି ଆଦରିଲ ।।<br>
ଚିହ୍ନିବାରେ ତୋତେ ଭୁଲ୍ କଲି ଅବା<br>
ଭଲ ପାଇ ଭୁଲ୍ କଲି,<br>
ଆୟୁଷ ଥାଇ ବି ଆଜି ଏ ସଂସାରୁ<br>
ତୋ ପାଇଁ ବିଦାୟ ନେଲି ।।


+ କୋରୁଆ, ଅସୁରାଳି, ଭଦ୍ରକ<br>
(ମୋ)୭୦୦୮୩୧୫୯୧୬

# ସ୍ୱପ୍ନନୀଡ

ପ୍ରବୀଣ କୁମାର କବି





ସଂଜବେଳୁ ମୁନା ସାହୁ ଦୋକାନରୁ ତିନିଥର ଫେରିଲାଣି ଚଇନି, ଏଇ ଥରକୁ ମିଶେଇଲେ ଚାରିଥର ହେବ। ଅନ୍ଧାର ରାତି, ଏଣେ ପୁଣି ତା ଆଖିକୁ ଭଲକରି ଦିଶୁନି, ତଥାପି ବି ପାଦ ଗଣିଗଣି ଦୋକାନରେ ପହଞ୍ଚିଲା ଚଇନି। ସନ୍ଧ୍ୟା ଆଠଟା ପାଖାପାଖି ହେବ। ସେତେବେଳକୁ ମୁନା ସାହୁ ସଉଦା ଦେବାରେ ପୁରା ବ୍ୟସ୍ତ ଥାଏ। କାରଣ, ସଞ୍ଜବେଳେ ହିଁ ତା ଦୋକାନରେ ବେଶୀ ଭିଡ଼ ହୁଏ ଆଉ ପୁଣି ଆଖ ପାଖରେ ଭେରାଇଟି ଷ୍ଟୋର କହିଲେ ତ ସେଇ ଗୋଟିକ, ତେଣୁ ଭିଡ଼ ହେବା ସ୍ୱାଭାବିକ୍। ଚଇନି ମୁହଁରୁ ଝାଳ ତକ ପୋଛି ପାଖରେ ପଡିଥିବା କାଠ ବେଞ୍ଚରେ ବସିଲା ଆଉ ଅପେକ୍ଷା କଲା କେତେବେଳେ ଦୋକାନ ଟିକେ ଫାଙ୍କା ହବ ଆଉ ସେ ମୁନାକୁ କହି ପୁଅ ପାଖକୁ ଫୋନ୍‌ଟା ଲଗେଇବ। କିଛି ସମୟ ଭିତରେ ଦୋକାନ ଟିକେ ଫାଙ୍କା ହେଲା। ଥରଥର କଣ୍ଠରେ ଚଇନି କହିଲା - ସାହୁ ପୁଅ, ଆଉ ଥରେ ବିନଟାକୁ ଲଗାଅ, ଏଥର ନଲାଗିଲେ ଆଉ ଆସିବିନି। ପିଲାଲୋକ ତ କାଳେ ମୋବାଇଲ୍‌ଟାକୁ ରଖିଦେଇ କୁଆଡେ ଚାଲିଯାଇଥିବ। ମୁନା ସାହୁ ପ୍ରଥମେ ଟିକେ ବିରକ୍ତି ଭାବ ପ୍ରକାଶ କଲା, ତାପରେ ବିନକୁ ଫୋନ୍ ଲଗେଇଲା।

ଚଇନି ଇଆଡ଼େ ଠାକୁରାଣୀଙ୍କୁ ମନେମନେ କେତେ କଣ ମନାସି ଡାକୁଥାଏ ଯେମିତି ବିନର ଫୋନ୍‌ଟା ଲାଗିଯାଉ, ସଂଜବେଳୁ କେତେଥର ଫୋନ୍ ଲଗେଇଲାଣି ସେ, ସବୁ ଥର ଫୋନ୍ ବନ୍ଦ। ଯାହା ହେଉ ସେଇଆ ହେଲା। ଠାକୁରାଣୀ ତା ଡ଼ାକ ଶୁଣିଲେ ହେଲେ ବିନ ଶୁଣିଲାନି। ଫୋନ୍ ତ ଲାଗିଲା ହେଲେ ବିନ ଫୋନ୍ ଉଠେଇଲାନି। ମୁନା ସାହୁ ଆଉ ଦୁଇ ତିନି ଥର ରିଂ କଲା ତଥାପି ସେ ଫୋନ ଉଠେଇଲାନି। ମୁନା ସାହୁ ଶେଷରେ ବିରକ୍ତ ହେଇ କହିଲା ନା, ସେ ଉଠାଉନିରେ ଚଇନି, ତୁ ଯା। ମତେ ଆଉ ହଇରାଣ କରନି।

ମନରେ ଅନେକ ପ୍ରଶ୍ନବାଚୀ ସହ ଘରକୁ ଫେରୁଥିଲା ଚଇନି, ଆଖି-ଛାତି ତାର ପୁରା ଓଦା। ମନ ଭାରୀ ଭାରୀ, ପାଦରେ ଚାଲିବାକୁ କାଣିଚାଏ ବି ଶକ୍ତି ନାହିଁ। କଣ କରିବ ସେ ! ରାତି ପାହିଲେ ପଞ୍ଚୁଆ ମିସ୍ତ୍ରୀ ତା ଭାଡି କାଢ଼ିନେବ, ତାର ଗୋଟେ ବର୍ଷର ସମ୍ପୂର୍ଣ୍ଣ ସାଧନ ପାଣିରେ ପଡ଼ିବ। ହୋଉ, ଯାଉ। ମନକୁ ବୁଝେଇଲା ଚଇନି। ଆର ବର୍ଷ ସେ ଝାଳ ନିଗାଡି ପୁଣି ଫସଲ କରିବ, ଆଉ ପଇସା ଏକଜୁଟ କରିବ ଛାତ ପାଇଁ। ହେଲେ, ଛାତ ପକେଇବା ପୂର୍ବରୁ ଭାଡି କାଢ଼ିନେଲେ ଲୋକ କଣ୍ ଭାବିବେ ! ଗାଁଲୋକ ଟାହି ଟାପରା କରିବେ, ସାହି-ଭାଇ ହସିବେ, ଏସବୁ ସେ ସହିପାରିବ ତ ? ହଁ କାହିଁକି ପାରିବନି, ସେମାନେ ହସିଲେ ତାର ଯାଆସ କଣ୍ ! ହସନ୍ତୁ । ତା ଚୁଲି ଚାଳ ତାକୁ ସୁନ୍ଦର, ମନେମନେ ଏତିକି କହି ସେ ଜୋରେ ପାଦ ପକେଇଲା ଘର ଅଭିମୁଖେ। ହେଲେ କିଛି ବାଟ ଗଲା ପରେ ତାର ହଠାତ୍ ମନେ ପଡ଼ିଲା ଯେ ଆଉ ମାସଟାଏ ଗଲେ ପାର୍ବଣ ମାସ , ବାତ୍ୟା ଆସିବା ଥୟ। ଖାଲି ଏଥର ନୁହଁ ସମୁଦ୍ର କୂଳ ଅଞ୍ଚଳ ବୋଲି ପ୍ରାୟ ପ୍ରତି ବର୍ଷ ତା ଗାଁକୁ ବାତ୍ୟା ଆସେ। ପ୍ରତିଥର ମାଟି ଛପରରେ ରହୁଥିବା ଲୋକମାନଙ୍କୁ ବାତ୍ୟା ପୂର୍ବରୁ ସୁରକ୍ଷିତ ଜାଗାକୁ ଯିବାକୁ ପଡ଼େ। ହେଲେ ଏଥର କଣ୍ ସେ ପୂର୍ବପରି ଆଉ ବାତ୍ୟା ପୂର୍ବରୁ, ଜିନିଷ ପତ୍ର, ଗାଈ ଗୋରୁଙ୍କୁ ଧରି ଆଶ୍ରୟ ସ୍ଥଳକୁ ଯାଇପାରିବ ! ନା, ତା ଦେହରେ ଏବେ ନା ଆଗଭଳି ବଳ ଅଛି ନା ଆଖିରେ ଅଛି ଜ୍ୟୋତି। ଗତବର୍ଷ ବାତ୍ୟା ସମୟରେ ସେ କମ୍ ହିନସ୍ଥା ହେଇନି। ଏଥର ତ ତା ପାଇଁ ଆହୁରି ସଙ୍କଟ। ଏବେ ସମୟ ସହ ତାଳ ଦେଇ ଧିରେଧିରେ ଦୁର୍ବଳ ହୋଇଗଲେଣି ତା ସ୍ନାୟୁଗଣ। ହାତ ଗୋଡରେ ଆଗଭଳି ବଳ ନାହିଁ , ସଂଜହେଲେ ଆଖିକୁ ଦିଶୁନି, ଆଉ ତା ଉପରେ ପୁଣି ବିନବୋଉର ଭଙ୍ଗାଗୋଡ। ଡାକ୍ତର ଦୁଇ ତିନି ମାସ ଖଟରୁ ଓହ୍ଲାଇବାକୁ ବି ମନା କରିଛନ୍ତି। ସେ କଣ ଆଉ ଚାଲି ଚାଲି ଆଶ୍ରୟ ସ୍ଥଳ ଯାଏ ଯାଇପାରିବ ! ଏତିକି ଭାବିବା କ୍ଷଣି ତା ମୁଣ୍ଡଟା ସୁନ୍ ମାରିଦେଲା କି କଣ୍ ରାସ୍ତା ପାଖରେ ଥିବା ସିମେଣ୍ଟ ଖୁଣ୍ଟ ଟାକୁ ହାତଦେଇ ମଝି ରାସ୍ତାଟାରେ ଥମ୍ କରି ବସିଗଲା ଚଇନି। ହାତ ଦୁଇଟାକୁ ଯୋଡ଼ି ଉପରକୁ ଟେକିଲା, ଆଖିବୁଜି କଣ ସବୁ ଗୁଣୁଗୁଣୁ ହେଲା।

କେହି ନଜାଣିଲେ ବି ଠାକୁରାଣୀ ତ ଜାଣନ୍ତି, ସେ ଅନ୍ୟମାନଙ୍କ ପରି ସୋଉକ ପାଇଁ ଛାତ ଘର କରୁନି। ସେ ଜାଣେ ତା ଭଙ୍ଗା ଚାଳିଆର ସୁଖ ସେ ଛାତ ଘରେ ନାହିଁ, ମାଟି ପିଣ୍ଡାର ସ୍ୱର୍ଶ ସେ ସିମେଣ୍ଟ ଚଟାଣରେ ନାହିଁ। ହେଲେ ଜୀବନ ଥିଲେ ତ ସୁଖ ! ପ୍ରତି ଥର କେତେ ଆଉ ସେ ଡରି ଡରି ବଞ୍ଚିବ। ଆଗଭଳି ତାର ଆଉ ଯୁ ନାହିଁ।

ପ୍ରତି ଥର ବାତ୍ୟାରେ ତା ଘରକୁ ଉଜାଡି ଦିଏ ପବନ, ବନ୍ୟା ପାଣି ଧୋଇନିଏ ତା ରକ୍ତରେ ତିଆରି ପରିବା କିଆରି ସବୁକୁ । ହେଲେ ସେ ପବନକୁ,ସେ ପାଣିକୁ କେବେବି ସେ ଅନ୍ୟମାନଙ୍କ ଭଳି ଦୋ ଅଖିରି ଶୁଣାଏନି। ଓଲଟି ପୂଜା କରେ, କହେ ଏମାନେ ନଥିଲେ କଣ୍ ଏ ଜୀବ ଥାଆନ୍ତା ନା ଆମର ଅସ୍ତିତ୍ୱ ଥାଆନ୍ତା !

ଏଇ କାରଣରୁ ଛାତ ଘର ଖଣ୍ଡେ କରିବାକୁ ମନ ବଳେଇଥିଲା ଚଇନି। ଦଶ ବାର ଥର ସରପଞ୍ଚ ପାଖକୁ ବି ଯାଇଥିଲା ଖଣ୍ଡେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ହେଲେ କିଛି ସୁଫଳ ମିଳିଲାନି। ବାଧହେଇ କୀର୍ତ୍ତନ ପ୍ରଧାନକୁ ଦୁଇ ତିନି ଥର ହାତଗୁଞ୍ଜା ବି ଦେଲା ଚଇନି, କହିଲା ବିଧାୟକଙ୍କୁ ତା ଦୁଃଖ କଥା ଜଣେଇବାକୁ, ହେଲେ ହେଲା କଣ୍ ! ପ୍ରଧାନର ବିଡିଧୁଆଁରେ ହିଁ ମିଳେଇ ଗଲା ସେ ଦେଇଥିବା ସବୁ କଥା, ସବୁ ପ୍ରତିଶ୍ରୁତି।

ଚାଷ ଜମି କହିଲେ ତ ଚଇନିର ଚାରି ଗୁଣ୍ଠ। ସିଏ ପୁଣି ଗୋଟାପୁଣି ଉପର ପାଣି ଭରସାରେ। ଦୋଫସଲି କଲେ ହିଁ ଯାଇ ତିନିପ୍ରାଣୀ କୁଟୁମ୍ବ ତାର ଚଳେ। ଛାତ ଘର କରିବ କୋଉଠୁ ! ଖାଲି ଯାହା ମହାଜନର ବିଲ କିଛି ବଖରା କରେ ବୋଲି ପୁଅକୁ କଲେଜ୍ ଯାଏ ପାଠ ପଢେଇ ପାରିଛି।

ସେଇ ଚାଳ ଛପରରେ ସେମିତି ଦୁଃଖ କଷ୍ଟରେ ଦିନକଟି ଯାଉଥିଲା ଚଇନିର, ହେଲେ ଗତ ବର୍ଷର ବାତ୍ୟା ତା ବୁଦ୍ଧି ହଜେଇଦେଲା। ଏତେ ବଡ଼ ବାତ୍ୟା ବୋଧେ ସେ ତାର ଜୀବନ କାଳ ଭିତରେ କେବେ ଦେଖି ନଥିଲା। ଘରର ଚାଳ ତ ଚାଳ ପୋଖରୀରେ ମାଛ, କଙ୍କଡା ବି ରହିଲେନି। ଶଗଡ଼ ଗାଡ଼ି, ସାଇକେଲ, ଛପର ସବୁ ଯାଇ ଗଛ ଉପରେ। ତାଙ୍କ ଗାଁକୁ ମିଶେଇ ଛ-ସାତ ଖଣ୍ଡ ଗାଁର ସମ୍ପୂର୍ଣ୍ଣ ଅସ୍ତିତ୍ୱ ହିଁ ଦୋହଲିଗଲା। ଗୋରୁଗାଈ, ପଶୁପକ୍ଷୀଙ୍କ କଥାତ ଛାଡ଼, ଚଇନିର ପଡୋଶୀକୁ ମିଶେଇ ତାଙ୍କ ଗାଁରୁ ଛଅଟି କୋକେଇ ଉଠିଲା ଏକାଥରେ। ଦୁଇ ମାସ ଯାଏ ଗାଆଁ ଖାଁ ଖାଁ ଡାକିଲା। ଚଇନିର ଘର ପ୍ରାୟ ମାଟିରେ ମିଶି ଯାଇଥିଲା, ଅଧିକାଂଶ ଚାଷ ଜମିରେ ବାଲି ଚରିଯିବା କାରଣରୁ ତାକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ଖାଲି ଯାହା ପୂର୍ବରୁ ସୂଚନା ପାଇବା କାରଣରୁ ତା ପରିବାରର ଜୀବନ ବଞ୍ଚିଗଲା। ସେଇ ଦିନରୁ ସେ ଠିକ୍ କଲା ଯେତେ କଷ୍ଟ ପଡୁନା କାହିଁକି ସେ ଏଥର ଛାତ ଘରଟିଏ କରିବ।

ପାଇଟି ପାଇଟି କରି ଯାହା କିଛି ସଞ୍ଚିଥିଲା ସେଇ ପଇସାରେ ଘର କାମ ଆରମ୍ଭ କଲା ଚଇନି। ବଖରେ ଘର ଆଉ ସାମ୍ନାରେ ଗୋଟେ ବାରଣ୍ଡା। ସେମିତି ଭଲ ମନ୍ଦ କରି ଛାତ ଯାଏ କାମ ସାରିଦେଲା ଚଇନି। ହେଲେ ଅସଲ କାମ ତ ଛାତ। ଛାତ ପଡ଼ିବାକୁ ଅତି କମ୍‌ରେ ୬୦ - ୭୦ ହଜାର ଟଙ୍କା ଦରକାର। କିଛି ଉପାୟ ନପାଇବାରୁ ଶେଷରେ ବିଲ ଦି ଗୁଣ୍ଠ ଆଉ ଘୁଷୁରୀ ତକ ବିକି ଟଙ୍କା ଯୋଗାଡ଼ କଲା ଚଇନି।

ସେଇ ବର୍ଷ ବିନୁ କଳାରେ +୨ ପାସ୍ କରିଥାଏ। ତାଙ୍କ ଗାଁ ସୁବାସ ମିଶ୍ର, ଯିଏ ହାଇଦ୍ରାବାଦ୍‌ରେ ରହେ ସେ ସେଇ ସମୟରେ ଗାଁକୁ ଆସିଥାଏ ଆଉ କମ୍ପାନୀରେ ଚାକିରି ଦେବ କହି କିଛି ପିଲାଙ୍କୁ ହାଇଦ୍ରାବାଦ୍ ନେବାକୁ ବାହାରିଥାଏ। ସାଙ୍ଗମାନଙ୍କ ହାଇଦ୍ରାବାଦ୍ ଯିବା ଦେଖି ବିନ ବି ସୁବାସକୁ ଦେଖାକଲା। ସୁବାସ କହିଲା - ଆରେ ତୁ ତ +୨ ପାସ୍ କରିଛୁ, ବଡ଼ ଚାକିରି ପାଇବୁ , ଗାଆଁରେ କାଇଁ ଅଛୁ। ମୋ ସହ ଚାଲ, ତୋ କଥା ମୁଁ ବୁଝିବି। ହେଲେ ସିକୁରିଟି ମନି ଦେବାକୁ ହେବ ୫୦ ହଜାର, ରାଜି ତ ? ବିନୁ ଘରକୁ ଆସି ବାପାଙ୍କୁ ସବୁକଥା କହିଲା। ଚଇନି ୫୦ ହଜାର କଥା ଶୁଣି ପ୍ରଥମେ ଅରାଜି ହେଲା, ହେଲେ ତା ସ୍ତ୍ରୀର ଏକା ଜିଦ୍ ତା ପୁଅ ବିଦେଶ ଯିବ, ଦୁନିଆ ଦେଖିବ। ଘର ଆଜି ନହେଲେ କାଲି ହେବ, ଆଉ ଏମିତିବି ପୁଅ ତ କହୁଛି ଦୁଇ ମାସରେ ସବୁ ଟଙ୍କା ଫେରେଇଦେବ ବୋଲି। ପୁଣି ଅସୁବିଧା କୋଉଠି !! ବିନୁ ମା' କଥାରେ ହଁ ଭରିଲା। କହିଲା ହଁ, ମା' ମୁଁ ଦୁଇ ମାସରେ ସବୁ ଟଙ୍କା ପଠେଇଦେବି ଦେଖିବୁ।

ଶେଷରେ ନାଚାର୍ ହେଇ ଚଇନି ଟଙ୍କା ଦେଇ ପୁଅକୁ ହାଇଦ୍ରାବାଦ୍ ପଠେଇଲା। ପ୍ରଥମେ ପ୍ରଥମେ ପୁଅ ସବୁବେଳେ ଫୋନ୍ କରୁଥିଲା। ତାର ଆଉ ତା ମାଆର ଭଲ ମନ୍ଦ ବୁଝୁଥିଲା। ପ୍ରଥମ ଦରମା ପାଇଲା ପରେ ବିନୁ ତା ମାଆକୁ କହିଲା - ମା ତୁ ବାପାଙ୍କୁ କହିଦେ କାମ ଆରମ୍ଭ କରିବେ ମୁଁ ଆର ମାସ ଟଙ୍କା ପଠେଇବି ।

ପୁଅ ପାଖରୁ ଏ କଥା ଦି ପଦ ଶୁଣିବା ପରେ ଚଇନିର ଖୁସି କହିଲେ ନସରେ। ଯାହା କିଛି ଟଙ୍କା ଥିଲା ସେଥିରେ ବାକି କାମ ସାରି ଭାଡ଼ି ମରା ଆରମ୍ଭ କଲା ଚଇନି। ଦିନ କେଇଟାରେ ଚାରି ରଦା ଉଠିଲା, ଆଉ ଭାଡ଼ି କାମ ବି ସରିଲା। ଚଇନି ମୁନା ସାହୁ ଦୋକାନରୁ ଫୋନ୍ କରି ବିନୁକୁ ସବୁ କଥା ଜଣେଇଲା। ବିନୁ ବି ବାପାଙ୍କ କଥାରେ ହଁ ଭରିଲା ଯେ ସେ ନିଶ୍ଚିତ ଖୁବ୍ ଶୀଘ୍ର ଟଙ୍କା ପଠେଇଦେବ। ଦିନ ଯାଇ ଗୋଟେ ମାସ ଚାଲିଗଲା ବିନର ଆଉ ଫୋନ୍ ନାହିଁ। ଶେଷ ଥର ଫୋନ୍ ଲାଗିଥିଲା ଗତ ସପ୍ତାହରେ। ଖୁବ୍ ଚିଡ୍ ଚିଡ୍ ହେଇ କଥା ହେଉଥିଲା ବିନ। କହିଲା ତୁମର ଟଙ୍କାକୁ ଛାଡ଼ିଲେ ଆଉ କଣ କିଛି କଥା ନାହିଁ ବାପା, କହିଲି ତ ପଠେଇବି। ବାସ୍ ଏତିକି କହି ଫୋନ୍ କାଟି ଦେଲା ବିନୁ।

ସେ ଦିନ ପରେ ଆଉ ଫୋନ୍ କରି ନଥିଲା ଚଇନି, ହେଲେ ପଞ୍ଚୁଆ ମିସ୍ତ୍ରୀ ଯେବେ ଆସି ତା ଦୁଆରେ ଭାଡ଼ି କାଢ଼ିନେବ ବୋଲି ରୋକ୍ ଠୋକ୍ ଶୁଣେଇଦେଇ ଗଲା, ଚଇନି ଆଉ ସହି ପାରିଲାନି। ବାଧହୋଇ ଆଜି ଆସିଥିଲା ପୁଅ ପାଖକୁ ଫୋନ ଲଗେଇବାକୁ। ହେଲେ ହେବ କଣ୍ ! ପୁଅ ତ ଫୋନ୍ ଉଠେଇଲାନି।

ଏମିତି କେତେ କଣ୍ ଭାବି ଚଇନି ଅନ୍ଧାର ଆଉଁସି ଆଉଁସି ଘର ପାଖରେ ପହଞ୍ଚିଲା ଆଉ ବାଡି ଅରଗଳି କାଢିଛି କି ନାହିଁ ତାଙ୍କ ପଡୋଶୀ ମିଶ୍ର ଘର ଟିଭିରୁ ନିଉଜ୍ ଶୁଭିଲା-

'ଓଡ଼ିଶାକୁ ପୁଣି ବାତ୍ୟା ବିପଦ'

'ବଙ୍ଗୋପସାଗରରେ ଆଉ ଏକ ସାମୁଦ୍ରିକ ଝଡ଼ ଘନୀଭୂତ ହବାକୁ ନେଇ ପୂର୍ବାନୁମାନ କଲା ଭାରତୀୟ ପାଣିପାଗ ବିଭାଗ'। 'ପୁଣି ଉପକୂଳ ଅଞ୍ଚଳ ପାଇଁ ବାଜିଲା ସତର୍କ ଘଣ୍ଟି !!!'

+ସମ୍ପାଦକ, ବଣମଲ୍ଲୀ
ଅଧ୍ୟାପକ , ପତିତପାବନ ମହାବିଦ୍ୟାଳୟ
ସାଇଁକୁଳ, କେନ୍ଦୁଝର-୭୫୮୦୪୩
ମୋ: ୭୬୦୯୦୭୭୦୨୩

# ଅମାଣିଷ

ଦିଲ୍ଲୀପ କୁମାର ସାହୁ





ସବୁଦିନ ପରି ଆଜି ମଧ ଡାକ୍ତରଖାନା ଗାଡି, କଲୋନୀ ଗଳିମୁଣ୍ଡରେ ଚପଳାକୁ ଛାଡି ଦେଇଗଲା। ଧୀର ପାଦରେ ଗାଡିରୁ ଓହ୍ଲାଇ ସେ ତାର ଶାଢ଼ୀ ଓ ମୁହଁରେ ପାଇଥିବା ମାସ୍କଟିକୁ ସଜାଡିନେଲା । ସେତେବେଳେକୁ ଡାକ୍ତରଖାନା ଗାଡି ବହୁ ଦୂରକୁ ଚାଲିଯାଇଥାଏ । ଚପଳା କଲୋନୀ ଭିତରକୁ ପଶିବାକୁ ଆରମ୍ଭ କଲା ।

ଚପଳା ଆଜି ଖୁବ୍ କ୍ଲାନ୍ତ ଅବଶ ହେବାପରି ଅନୁଭବ କରୁଥାଏ । ସାରା ଦିନ ଏପଟ ସେପଟ ହୋଇ ବିଶ୍ରାମ ଟିକେ ନେବାକୁ ସମୟ ପାଇନଥିଲା ସେ। ପଛକୁ ପଛ ଚାରିଜଣ ନୂଆ ରୋଗୀ ଆଜି ଆଡମିସନ ନେଲେ। ତାଙ୍କ ଭିତରୁ ଜଣଙ୍କର ଅବସ୍ଥା ପୁଣି ଗୁରୁତର ଥିଲା। ତା ପାଇଁ ଭେଣ୍ଟିଲେଟରର ବ୍ୟବସ୍ଥା କରିବାକୁ ପଡିଲା। ଅବଶ ପାଦକୁ ଆସ୍ତେଆସ୍ତେ ଆଗକୁ ବଢାଉଥାଏ ସେ । କଲୋନୀର ଘର ଗୁଡିକୁ ଚାହିଁଚାହିଁ ଚାଲିଥାଏ ଚପଳା। ଆକାଶଛୁଆଁ ଘର ଗୁଡ଼ିକ ବାହାରକୁ ଉଆସପରି ମନେ ହେଉଥାଏ ।

ଲାଗୁଥାଏ ଘର ଭିତରଟା ନିଶ୍ଚୟ ବୈକୁଣ୍ଠ ପରି ହୋଇଥିବ। ହେଲେ ଚପଳାର ଏହି ପାଂଚ ବର୍ଷର ରହଣୀ ଭିତରେ ସେ ଅନୁଭବ କରିଛି ଏ ଘରେ ରହୁଥିବା ମଣିଷଗୁଡା ଉପରକୁ ଯାହା ଦିଶନ୍ତି ଭିତରେ ସେଇଆ ନୁହନ୍ତି । ଯନ୍ତ୍ରଣାର ଅଲୁରା ସୂତାଖିଅ ଭିତରେ ସମସ୍ତେ ଆଉଟୁପାଉଟୁ।

କଲୋନୀର ପ୍ରଥମ ଘର । ଦୁଇ ମହଲା ବିଶିଷ୍ଟ ସୁନ୍ଦର ପ୍ରାସାଦଟିଏ । ଏ ଘରର ମାଲିକିଆଣୀ ଜଣେ ବୟସ୍କା ମହିଳା । ବୟସ ସତୁରୀ ଉପରକୁ ନିଶ୍ଚୟ । ତାଙ୍କୁ ପଦାକୁ ବାହାରିବା ସେ କେବେ ଦେଖିନି । ସବୁବେଳେ ବାଲକୋନୀରେ ବସିଥାନ୍ତି । ମୁହଁରେ ହସ ନଥାଏ। ରୁକ୍ଷ ଚେହେରା। ସମସ୍ତେ କହନ୍ତି ତାଙ୍କର ନାକ ଅଗରେ ରାଗ ।

ସେଇଥିପାଇଁ ଶାଶୁ ବୋହୂଙ୍କର ଜମା ପଡିଲାନି। ପୁଅ ବାଧ ହୋଇ ସହରର ଅନ୍ୟ ଜାଗାରେ ଭଡାଘରେ ରହୁଛି। ତାଙ୍କ ତଳଘର ସବୁବେଳେ ଖାଲି। ଭଡାଟିଆମାନେ ବେଶିଦିନ ସେ ଘରେ ରହି ପାରନ୍ତିନାହିଁ। ବୁଢ଼ୀର ରୁକ୍ଷ ବ୍ୟବହାର ସେମାନଙ୍କୁ ଅତିଷ୍ଠ କରିଦିଏ। ଭଡାଟିଆମାନେ ଘର ଛାଡିବାକୁ ବାଧ ହୁଅନ୍ତି। ବୁଢ଼ୀଙ୍କର ଟଙ୍କା ପଇସାର ଅଭାବ ନାହିଁ। ତାଙ୍କ ସ୍ୱାମୀ ଜଣେ ବଡ ଅଫିସର ଥିଲେ। ତେଣୁ ତାଙ୍କ ମୃତ୍ୟୁ ପରେ ବୁଢ଼ୀ ବେଶ୍ ମୋଟା ଅଙ୍କର ପେନସନ ପାଉଛନ୍ତି। ଏତେବଡ ଘରଟାରେ ସେ ଏକା ରୁହନ୍ତି। ନିଜ ଖାଇବା ନିଜେ ରାନ୍ଧନ୍ତି ସେ। ସକାଳେ ସନ୍ଧ୍ୟାରେ କାମବାଲୀ ଆସି ଘର ଓଳାଓଳି ଓ ବାସନ ମଜାମଜି କରି ଚାଲିଯାଏ। ସାଇ ପଡଶା ଲୋକେ ବୁଢୀଙ୍କର ଭଲମନ୍ଦ କଥା ସେହି କାମବାଲୀ ଠାରୁ ବୁଝିଥାନ୍ତି ।

ଏହି ଘରପାଖ ଘରମାଲିକ ହେଲେ ଜେନା ବାବୁ। ତିନିବର୍ଷ ତଳେ ଚାକିରୀରୁ ଅବସର ନେଇଛନ୍ତି । ତାଙ୍କ ପୁଅ ଝିଅ ଦୁହେଁ ବିଦେଶରେ । ସ୍ୱାମୀ ସ୍ତ୍ରୀ ଦୁହେଁ ଏଠି ଘର ଜଗି ପଡିଛନ୍ତି। ଉଭୟେ ମଧୁମେହ ରୋଗୀ। ପ୍ରତି ମାସରେ ସୁଗାର ଟେଷ୍ଟ କରିବାକୁ ପଡେ। ସେଥିପାଇଁ ପୁଅ ବିଦେଶରୁ ଗ୍ଲୁକୋମିଟର ଯନ୍ତ୍ର ପଠାଇଛି। ହେଲେ ନିଜେ ନିଜେ ହାତରେ ଛୁଞ୍ଚି ଫୁଟାଇବାକୁ ସେମାନଙ୍କର ସାହସ କୁଳାଏ ନାହିଁ। ତେଣୁ ସୁଗାର ଟେଷ୍ଟ ଦରକାର ପଡିଲେ ଚପଳାକୁ ଡାକନ୍ତି। ଯନ୍ତ୍ର ସହକାରେ ସିଏ ରକ୍ତ ନିଗାଡି ଟେଷ୍ଟ କରିଦିଏ । ଜେନା ଦମ୍ପତିଙ୍କୁ କଷ୍ଟ ଜଣା ପଡେନି । ଆଶୀର୍ବାଦ ପରେ ଆଶୀର୍ବାଦ ଅଜାଡି ପକାନ୍ତି ଚପଳା ଉପରେ ।

ଜେନା ବାବୁଙ୍କ ଦୁଇ ତିନିଟା ଘର ଛାଡି ପ୍ରାସାଦ ଠିଆ କରିଛନ୍ତି ଦଳେଇ ବାବୁ । ତାଙ୍କର ପିଲା ଛୁଆ ଗୁଡାଏ । ସମସ୍ତେ କିନ୍ତୁ ରୁହନ୍ତି ଓଡିଶା ବାହାରେ। ପାଖରେ ରହେ ସାନ ଝିଅ। ବହା ହେଲାନାହିଁ। ବାପା ମାଆଙ୍କ ସେବା କରୁଛି। ହଠାତ୍ ସକାଳୁ ଦିନେ ସିଏ ଆସି ଚପଳା ପାଖରେ ହାଜର। ତା' ବାପାଙ୍କ ବ୍ଲଡପ୍ରେସର ବଢିଯାଇଛି। ଡାକ୍ତର କହିଲେ ସାଲାଇନ୍ ଲାଗିବ। ଡାକ୍ତରଖାନା କାହିଁକି ନେବ, ଘରେ କିଏ ଆସି ଲଗେଇଦେଲେ ଚଳିବ। ସେଥିପାଇଁ ଯାହା ଦରକାର ଝିଅଟି ପାଖ ଔଷଧ ଦୋକାନରୁ କିଣି ଆଣିଛି । ସେଇଥିପାଇଁ ଚପଳାର ସାହାଯ୍ୟ ନେବାକୁ ସେ ଧାଇଁଆସିଛି।

ଚପଳା ବା ମନା କରନ୍ତା କାହିଁକି ! ସେବା ପାଇଁ ତ ସିଏ ତା ଜୀବନକୁ ଉତ୍ସର୍ଗ କରିଦେଇଛି।

ପିଲାଦିନୁ ବାପା ମାଆଙ୍କୁ ହରେଇ ବସିଥିଲା ଚପଳା। ମର୍ମନ୍ତୁଦ ରାସ୍ତା ଦୁର୍ଘଟଣାରେ ଉଭୟେ ପ୍ରାଣ ହରାଇଥିଲେ। ଦାଦା ଖୁଡୀଙ୍କ ପାଖରେ ବଡ ହୋଇଛି ସିଏ। ମେଟ୍ରିକ ପାସ୍ କଲାପରେ ଅଧିକ ପଢିବାକୁ ଇଚ୍ଛା ଥିଲା। ଦାଦା ମଧ ଚାହୁଁଥିଲେ ସେ ବେଶି ପଢୁ ବୋଲି। ହେଲେ ଖୁଡୀ ମନା କଲେ। ସେହିଦିନଠାରୁ ବହିରେ ତାର ଡୋରି ବନ୍ଧାହେଲା। ଘରେ ଥାଏ। ଗାଁରେ କିଛି ସଭା ସମିତି ହେଲେ କି ସାମାଜିକ ଅନୁଷ୍ଠାନ ହେଲେ ସମସ୍ତେ ଖୋଜନ୍ତି ଚପଳାକୁ। ଦଶହରା ସମୟରେ ତାଙ୍କ ଗାଁରେ ସ୍ୱାସ୍ଥ୍ୟ ଶିବିରଟିଏ ଅନୁଷ୍ଠିତ ହୋଉଥିଲା। ସହରର କେଉଁ ଏକ ଘରୋଇ ଡାକ୍ତରଖାନା ପକ୍ଷରୁ ସେହି ଶିବିର ଆୟୋଜିତ ହେଉଥାଏ। ଗାଁ ପିଲାମାନେ ଭଲ୍ୟୁଣ୍ଟର ଭାବରେ କାମ କରୁଥାନ୍ତି । ସେମାନଙ୍କର ନେତୃତ୍ୱ ନେଉଥାଏ ଚପଳା ।

ଚପଳାର ସେବା ମନୋଭାବ ଡାକ୍ତରଖାନାର ମାଲିକ ଡା. ପ୍ରଧାନଙ୍କୁ ବେଶ୍ ଆକୃଷ୍ଟ କରିଦେଲା। ଚପଳାଠାରୁ ତା ସମ୍ପର୍କରେ ସବୁ ଜାଣିବା ପରେ ତାକୁ ତାଙ୍କ ଡାକ୍ତରଖାନାରେ ଆଟେଣ୍ଡାଣ୍ଟ ଚାକିରୀଟିଏ ଦେବାପାଇଁ ସେ ଚାହିଁଲେ। ଚପଳା ମଧ ଖୁସି ହୋଇଗଲା। ଯାହାହେଉ ଖୁଡୀଙ୍କ ଅତ୍ୟାଚାରରୁ ଏବେ ତାକୁ ମୁକ୍ତି ମିଳିଯିବ ।

ଦିନ କେଇଟାପରେ ଚପଳା ଡାକ୍ତରଖାନାରେ ଯୋଗଦେଲା। ସବୁଜ ରଙ୍ଗର ସାଲୁଆର୍ କାମିଜି ପିନ୍ଧି ସେ ଯେତେବେଳେ କାମକୁ ବାହାରିଲା ତାକୁ ବହୁତ ଖୁସି ଲାଗିଲା। ପାଂଚବର୍ଷ ହେଲା ସିଏ ସେହି ଡାକ୍ତରଖାନାରେ କାମ କରୁଛି। ଏବେ ଜଣେ ତାଲିମପ୍ରାପ୍ତ ନର୍ସ କି ଲାବ୍ ଟେକନିସିଆନ୍‌ଙ୍କଠାରୁ ତାର ଅଭିଜ୍ଞତା ବେଶି । ସେଇଥିପାଇଁ ସବୁ କାମ ପାଇଁ ଆଗ ଖୋଜାପଡେ ଚପଳାର ।

ପାଂଚବର୍ଷ ହେଲା ଚପଳା ସେହି ଡାକ୍ତରଖାନାରେ କାମ କରୁଛି ଆଉ ରହୁଛି ଏହି କଲୋନୀରେ । କଲୋନୀର ସବୁ ଲୋକେ ତାକୁ ଖୁବ୍ ଭଲ ପାଆନ୍ତି । କାହାର କିଛି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ଆଗ ଖୋଜା ପଡେ ଚପଳାର। ଏଇ ଯେମିତି ରଘୁ ବାବୁଙ୍କ ପୁଅ। ରାତି ଅଧରେ ତା ପେଟରେ ପ୍ରବଳ ଯନ୍ତ୍ରଣା ସହିତ ବାନ୍ତି ମଧ ହେଲା। ଚପଳା ତାଙ୍କ ଡାକ୍ତରଖାନାର ଆମ୍ବୁଲାନ୍ସକୁ ଖବର ପଠାଇଲା। ସେଥିରେ ସାଙ୍ଗେସାଙ୍ଗେ ପିଲାଟାକୁ ଡାକ୍ତରଖାନା ନେଇ ଆଡିମସନ୍ କରିଦେଲା। ଡାକ୍ତର ମଧ ପହଂଚି ଯାଇଥିଲେ। ଅଲ୍‌ଟ୍ରାସାଉଣ୍ଡରୁ ଜଣାପଡିଲା ଆପେଣ୍ଡିକ୍ସ ସାଇଟିସ୍। ଅପରେସନ ଜରୁରୀ। ରଘୁବାବୁଙ୍କ ପାଖରେ ସେତେବେଳେ ଫିସ୍ ଦେବାକୁ ଆବଶ୍ୟକ ଅର୍ଥ ନଥିଲା। ଚପଳାର ମୁହଁକୁ ଚାହିଁ ଡାକ୍ତର ଅପରେସନ କଲେ। ରାତି ସାରା ଚପଳା ପିଲାଟାକୁ ଜଗି ବସିଲା। ଦିନକ ପରେ ପିଲାଟା ଯେତେବେଳେ ଡାକ୍ତରଖାନାରୁ ବାହାରିଲା, ରଘୁବାବୁ ସବୁ ଅର୍ଥ ପଇଠ କରିଦେଲେ ଓ ଚପଳା ପ୍ରତି ବେଶ୍ କୃତଜ୍ଞତା ପ୍ରକାଶ କଲେ ।

ଚାକିରୀ କଲା ଦିନରୁ ଚପଳା ମହାନ୍ତି ବାବୁଙ୍କ ଆଉଟ୍ ହାଉସରେ ରହିଆସୁଛି ।

ଘର ତୋଳା ହେଲାବେଳେ ମୂଲିଆ ମିସ୍ତ୍ରୀ ଏହି ଘରେ ରହୁଥିଲେ । ମହାନ୍ତି ବାବୁଙ୍କର ଦୁଇ ମହାଲା ଘର। ତଳଘରେ ଦୁଇଟା ପରିବାର ଭଡା ଅଛନ୍ତି। ଉପରେ ବୁଢାବୁଢୀ ଓ ପୁଅ ବୋହୂ ରୁହନ୍ତି । ଦୁଇ ମାସ ହେବ ବୋହୂର ଛୁଆଟିଏ ହୋଇଛି । ଚପଳା ଆଉଟ୍ ହାଉସରେ ରହେ ସିନା, ହେଲେ ସେ ମହାନ୍ତି ବାବୁଙ୍କ ପରିବାରର ଜଣେ ଯେମିତି । ଭଲ ମନ୍ଦ ସବୁକାମରେ ଚପଳାକୁ ଖୋଜା । ଏଇ ଯେମିତି ବୋହୂ ଯେତେବେଳେ ଗର୍ଭବତୀ ହେଲା ! ପ୍ରତି ମାସରେ ତା' ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଙ୍କ ପାଖକୁ ନେବା ଆଣିବାଠାରୁ ପିଲା ହେବାଯାଏ ଚପଳା ତା ପାଖେପାଖେ ରହିଥିଲା । ଜଟିଳତା ଥିବାରୁ ପ୍ରସବ ସମୟରେ ଡାକ୍ତର କହୁଥିଲେ ସିଜରିଆନ୍ କରିବାକୁ । ଚପଳାର ଅନୁରୋଧକୁ ରକ୍ଷା କରି ସେ ଧୈର୍ଯ୍ୟର ସହ ଅପେକ୍ଷା କଲେ ଓ କିପରି ନର୍ମାଲ ଡେଲିଭରି ହେବ ସେଥିପାଇଁ ମଧ ଚେଷ୍ଟା କଲେ । ଚେଷ୍ଟା ସଫଳ ହେଲା । ସୁରୁଖୁରୁରେ ସୁସ୍ଥ ସବଳ ଶିଶୁଟିଏ ଜନ୍ମ ହେଲା ।

ଆଉ ଦିନେ ମହାନ୍ତି ବାବୁ ନିଜେ ଖୁବ୍ ଅସୁସ୍ଥ ହୋଇପଡିଲେ । ପୁଅ ବୋହୂ ବୁଲିବା ପାଇଁ ଓଡ଼ିଶା ବାହାରକୁ ଯାଇଥାନ୍ତି । ବୁଢାଙ୍କର ଏ ଅବସ୍ଥା ଦେଖି, ମହାନ୍ତି ବୁଢ଼ୀ ଖୁବ୍ ବ୍ୟସ୍ତ ବିବ୍ରତ ହୋଇ ଯାଇଥିଲେ। ଆଉ ଚପଳା ଯେତେବେଳେ ଆସି ପହଂଚିଗଲା , ସବୁ ସମସ୍ୟାର ଅନ୍ତ ଘଟିଗଲା ଯେମିତି । ଫୋନ୍‌ରେ ଡାକ୍ତରଙ୍କ ଠାରୁ ପରାମର୍ଶ ନେଇ ବୁଢାଙ୍କୁ ଔଷଧପତ୍ର ଆଣି ଦେଲା ଓ ନିଜେ ଅନିଦ୍ରା ରହି ରାତି ସାରା ବୁଢାଙ୍କୁ ଜଗି ବସିଲା । ସକାଳ ହେଲାବେଳକୁ ବୁଢା ନିଜକୁ ବେଶ୍ ସୁସ୍ଥ ମନେ କରୁଥିଲେ।

ଏ କଲୋନୀର ସବୁ ଲୋକଙ୍କୁ କିଛି ନା କିଛି ସାହାଯ୍ୟ କରିଛି ଚପଳା। ସେଇଥିପାଇଁ ସାରା କଲୋନୀର ସୁନା ଝିଅ ସେ । ଏମିତି କଥା ସବୁ ଭାବୁଭାବୁ ଚପଳା ବସାଘର ପାଖରେ ପହଂଚି ଯାଇଥିଲା। ଗେଟ୍ ଖୋଲିଛି ଯେମିତି, ବାଲ୍‌କୋନୀ ଉପରୁ ମହାନ୍ତି ବୁଢୀଙ୍କ ପାଟି ଶୁଭିଲା, 'ସେଇଠି ରହ ଭିତରକୁ ପଶନା ।' ସହଜ ସରଳ ଢଙ୍ଗରେ ତଳୁ ଚପଳା ପଚାରିଲା 'କାହାକୁ କହିଛନ୍ତି ମାଉସୀ !'' ତୋତେ' ବୁଢ଼ୀ ଉତ୍ତର ଦେଲା ଚପଳା ହସିହସି ପଚାରିଲା 'ମୋତେ କହୁଛନ୍ତି ! କଣ ପାଇଁ ?'

' ନା , ଆଜି ଠାରୁ ତୁ ଏଠି ଆଉ ରହି ପାରିବୁନି। ତୋର ସବୁ ଜିନିଷ ବହାରେ ରଖି ଦେଇଛୁ। ତୁ ଏବେ ଅନ୍ୟ କେଉଁଠି ରହିବାର ବ୍ୟବସ୍ଥା କର।'

ବୁଢ଼ୀର ଏମିତି ରୁକ୍ଷ କଥା ଶୁଣି ଚପଳା ଆଶ୍ଚର୍ଯ୍ୟ ହୋଇଗଲା । ଯେଉଁ ଚପଳାକୁ ବୁଢ଼ୀ ନିଜ ଝିଅ ବୋହୂଙ୍କ ଠାରୁ ଅଧିକ ସ୍ନେହ କରୁଥିଲା ତା ପ୍ରତି ଏମିତି କଠୋର ବ୍ୟବହାରକୁ ସେ ଜମା ସହି ପାରୁନଥିଲା। ଚପଳା ବୁଝିପାରୁନଥିଲା ତାର ଦୋଷ କଣ ! କଣ ପାଇଁ ବୁଢୀ ହଠାତ୍ ଏମିତି ଉଗ୍ର ରୂପ ଧାରଣ କରିଛି !

ଆସ୍ତେ ଆସ୍ତେ ଚପଳା ସବୁ ବୁଝିବାକୁ ଚେଷ୍ଟା କଲା। ତାଙ୍କ ଡାକ୍ତରଖାନାରେ ଏବେ କରୋନା ପଜିଟିଭମାନେ ଚିକିତ୍ସିତ ହେଉଛନ୍ତି ଆଉ ଚପଳା ଦିନ ସାରା ସେମାନଙ୍କର ସେବା ଶୁଶ୍ରୁଷା କରୁଛି। ତେଣୁ ତା ଦ୍ୱାରା ଏ ଛୋଟ କଲୋନୀରେ ରୋଗ ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ଗତକାଲି କାଳେ କେଉଁଠି ଜଣେ କୋଭିଡ୍ ଡାକ୍ତରଖାନାର ଡାକ୍ତର ଓ ଆଉ କେଉଁଠି କୋଭିଡ୍ ରୋଗୀଙ୍କ ସେବା କରୁଥିବା ନର୍ସଙ୍କର କରୋନାରେ ମୃତ୍ୟୁ ଘଟିଛି। ସେଇଥିପାଇଁ କଲୋନୀର ସବୁ ଲୋକ ଏକାଠି ହୋଇ ସ୍ଥିର କରିଛନ୍ତି ଚପଳାକୁ ଆଉ ଏଠାରେ ନ ରଖାଇ ଦେବାପାଇଁ । ଚପଳା ସମସ୍ତଙ୍କୁ ବୁଝାଇବାକୁ ଚେଷ୍ଟା କଲା ଯେ ସେମାନେ ସମସ୍ତେ ପିପିଇ ପୋଷାକ ପିନ୍ଧି, ମୁହଁରେ ମାକ୍ସ ଗଳାଇ, ସତର୍କତାର ସହ କାମ କରୁଛନ୍ତି । ତେଣୁ ତାଙ୍କୁ କରୋନା ସଂକ୍ରମଣର ଆଶା ବହୁତ କମ୍।

ମହାନ୍ତି ବୁଢ଼ୀ କିନ୍ତୁ ସେସବୁ ବୁଝିବାକୁ ନାରାଜ। ରୋକ୍‌ଠୋକ୍ ମନା କରିଦେଲା ସେହି ରାତିରୁ ଚପଳାକୁ ସେ ଘର ମନା । ହେଲେ ଏତେ ରାତିରେ ସେ ଯିବ କୁଆଡେ ! ଯୁଆଡେ ଗଲେବି ଅଜଣା ଅଶୁଣା ଲୋକେ ତାକୁ କଣ ରହିବାକୁ ଦେବେ ! ଚପଳା ଦେଖିଲା ବୁଢ଼ୀର ପାଟିଶୁଣି କଲୋନୀର ଅନେକ ଲୋକ ସେଠି ଜମା ହୋଇ ସାରିଲେଣି। ରଘୁ ବାବୁ, ଦଳେଇ ବାବୁଙ୍କ ଝିଅ, ଜେନା ଦମ୍ପତି ଏମିତି ସମସ୍ତେ; ଯେଉଁମାନେ କାଲି ତାକୁ ଖୁବ୍ ଆଦର କରୁଥିଲେ, ତା ଠାରୁ ସହାଯ୍ୟ ମଧ ପାଉଥିଲେ। ସମସ୍ତେ ମୁହଁରେ ମାସ୍କ ପିନ୍ଧିଥିଲେ । ସେମାନେ ମହାନ୍ତି ବୁଢ଼ୀ କଥା ଶୁଣି ବିରକ୍ତ ହେଉଛନ୍ତି କି ହସୁଛନ୍ତି, ସେକଥା ବୁଝିବା ଚପଳା ପକ୍ଷରେ ଥିଲା ବେଶ୍ କଷ୍ଟ ।

ତାକୁ ଲାଗୁଥିଲା ସମସ୍ତେ ଯେମିତି ବୁଢ଼ୀ କଥାରେ 'ମୌନେ ସମ୍ମତି ଲକ୍ଷଣ' ପ୍ରକାଶ କରୁଥିଲେ।

ଚପଳା କଣ କରିବ ନକରିବ କିଛି ଭାବି ପାରୁନଥାଏ। ତା ପାଇଁ ଏସବୁ ଯେମିତି ଆକସ୍ମିକ ଦୁର୍ଘଟଣା ପରି ମନେ ହେଉଥାଏ ।

ହଠାତ୍ ଚପଳା ଦେଖିଲା ଭିଡ ଆଡେଇ ଗଳି ଆରମ୍ଭ ଘରର ସେହି ବୟସ୍କା ମହିଳା ତା ଆଡକୁ ମାଡି ଆସୁଛନ୍ତି । ତାଙ୍କ ରୁକ୍ଷ ଚେହେରା ଦେଖି ସେ ଡରିଗଲା। କେବେ ବାହାରକୁ ବାହାରୁନଥିବା ବୁଢ଼ୀଟିକୁ ସେଠି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଥାନ୍ତି। ଚପଳା ଭାବୁଥାଏ ବୁଢ଼ୀ ବି ତାକୁ କଣ ଗାଳି ଗୁଲଜ କରିବ ନା କଣ ! ବୁଢ଼ୀ ଚପଳା ପାଖରେ ଅଟକିଗଲା । ସମସ୍ତଙ୍କୁ ବୁଲି ବୁଲି ଚାହିଁଲା । ମୁହଁରୁ ମାସ୍କ କାଢି ସାନ୍ତ୍ୱନା ଦେବା ସ୍ୱରରେ ଚପଳାକୁ କହିଲା 'ମୋ କାମବାଲୀଠୁ ଶୁଣିଲି ଏଇ ଅମଣିଷ ଗୁଡା ଯୋଜନା କରିଛନ୍ତି ଆଜି ତୋତେ ଏଠୁ ତଡିବା ପାଇଁ । ଏଗୁଡାକଙ୍କର କଥା ଆଉ କାମରେ ତାଳ ମେଳ ନଥାଏ । ସେଦିନ କରୋନା ଯୋଦ୍ଧାଙ୍କ ପାଇଁ ତାଳି ଥାଳି ବଜେଇ କଲୋନୀ କମ୍ପାଇ ଦେଲେ । ମୋବାଇଲରେ ତାର ଫଟୋ ଛାଡି ବାହା ବାହା ନେଲେ, ଆଉ ଆଜି ! ପ୍ରକୃତ କରୋନା ଯୋଦ୍ଧାକୁ ରାତି ଅଧରେ କରୋନା ଭୟରେ ଘରୁ ତଡି ଦେଉଛନ୍ତି ।'

ସବୁବେଳେ ନୀରବରେ ବସି ରହୁଥିବା ବୁଢ଼ୀ ମୁହଁରୁ ଏକାଥରେ ଏତେ କଥା ଶୁଣି ଚପଳା ଯେତିକି ଆଶ୍ଚର୍ଯ୍ୟ ହେଉଥାଏ, ସେତିକି ଆଶା ମଧ ବାନ୍ଧୁଥାଏ ତା ସମସ୍ୟାର ସମାଧାନ ପାଇଁ ସେ ନିଶ୍ଚୟ କିଛି ସୂତ୍ର ବାହାର କରିପାରିବେ ବୋଲି।

ବୁଢ଼ୀ ଚପଳାର ହାତକୁ ଶକ୍ତ କରି ଧରି ପକାଇଲେ ଆଉ କହିଲେ 'ଚାଲ୍ ଏଠି ଆଉ ଦଣ୍ଡେ ରହନା। ସବୁ ଜିନିଷପତ୍ର ଧର, ମୋ ତଳ ଘର ଖାଲି ଅଛି । ସେଇଠି ରହିବୁ । ଦେଖିବି ତୋତେ କିଏ ଏ କଲୋନୀରୁ ତଡିବ !'

+ଶଙ୍କରପୁର, ଚାରବାଟିଆ, କଟକ,
ମୋ-୯୮୬୧୧୨୬୧୯୭

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁରରେ ଚୁକ୍‌ଟିଆ ଭୁଞ୍ଜିଆଙ୍କ ଜୀବନଶୈଳୀ ଓ ସଂସ୍କୃତି

ଭୁବନେଶ୍ୱର,୧୮/୭ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ସୁନାବେଡ଼ା ଉପତ୍ୟକାରେ ବସବାସ କରୁଥିବା ଚୁକ୍‌ଟିଆ ଭୁଞ୍ଜିଆ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ଜାଣିପାରିବେ। ଏସ୍.ସି ଏସ୍.ଟି ଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା ପ୍ରକାଶ କରିଛନ୍ତି। ଓଡ଼ିଶାର ଚୁକ୍‌ଟିଆ ଭୁଞ୍ଜିଆ ଜନଜାତି ସୁନାବେଡ଼ା ଉପତ୍ୟକାରେ ମୁଖ୍ୟତଃ ବସବାସ କରିଥାନ୍ତି। କୃଷି ସହିତ ଶିକାର, ଜଙ୍ଗଲ ଦ୍ରବ୍ୟ ସଂଗ୍ରହ ସେମାନଙ୍କର ମୁଖ୍ୟ ପେଶା ଅଟେ। ଚୁକ୍‌ଟିଆ ଭୁଞ୍ଜିଆ ଜନଜାତି ସ୍ୱତନ୍ତ୍ର ଗୃହ ଓ ରୋଷେଇଶାଳ ସହିତ ସଂପୃକ୍ତ ପବିତ୍ର ସ୍ଥଳ ନିର୍ମାଣରେ ବେଶ୍ ସିଦ୍ଧହସ୍ତ। ଚୁକ୍‌ଟିଆ ଭୁଞ୍ଜିଆ ଜନଜାତି ମହିଳାମାନେ ଶାଢ଼ି ପରିଧାନ କରିଥାନ୍ତି ଓ ପୁରୁଷମାନେ ଧୋତି ଏବଂ କୁର୍ତ୍ତା ପିନ୍ଧିଥାନ୍ତି। ମହିଳାମାନେ ମାଳି ଓ ମୁଦ୍ରାରେ ତିଆରି ହାର, ପିତଳ ଓ କାଚର ଚୂଡ଼ି ବ୍ୟବହାର କରିଥାନ୍ତି । ବଳାଗଣ୍ଡି ଓ କାନରେ ଆଲୁମିନିୟମ୍ କିମ୍ବା ରୁପାରେ ତିଆରି ଅଳଙ୍କାର ବ୍ୟବହାର କରିଥାନ୍ତି । ଅତ୍ୟନ୍ତ ଆକର୍ଷଣୀୟ ଭାବେ ନିଜର କେଶବିନ୍ୟାସ କରିଥାନ୍ତି। ମହିଳାମାନଙ୍କର ମୁଣ୍ଡର ପଛପଟେ ଗୋଲାକୃତି କେଶଗୁଚ୍ଛ ଶୋଭା ପାଇଥାଏ। କେଶଗୁଚ୍ଛକୁ ଠିକ୍ ଭାବେ ରଖିବା ପାଇଁ ସେମାନେ ବଡ଼ ଟ୍ୟାସିଲ୍ କୁ ପିନ୍ ସହ ସଂଯୁକ୍ତ କରିଥାନ୍ତି। ଚୁକ୍‌ଟିଆ ଭୁଞ୍ଜିଆ ଜନଜାତି ମହିଳାମାନେ ଚିତାକୁଟାଇ ଶରୀରର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରିଥାନ୍ତି। ଚୁକ୍‌ଟିଆ ଭୁଞ୍ଜିଆ ଜନଜାତିମାନେ 'ସୁନାଦେଈ'ଙ୍କୁ ଦେବତା ଭାବେ ମାନିଥାନ୍ତି। 'ସୁନାଦେଈ'ଙ୍କୁ ଗ୍ରାମ ମନ୍ଦିରରେ ପ୍ରତିଷ୍ଠା କରାଯାଇଥାଏ । ପୂଜାରୀ, ଛତ୍ରିଆ ଓ କୋଟାରିଆମାନେ 'ସୁନାଦେଈ'ଙ୍କୁ ପୂଜା କରିଥାନ୍ତି।

# ଟିକା ନେଲେଣି ୧୫୩୯ ଗର୍ଭବତୀ

ଭୁବନେଶ୍ୱର ,୧୮/୭ (ନି.ପ୍ର): ରାଜ୍ୟରେ ଗର୍ଭବତୀଙ୍କ ଟିକାକରଣ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୨ଦିନରେ ଏହି ସଂଖ୍ୟା ୧୫୩୯କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଆସନ୍ତାକାଲି ରବିବାର ସତ୍ତ୍ୱେ ୬୬ ଅଧିବେଶରେ ଟିକାକରଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀ ୫୭, ସୁନ୍ଦରଗଡ଼ ୪, ରାୟଗଡ଼ା ୩ ଓ ଗଞ୍ଜାମର ୨ଟି ଅଧିବେଶନ ଅନୁଷ୍ଠିତ ହେବ। ଆଜି ରାଜ୍ୟରେ ସମୁଦାୟ ୫୯୩ ଟିକାକରଣ ଅଧିବେଶନରେ ୧ଲକ୍ଷ ୧୨ହଜାର ୩୩୦ଜଣଙ୍କୁ କରୋନା ଟିକା ଦିଆଯାଇଛି। ଏଥିରେ ୧୮-୪୪ବର୍ଗର ୨୮,୩୭୩ ପ୍ରଥମ, ୧୪,୮୫୫ ଦ୍ୱିତୀୟ, ୪୫ବର୍ଷରୁ ଅଧିକ ୧୦,୪୧୭ଜଣ ପ୍ରଥମ ଓ ୫୭,୪୮୦ ଦ୍ୱିତୀୟ ଡୋଜ୍ ଟିକା ନେଇଥିଲେ। ଏହାକୁ ମିଶାଇ ରାଜ୍ୟରେ ଏ ପର୍ଯ୍ୟନ୍ତ ୧କୋଟି ୪୦ଲକ୍ଷ ୪୩ହଜାର ୭୦୮ ଡୋଜ୍ ଟିକା ଦିଆଗଲାଣି। ଏଥିରେ ୧୮-୪୪ବର୍ଗର ୨୦ ପ୍ରତିଶତ ଓ ୪୫ବର୍ଷରୁ ଅଧିକ ୫୪ ପ୍ରତିଶତ ପ୍ରଥମ ଡୋଜ୍ ନେଇ ସାରିଲେଣି।

# ଅସ୍ତରଙ୍ଗରେ ବୋର୍ଡ ଲଗାଇଥିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭିଏଚ୍‌ପି

ଭୁବନେଶ୍ୱର,୧୮/୭ (ନି.ପ୍ର): ପୁରୀ ଜିଲ୍ଲାର ଅସ୍ତରଙ୍ଗର୍ରେ 'ମସ୍‌ଜିଦ୍ ଅଂଚଳ-ବାଜାବାଜିବା ନିଷେଧ' ବୋର୍ଡ ଲାଗିବା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି ।

ଏହା ପାକିସ୍ତାନ କି କୌଣସି ମୁସଲିମ୍ ରାଷ୍ଟ୍ରର ମୁସଲମାନ ବହୁଳ ଅଂଚଳରେ ଏହି ବୋର୍ଡ ଲାଗି ନାହିଁ । ଏହି ବୋର୍ଡ ଲାଗିଛି ହିନ୍ଦୁଙ୍କର ଆରାଧ ଦେବତା ରହୁଥିବା ପୁରୀ ଜିଲ୍ଲାର ଅସ୍ତରଙ୍ଗରେ । ଏପରି ବୋର୍ଡ ଲାଗିଥିବାରୁ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ପୋଲିସ ଏ ବିଷୟରେ ଖବର ପାଇବା ପରେ ସେହି ଅଂଚଳକୁ ଯାଇ ବୋର୍ଡକୁ ଉଠାଇ ଦେଇଛନ୍ତି । ଏ ଘଟଣାକୁ ନେଇ ବିଶ୍ୱହିନ୍ଦୁ ପରିଷଦ ଓ ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ତରଫରୁ ଘୋର ନିନ୍ଦା କରାଯାଇଛି । ବିଶ୍ୱହିନ୍ଦୁ ପରିଷଦର ପୁରୀ ବିଭାଗ ସଂପାଦକ ଉମାଶଙ୍କର ଆଚାର୍ଯ୍ୟ କହିଛନ୍ତି ଯେ, ହିନ୍ଦୁ ବହୁଳ ଅଂଚଳରେ ବସବାସ କରୁଥିବା ମୁସଲମାନଙ୍କୁ କେବେ ମନ୍ଦିର ନିକଟରେ ଶୋଭାଯାତ୍ରା କି ଜୁଲୁସ ନେବା ପାଇଁ ବାରଣ କରାଯାଇଛି କି ? ସେମାନଙ୍କ ଉପରେ କେବେ ପ୍ରତିବନ୍ଧକ ସୃଷ୍ଟି କରାଯାଇଛି କି ? ଯଦି ଆଇନ୍ ଅନୁଯାୟୀ ହୋଇ ନାହିଁ ତେବେ ପୋଲିସ ପ୍ରଶାସନ ଏ ସବୁ ଜାଣିଲା ପରେ ସେମାନଙ୍କ ବିରୋଧରେ କାହିଁକି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି ? କେବଳ ବୋର୍ଡକୁ ହଟାଇ ଦେଲେ ଚଳିବ ନାହିଁ, ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହି ଭାଇଚାରାରେ ବିଭେଦ ସୃଷ୍ଟି କରିବାକୁ ଚାହୁଁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ଦାବି କରିଛନ୍ତି।

# ସହରାଂଚଳ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଆହାରରେ ମିଶନ ଶକ୍ତି ଏସ୍‌ଏଚ୍‌ଜିଙ୍କ ଅଭିନବ ପଦକ୍ଷେପ

## ♦୩ଟି ଅତ୍ୟାଧୁନିକ ଆଚାର ପ୍ରସ୍ତୁତି ଉଦ୍ୟୋଗ ସ୍ଥାପନ ହେବ
## ♦ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ୩୦୦ ମେଟ୍ରିକ୍ ଟନ୍ ଆଚାର
## ♦୧୬୬ଟି ଆହାର କେନ୍ଦ୍ରକୁ କରିବେ ଆଚାର ଯୋଗାଣ

ଭୁବନେଶ୍ୱର,୧୮/୭ (ନି.ପ୍ର): ମହିଳାମାନଙ୍କର ଅର୍ଥନୈତିକ ଏବଂ ସାମାଜିକ ସଶକ୍ତିକରଣକୁ ମିଶନ ଶକ୍ତି ବିଭାଗ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଆସୁଛି। ସରକାରୀ ବିଭାଗଗୁଡ଼ିକ ଜରିଆରେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ୫ ବର୍ଷରେ ୫୦୦୦ କୋଟି ଟଙ୍କାର ବ୍ୟବସାୟ ଯୋଗାଇଦେବାକୁ ରାଜ୍ୟ ସରକାର ଅଗ୍ରାଧିକାର ଭିତିରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଗତ ଦୁଇବର୍ଷରେ ପ୍ରାୟ ୨୮୦୦ କୋଟି ଟଙ୍କାର ବ୍ୟବସାୟ ଯୋଗାଇଦେବାରେ ମିଶନ ଶକ୍ତି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିଭଳି ଏକ ମହତ୍ ପ୍ରୟାସ କ୍ରମେ ରାଜ୍ୟ ସହରାଂଚଳ ବିକାଶ କର୍ତ୍ତୃପକ୍ଷ(ସୁଡ଼ା)ଙ୍କ ମିଳିତ ସହଯୋଗରେ ମିଶନ ଶକ୍ତି ରାଜ୍ୟରେ ଥିବା ଆହାର କେନ୍ଦ୍ରଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ବାରିପଦା, ବ୍ରହ୍ମପୁର ଏବଂ ଢେଙ୍କାନାଳ ଠାରେ ତିନୋଟି ଅତ୍ୟାଧୁନିକ ପିକିଲ୍ ୟୁନିଟ୍(ଆଚାର ପ୍ରସ୍ତୁତି ଉଦ୍ୟୋଗ) ସ୍ଥାପନ କାର୍ଯ୍ୟ ଜାରି ରହିଛି। ଆହାର କେନ୍ଦ୍ରଗୁଡ଼ିକରେ ମାତ୍ର ୫ ଟଙ୍କାରେ ସୁଲଭ ମୂଲ୍ୟରେ ଭାତଡାଲ୍‌ମା ମିଲ୍ ରନ୍ଧାଖାଦ୍ୟ ଭାବେ ଯୋଗାଇ ଦିଆଯାଉଛି। ରାଜ୍ୟର ୧୬୬ଟି ଆହାର କେନ୍ଦ୍ର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ପ୍ରତି ମିଲ୍‌ରେ ୧୦ ଗ୍ରାମର ଆଚାର ହିସାବରେ ପ୍ରତ୍ୟେକ ଦିନ ୧ ମେଟ୍ରିକ୍ ଟନ୍ ଏବଂ ବର୍ଷକୁ ପ୍ରାୟ ୩୦୦ ମେଟ୍ରିକ୍ ଟନ୍ ଆଚାରର ଆବଶ୍ୟକତା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଖୋଲାବଜାରରୁ ଆଚାର କିଣି ଏହି ଚାହିଦା ପୂରଣ କରୁଥିଲେ। ବର୍ତ୍ତମାନ ମିଶନ ଶକ୍ତି ଜରିଆରେ ମହିଳା ଉଦ୍ୟୋଗୀ ସୃଷ୍ଟି କରିବାର ଆଭିମୁଖ୍ୟ ନେଇ ରାଜ୍ୟ ସରକାର ଆଂଶିକ ଯନ୍ତ୍ରଚାଳିତ ଆଚାର ଉତ୍ପାଦନ ଉଦ୍ୟୋଗ ସ୍ଥାପନ କରିବାକୁ ନିଷ୍ପତି ଗ୍ରହଣ କରିଛନ୍ତି। ମା'ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ, ବାରିପଦା, ବିଘ୍ନେଶ୍ୱର-୨ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ରହ୍ମପୁର ଏବଂ ମହାସଂଗମ ମିଶନ ଶକ୍ତି ଆଂଚଳିକ ମହାସଂଘ, ଢେଙ୍କାନାଳଙ୍କୁ ଏହି ତିନୋଟି ଉଦ୍ୟୋଗ ପରିଚାଳନା ପାଇଁ ଚୟନ କରାଯାଇଛି। ସେମାନେ ଆହାର କେନ୍ଦ୍ରଗୁଡ଼ିକୁ ବାର୍ଷିକ ୩୦୦ ମେଟ୍ରିକ୍ ଟନ୍ ଆଚାର ଆବଶ୍ୟକତା ଅନୁସାରେ ଯୋଗାଇଦେବେ। ପ୍ରତ୍ୟେକ ୟୁନିଟ୍ ୧୦ଟି ଲେଖାଏଁ ଜିଲ୍ଲାର ଆହାର କେନ୍ଦ୍ରକୁ ଆଚାର ଯୋଗାଇବେ। ଆଚାର ପ୍ରସ୍ତୁତିର ବିବିଧ କୌଶଳ ଏବଂ ଗୁଣବତା ସୁନିଶ୍ଚିତ କରିବା ନିମନ୍ତେ ମିଶନ ଶକ୍ତି ବିଭାଗର ଉଦ୍ୟମରେ ଏହି ତିନୋଟିଯାକ ମିଶନ ଶକ୍ତି ଗ୍ରୁପ୍ କେନ୍ଦ୍ରୀୟ ଖାଦ୍ୟ ବୈଷୟିକ ଗବେଷଣା ପ୍ରତିଷ୍ଠାନ, ମହୀଶୂର(ସିଏଫ୍‌ଟିଆର୍‌ଆଇ) ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଆଚାର ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଜ୍ଞାନକୌଶଳ ଏହି ପ୍ରତିଷ୍ଠାନ ତରଫରୁ ଯୋଗାଇ ଦିଆଯିବ। ବୈଷୟିକ ଜ୍ଞାନ ଏବଂ ଅଭିଜ୍ଞତା ଆହରଣ ନିମନ୍ତେ ତିନୋଟିଯାକ ମିଶନ ଶକ୍ତି ଗ୍ରୁପର ସଭାପତି ଓ ସଂପାଦକଙ୍କୁ ଗତ ୨୦୨୧ ମାର୍ଚ୍ଚ ୧୭ ଓ ୧୮ ତାରିଖରେ ସିଏଫ୍‌ଟିଆର୍‌ଆଇ, ମହୀଶୂର ପରିଦର୍ଶନ ନିମନ୍ତେପଠାଯାଇଥିଲା। ଆଚାର ପ୍ରସ୍ତୁତିରେ ଗୁଣବତା ବଜାୟ ରଖିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥିବାରୁ ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ସଂସ୍ଥାର ନିୟମାବଳୀ ଆଧାରରେ ପ୍ରତ୍ୟେକ ଆଚାର ପ୍ରସ୍ତୁତି ଉଦ୍ୟୋଗ ପାଇଁ ଜଣେ ଜଣେ ଖାଦ୍ୟ ସୁରକ୍ଷା ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆଚାର ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା କଂଚାମାଲ ଯଥା-ଆମ୍ବ, ଲେମ୍ବୁ, ଗାଜର, ଅଦା, କଂଚାଲଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଏହି ମିଶନ ଶକ୍ତି ଗ୍ରୁପ୍‌ମାନେ ସଂଗ୍ରହ କରି ମହଜୁଦ ରଖିଛନ୍ତି। ଇତି ମଧ୍ୟରେ ସିଏଫ୍‌ଟିଆର୍‌ଆଇ ଠାରୁ ଆବଶ୍ୟକୀୟ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଉପକରଣ ଅଣାଯାଇ ସାରିଛି। ପ୍ରତି ପ୍ରକଳ୍ପ ପାଇଁ ୮୦ ଲକ୍ଷ ଟଙ୍କାର ଆକଳନ କରାଯାଇଛି। ତନ୍ମଧ୍ୟରୁ ଭିତିଭୂମି ନିର୍ମାଣ ନିମନ୍ତେ ପ୍ରକଳ୍ପ ପିଛା ୪୭ ଲକ୍ଷ ଟଙ୍କା (ସମୁଦାୟ ୧.୪୧ କୋଟି ଟଙ୍କା) ମିଶନଶକ୍ତିବିଭାଗ ତରଫରୁ ଯୋଗାଇ ଦିଆଯାଇଛି । ପ୍ରତ୍ୟେକ ମିଶନ ଶକ୍ତି ଗ୍ରୁପ୍‌ଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ଯନ୍ତ୍ରପାତି ଓ ଆବଶ୍ୟକ ସରଞ୍ଜାମ କିଣିବା ସହ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ୩୦ ଲକ୍ଷ ଟଙ୍କାର ମୂଳପୁଞ୍ଜି ଋଣ ଆକାରରେ ଯୋଗାଇ ଦିଆଯାଇଛି । ୟୁନିଟ୍‌ଗୁଡ଼ିକ ଅଗଷ୍ଟ ୨୦୨୧ରେ ଉତ୍ପାଦନ ଆରମ୍ଭ କରିବେ। ପ୍ରତି ୧ କେଜି ଆଚାରର ଉତ୍ପାଦନ ଖର୍ଚ୍ଚ ୪୫ ଟଙ୍କା ହୋଇଥିବାବେଳେ କେଜି ପିଛା ୫୧ ଟଙ୍କାରେ ବିକ୍ରି କରିବାକୁ ସ୍ଥିର କରାଯାଇଛି। ପ୍ରତ୍ୟେକ ୟୁନିଟ୍ ବାର୍ଷିକ ୧୦୦ ମେଟ୍ରିକ୍ ଟନ୍ ଆଚାର ଯୋଗାଇବା ଦ୍ୱାରା ସମସ୍ତ ଖର୍ଚ୍ଚ ବାଦ୍ ବାର୍ଷିକ ୬ ଲକ୍ଷ ଟଙ୍କା ଲାଭ ହେବା ଆଶା କରାଯାଏ । ଉନ୍ନତ ଜ୍ଞାନକୌଶଳ ପ୍ରୟୋଗରେ ଉତ୍ପାଦନ ବୃଦ୍ଧି ପାଇଲେ ଖୋଲାବଜାରରେ ମଧ ଆଚାର ବିକ୍ରି କରାଯିବ। ଏହାଦ୍ୱାରା ଏସ୍‌ଏଚ୍‌ଜିମାନଙ୍କ ଆୟ ବୃଦ୍ଧି ପାଇବ। ଏହି ବ୍ୟବସାୟିକ ଉଦ୍ୟୋଗକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଗୋଟିଏ ବୈଷୟିକ ସହାୟତା ବ୍ୟବସ୍ଥାର ବିକାଶ କରାଯାଇଛି । ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଉଦ୍ୟୋଗୀରେ ରୂପାନ୍ତରିତ ହେବା ଦିଗରେ ଏହା ଏକ ଅନନ୍ୟ ଦୃଷ୍ଟାନ୍ତ ।

# ସିଇଟି ହେବ ଏକକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୮/୭ (ନି.ପ୍ର): ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ସିଇଟି)କୁ ଅଣଅନୁବନ୍ଧିତ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ। ଏହାକୁ 'ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ'(ଓଡ଼ିଶା ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ ୟୁନିଭର୍ସିଟି) ନାମରେ ନାମିତ କରାଯିବ। ଏଥିପାଇଁ ରାଜ୍ୟ ସରକାର ନୂଆ ଆଇନ ପ୍ରଣୟନ କରିବେ। ଏ ସଂକ୍ରାନ୍ତୀୟ ପ୍ରସ୍ତାବରେ ଆଜି କ୍ୟାବିନେଟ୍ ମୋହର ବାଜିଛି।

ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ସ୍ନାତକ, ସ୍ନାତକୋତ୍ତର ଶିକ୍ଷା ତଥା ପିଏଚ୍‌ଡି ଶିକ୍ଷା କ୍ଷେତ୍ରରେ ନୂଆ ସୁଯୋଗ ପ୍ରଦାନ କରିବ। ଏହି ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ, ସାଇନ୍ସ ଓ ଟେକ୍ନୋଲୋଜି କ୍ଷେତ୍ରରେ ତଥା ଅନୁସନ୍ଧାନ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଏହାର ପ୍ରୟୋଗ, ତାଲିମ, ଅନୁସନ୍ଧାନକୁ ସମ୍ପ୍ରସାରିତ କରିବାରେ ସହାୟକ ହେବ। ବିଶ୍ୱବିଦ୍ୟାଳୟ ସ୍ଥାପନ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନି ସମୂହ ସହିତ ଦୀର୍ଘମିଆଦି ସମ୍ପର୍କ ପାଇଁ ଏମ୍‌ଓୟୁ କରିବାର ସୁଯୋଗ ସୃଷ୍ଟି ହେବ। ରାଜ୍ୟ, ଦେଶ ଓ ବିଦେଶର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ଅଭିଜ୍ଞତା ଆଦାନ ପ୍ରଦାନ କରାଯାଇପାରିବ ତଥା ଉଚ୍ଚଶିକ୍ଷା ଏବଂ ଅନୁସନ୍ଧାନ ପାଇଁ ନୂଆ ଦ୍ୱାର ଉନ୍ମୁକ୍ତ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ସୁନ୍ଦରଗଡରେ ୨ ଟି, କଟକରେ ଗୋଟିଏ ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୧୮/୭ (ନି.ପ୍ର): ଓ୍ୱାଡସି ଯୋଜନାରେ ସୁନ୍ଦରଗଡ ଜିଲ୍ଲାର ୪ଟି ବ୍ଲକ୍ ଅଧୀନରେ ଥିବା ୨୯୫ଟି ଗ୍ରାମର ୨,୫୯,୬୧୭ ଜଣ ଜନସାଧାରଣଙ୍କୁ ନିରାପଦ ପାନୀୟଜଳ ଯୋଗାଇ ଦିଆଯିବ। ରାଜ୍ୟ କ୍ୟାବିନେଟ୍ ଏହି ପ୍ରକଳ୍ପ ପାଇଁ ୩୮୮ କୋଟି ୮୧ ଲକ୍ଷ ୮୭ ହଜାର ୩୮୦ ଟଙ୍କାର ନିବିଦାକୁ ଅନୁମୋଦନ କରିଛି। ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ସେହିପରି ଜିଲ୍ଲାର ଆଉ ୬ ଟି ବ୍ଲକ୍ ର ୪୨୧ଟି ଗ୍ରାମର ୩,୭୮,୭୯୦ ଜଣ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ବୃହତ ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋନ କରିଛି। ଏଥିପାଇଁ ୭୮୬ କୋଟି ୬୬ ଲକ୍ଷ ୫୫ ହଜାର ୩୮୦ ଟଙ୍କା ଖଚର୍ଚ୍ଚ ହେବ । ଏହା ବ୍ୟତୀତ କଟକ ଜିଲ୍ଲାର ୪ଟି ବ୍ଲକ୍ ଅଧୀନସ୍ଥ ୨୬୨ ଗ୍ରାମକୁ ପାନୀୟ ଜଳ ଯୋଗାଇବାକୁ ୨୭୫ କୋଟି ୩୯ ଲକ୍ଷ ୮୩ ହଜାର ୯୬୦ ଟଙ୍କାର ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଜିଲ୍ଲାର ୨,୬୧,୯୭୮ ଜନସାଧାରଣ ଉପକୃତ ହେବେ। ମୁମ୍ବାଇର ଏକ ଘରୋଇ ଠିକାଦାର ସଂସ୍ଥାକୁ ଏହି ୩ ଟି ପ୍ରକଳ୍ପ କାଯ୍ୟ ମିଳିଛି। ୨ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି, ଯୋଡା ଓ ଚମ୍ପୁଆ ସହରବାସୀଙ୍କୁ ପାଇପ୍ ଯୋଗେ ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ଓ୍ୱାଟକୋ ମାଧ୍ୟମରେ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜିଏସଟିକୁ ଛାଡି ୧୦୩.୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅହମ୍ମଦାବାଦର ପିସି ସ୍ନେହାଲ କନ୍‌ଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ଏହି କାର୍ଯ୍ୟକରିବାକୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛି। ଏହି କାର୍ଯ୍ୟ ସେପ୍ଟେମ୍ବର ୧ ୨୦୨୧ ରେ ଆରମ୍ଭ ହୋଇ ୨୦୨୩ ଅଗଷ୍ଟ ୩୧ ରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେମିତି ସୁନ୍ଦରଗଡ ଜିଲ୍ଲାର ଡୁଡୁକା-ଗୋପାଳପୁର-ଟୋପାରିଆ ରାସ୍ତା୨ ଥାକିଆ କରିବାକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି । ୨ ଲେନ୍ ବିଶିଷ୍ଟ ଏହି ପ୍ରସସ୍ତୀକରଣ କାମରେ ୧୦୨.୬୫ କୋଟି ଟଙ୍କା ଖର୍ଚ୍ଚ ହେବ । ୨୪ ମାସ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆରକେଡି କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ଏହି ନିର୍ମାଣ କାର୍ଯ୍ୟ କରିବ। ରାସ୍ତାର ପ୍ରସସ୍ତୀକରଣ ଦ୍ୱାରା ଛତିଶଗଡର ରାଇଗଡ ଓ ସୁନ୍ଦରଗଡ ଟାଉନ୍ ମଧ୍ୟରେ ଆନ୍ତରାଜ୍ୟ ଯୋଗାଯୋଗର ଉନ୍ନତି ସହ ବସୁନ୍ଧରା ଖଣି ସହିତ ଯୋଗାଯୋଗ ସ୍ଥାପନ ହୋଇପାରିବ। ଅବଢା ଯୋଜନାରେ ପୁରୀ ସହରର ବିକାଶ ପାଇଁ ସଂରକ୍ଷିତ ଖଣିରୁ ବାହାର କରାଯାଇଥିବା ଖଣିଜ ପଦାର୍ଥ (ଖଣ୍ଡାଲାଇଟ୍) ନିମନ୍ତେ ରୟାଲଟି ଛାଡ୍ କରିବାକୁ କ୍ୟାବିନେଟ୍ କମିଟି ନିଷ୍ପତି ନେଇଛି। ପୁରୀକୁ ଏକ ବିଶ୍ୱ ଐତିହ୍ୟ ସହର ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାର ୨୦୧୯ ଡିସେମ୍ବରରେ ୬ଟି ଖଣ୍ଡାଲାଇଟ୍ ଖଣିଜ ବ୍ଲକ୍ କୁ ଓଡିଶା ଖଣି ନିଗମ ନିମନ୍ତେ ସଂରକ୍ଷଣ କରିଥିଲେ। ସେଥିରୁ ଖୋର୍ଦ୍ଧାର ନରଣଗଡ ଠାରେ ଥିବା ବ୍ଲକ୍ କୁ ଓଡିଶା ଖଣି ନିଗମକୁ ଖଣିକାର୍ଯ୍ୟ ପାଇଁ ଲିଜ୍ ପ୍ରଦାନ କରାଯାଇଛି। ରାଜ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତିଭୂମି ବୃଦ୍ଧି ଲାଗି ଓଡିଶା ଷ୍ଟେଟ୍ ଓ୍ୱାଇଡ୍ ଏରିଆ ନେଟଓ୍ୱର୍କ (ଓସଓ୍ୱାନ୍) ପ୍ରକଳ୍ପର ଅପଗ୍ରେଡେସନ୍ କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଅପଗ୍ରେଡେସନ୍ ରେ ରାଜ୍ୟ ହେଡ୍ କ୍ୱାର୍ଟର୍ସର, ୩୦ ଜିଲ୍ଲା ହେଡ୍ କ୍ୱାର୍ଟର୍ସର ଓ ୩୧୪ ବ୍ଲକ୍ ହେଡ୍ କ୍ୱାର୍ଟର୍ସର ବ୍ୟାଣ୍ଡଓ୍ୱିଡଥ୍ ବୃଦ୍ଧି , ଲୋଡ୍ ବଂଟନ ଓ ସଂଯୋଗର ଉଚ୍ଚ ଉପଲବ୍ଧତା ପାଇ ସେକେଣ୍ଡାରୀ ବ୍ୟାଣ୍ଡଓ୍ୱିଡଥ୍ ଯୋଗାଇବାର ଯୋଜନା ରହିଛି। ଓସଓ୍ୱାନ୍ ର ଅପଗ୍ରେଡେସନ୍ ସହିତ ପାଂଚ ବର୍ଷ ପାଇଁ ଏହାର ଅପରେସନ୍ ଏବଂ ରକ୍ଷଣାବେକ୍ଷଣ ପାଇଁ ୩୩୨.୦୯ କୋଟି ଟଙ୍କା ଖର୍ଚ୍ଚ ହେବ। ଭୂସମ୍ପତି ଓ ଗୃହ ବିକ୍ରୟ ପାଇଁ କ୍ଷମତା ପତ୍ର ଓ ଗୃହ ନିର୍ମାଣ ତଥା ବାସପୋଯୋଗୀ କରିବାକୁ ଚୁକ୍ତି ପତ୍ର ପାଇଁ ଷ୍ଟାମ୍ପ ଦେୟ ହ୍ରାସ କରାଯାଇଛି। ପୂର୍ବରୁ ୫% ଷ୍ଟାମ୍ପ ଡ୍ୟୁଟି ଆଦାୟ ହେଉଥିବା ବେଳେ ବର୍ତ୍ତମାନ ୨% ଷ୍ଟାମ୍ପ ଡ୍ୟୁଟି ଅଦାୟ ହେବ। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜସ୍ୱ ବୃଦ୍ଧି ପାଇଁ ପୁରୁଣା ଦଲିଲ୍ ର ନକଲ ପାଇବାକୁ ଷ୍ଟାମ୍ପ ଦେୟ ୧୦ ଟଙ୍କାରୁ ୧୦୦ ଟଙ୍କାକୁ ବର୍ଦ୍ଧି କରାଯାଇଛି। ତେବେ ସମାନ ପକ୍ଷ ମଧ୍ୟରେ ଏବଂ ଏକା ସମ୍ପତି ଉପରେ କ୍ଷମତାପତ୍ର ଓ ଚୁକ୍ତିପତ୍ର ଦଲିଲ୍ କଲେ , ଦ୍ୱିତୀୟ ଦଲିଲରେ ଷ୍ଟାମ୍ପ ଦେୟ ହଜାରେ ଟଙ୍କା ଦେବାକୁ ହେବ। ସମ୍ପତି ବିକ୍ରି ପାଇଁ ଚୁକ୍ତି କ୍ଷେତ୍ରରେ ପୂର୍ବରୁ ଦିଆଯାଇଥିବା ଷ୍ଟାମ୍ପ ଦେୟ ଚୁକ୍ତିନାମା ଅନୁସାରେ ସେହି ବ୍ୟକ୍ତି ବିକ୍ରୟ କବଲା ସମୟରେ ଦଲିଲରେ ଦେବାକୁ ଥିବା ଷ୍ଟାମ୍ପ ଦେୟ ସହ ଆଡଜଷ୍ଟ କରାଯିବ।

# ୧୫ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୮/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତାରେ ଶନିବାର ସଂଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଆନ୍ତରାଜ୍ୟ ସଂଯୋଗୀକରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ୍ ୨୩ କିମି ଦୈର୍ଘ୍ୟ ଦୁଇ ଥାକିଆ ଡୁଡୁକା-ଗୋପାଳପୁର-ତୋପାରିଆ ରାସ୍ତାକୁ ପ୍ରଶସ୍ତ କରାଯିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପରେ ୧୦୨.୬୫ କୋଟି ଟଙ୍କା ବ୍ୟୟ ହେବ ଏବଂ ଏହା ବସୁନ୍ଧରା କୋଇଲା ଖଣିକୁ ଯାନବାହନ ଚାଳାଚଳରେ ସହାୟକ ହେବ । ସେହିପରି ଗ୍ରାମାଂଚଳର ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ଗୁରୁତ୍ୱ ଦେଇ ରାଜ୍ୟ କ୍ୟାବିନେଟ୍ କଟକ ଜିଲ୍ଲା ପାଇଁ ବୃହତ୍ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପକୁ ଅନୁମୋଦନ କରିଛି । ଏହା ଦ୍ୱାରା ୨.୫୦ ଲକ୍ଷରୁ ଅଧିକ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇବେ ଏବଂ ଏଥି ପାଇଁ ୨୭୫.୩୯ କୋଟିରୁ ଅଧିକ ଅର୍ଥ ବ୍ୟୟ କରାଯିବ । ସୁନ୍ଦରଗଡ଼ ଜିଲ୍ଲା ପାଇଁ ୨ଟି ବୃହତ୍ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ୨୪ ମାସର ସମୟସୀମା ମଧରେ ସଂପୂର୍ଣ୍ଣ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୧୦ଟି ବ୍ଲକ୍ ର ୬ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ।

ଏହା ବ୍ୟତୀତ ଓଡ଼ିଶା ଷ୍ଟେଟ୍ ଓ୍ୱାଇଡ୍ ଏରିଆ ନେଟଓ୍ୱର୍କ (ଓସ୍‌ଓ୍ୱାନ୍) ଅପଗ୍ରେହେସନ୍ ପାଇଁ ୩୩୨ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପ ରାଜ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତିଭୂମି ବଢ଼ାଇବ ।ସଂରକ୍ଷିତ ଖଣିରୁ ଆସିବାକୁ ଥିବା ଖଣ୍ଡାଲାଇଟ ପଥ ଉପରୁ ରୟାଲଟି ଛାଡ଼ ହେବ । ଖଣ୍ଡାଲାଇଟ୍ ପଥର ଅବଢ଼ା ଯୋଜନା ଓ ଅନ୍ୟ ଐତିହ୍ୟସ୍ଥଳ ବିକାଶରେ ଲାଗିବ। ଏହା ବ୍ୟତୀତ ଓଡିଶା ବେସାମରିକ ସେବା (ପଦୋନ୍ନତି ପାଇଁ ମାନଦଣ୍ଡ)ନିୟମାବଳୀ , ୧୯୯୨ର ସଂଶୋଧନ, ଓଡିଶା ମୁଖ୍ୟ ବିଭାଗୀୟ ଦପ୍ତର(ମୁଖ୍ୟ ବିଭାଗୀୟ ଦପ୍ତର କାର୍ଯ୍ୟାଳୟ ପ୍ରତିଷ୍ଠାନ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ ) କମନ୍ କ୍ୟାଡର ନିୟମାବଳୀ ୨୦୧୯ର ସଂଶୋଧନ , ଓଡିଶା ଅଧସ୍ତନ ପରିସଂଖ୍ୟାନ ଓ ଅର୍ଥନୀତି ସେବା ନିୟମ୧୯୯୪ର ସଂଶୋଧନ , ଓଡିଶା ସରକାରୀ ଲ୍ୟାଣ୍ଡ ସେଟଲମେଂଟ ନିୟମ ୧୯୬୨ ସଂଶୋଧନ, ଓଡିଶା କାରଗାର ଫାର୍ମାସିଷ୍ଟ ସେବା (ନିଯକ୍ତି ପଦ୍ଧତି ଓ ସେବାସର୍ତ୍ତ ନିୟମାବଳୀ) ୨୦୨୧ ର ପଯ୍ରଣନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୨ ଗିରଫ: ୫୭୩ ବାହନ ଜବତ

ଭୁବନେଶ୍ୱର,୧୮/୭ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୭୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୩୩,୭୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ବିରୋଧରେ ମହିଳା କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ

ଭୁବନେଶ୍ୱର,୧୮/୭ (ନି.ପ୍ର): କ୍ରମାଗତ ଭାବେ ପେଟ୍ରୋଲ୍ ଓ ଡିଜେଲ୍‌ର ଦରବୃଦ୍ଧି ସାଙ୍ଗକୁ ରନ୍ଧନଗ୍ୟାସର ଦରବୃଦ୍ଧି ବର୍ତମାନ କରୋନା ମହାମାରୀ ସମୟରେ ସାଧାରଣ ଜନତାଙ୍କ ଉପରେ ବେଢ଼ି ଉପରେ କୋରଡା ସଦୃଶ ହୋଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଏହି ଦରବୃଦ୍ଧି ଘଟୁଛି । ଯାହାର ଫଳ ସ୍ୱରୂପ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥା-ଖାଇବାତେଲ, ଡାଲି, ପନିପରିବା ଦର ଅହେତୁକ ବୃଦ୍ଧିପାଉଛି । ଏହା ଦର୍ଶାଉଛି, କେନ୍ଦ୍ର ଓ ରାଜ୍ୟ ସରକାର ହାଣ୍ଡିଶାଳକୁ ପ୍ରଚଣ୍ଡ ପ୍ରହାର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ରାମ ମନ୍ଦିର ଛକ ପେଟ୍ରୋଲ୍ ଟାଙ୍କୀଠାରେ ଗ୍ରାହକମାନଙ୍କର ମତାମତ ଓ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଗ୍ରାହକମାନେ ଦସ୍ତଖତ ଦେବା ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଶବାସୀଙ୍କୁ ଭୂଆଁ ବୁଲାଇବା ବା ଠକିବାରୁ ନିବୃତ ରୁହନ୍ତୁ ବୋଲି ଖୋଲାଖୋଲି ମତ ରଖିଥିଲେ । ପ୍ରଧାନମନ୍ତ୍ରୀ ମହାଶୟ ଯେଉଁ ଆଚ୍ଛେଦିନର ସ୍ୱପ୍ନ ଦେଖାଇଥିଲେ ତାହା କେତେ ବାସ୍ତବରେ ପୂରଣ ହୋଇଛି ବୋଲି ଆଜି ଲୋକମାନେ ବୁଝିସାରିଲେଣି। ଉଭୟ ସରକାର ଟ୍ୟାକ୍ସ ଓ ଭାଟ୍ କମାନ୍ତୁ ଏବଂ କରୋନା ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପରିବର୍ତେ ଆଉ ସାଧାରଣ ଲୋକଙ୍କୁ ଲୁଟନ୍ତୁ ନାହିଁ ବୋଲି ନିଜର ମତବ୍ୟକ୍ତ କରିଥିଲେ। ଯଦି ଉଭୟ ସରକାର ପେଟ୍ରୋଲ୍, ଡିଜେଲ୍, ଓ ରନ୍ଧନଗ୍ୟାସର ବର୍ଦ୍ଧିତ ଟ୍ୟାକ୍ସ ଓ ଭାଟ୍ ନ କମାନ୍ତି, ତେବେ ମହିଳାମାନେ ଘରେ ନ ରହି ଆଗକୁ ରାଜରାସ୍ତାକୁ ଓହ୍ଲାଇ ଜୋର୍‌ଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ସମେତ ପି.ସି.ସି. କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ଏ.ଆଇ.ସି.ସି. ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଜି. ରୁଦ୍ର ରାଜୁ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷସିଂହ ସାଲୁଜା, ଅଧିରାଜମୋହନ ପାଣିଗ୍ରାହୀ, ଏ.ଆଇ.ସି.ସି. ମହିଳା କଂଗ୍ରେସ ସମ୍ପାଦିକା ତଥା ପ୍ରଭାରୀ ନୀତା ଡିସୋଜା, ଭୁବନେଶ୍ୱର ଜିଲ୍ଲା ମହିଳା ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି,ସ୍ନେହଲତା ଚୌଧୁରୀ ପ୍ରମୁଖ ବହୁ ମହିଳା ଅଂଶଗ୍ରହଣ କରିଥିଲେ ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସର କୋକେଇ ଶୋଭାଯାତ୍ରା

ଭୁବନେଶ୍ୱର,୧୮/୭ (ନି.ପ୍ର): ପେଟ୍ରୋଲ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ଅଭିନବ ଉପାୟରେ ରାସ୍ତାରେ ଗାଡ଼ି ରଖି ପ୍ରତିବାଦ କରିଥିଲା। ଶନିବାର ଦିନ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ଼ଃ ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ କୋକେଇ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଲୋୟର ପିଏମଜି ପର୍ଯ୍ୟନ୍ତ ଯାଇଥିଲା। ବର୍ତ୍ତମାନ ସାରା ଦେଶ ଓ ରାଜ୍ୟ କରୋନା ମହାମାରୀ ସହିତ ଲଢ଼େଇ କରୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ଆଳରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି କରି ଜନସାଧାରଣଙ୍କୁ ରସାତଳଗାମୀ କରୁଛନ୍ତି। ଜୀବନ, ଜୀବିକା ସହିତ ସଂଘର୍ଷ କରୁଥିବା ରାଜ୍ୟର ଜନସାଧାରଣଙ୍କୁ ଉଭୟ ସରକାର ଠକୁଛନ୍ତି। ଦେଶର ୨୫୦ରୁ ଅଧିକ ସହରରେ ପେଟ୍ରୋଲ ଦର ସେଂଚୁରୀ ଅତିକ୍ରମ କରି ସାରିଛି। ରାଜ୍ୟରେ ମଧ୍ୟ ପେଟ୍ରୋଲ ଦର ଶହେ ଟପିଛି। କିନ୍ତୁ ଉଭୟ ସରକାର ଚିର ନିଦ୍ରାରେ ଶୋଇଛନ୍ତି। ପୂର୍ବରୁ ଦେଶରେ ୟୁପିଏ ସରକାର ଥିବା ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୨୦ ଡଲାର ଥିବା ବେଳେ ପେଟ୍ରୋଲ ଦର ୬୦ ଟଙ୍କା ଥିଲା। କିନ୍ତୁ ଏବେ ବ୍ୟାରେଲ ପିଛା ୬୦ ଡଲାରରୁ କମ୍ ଥିଲା ବେଳେ ଦର ୧୧୦ ଆଡ଼କୁ ମୁହାଁଇଲାଣି। ରାଜ୍ୟରେ ନବୀନ ସରକାର ମଧ ଭ୍ୟାଟ୍ ଆଳରେ ଲୋକଙ୍କୁ ଶୋଷଣ କରୁଛନ୍ତି। ପୂର୍ବରୁ କଂଗ୍ରେସ ସରକାର ସମୟରେ ରନ୍ଧନ ଗ୍ୟାସ୍ ଦର ୪୧୮ ଟଙ୍କା ଥିବା ବେଳେ ଏବେ ଏହା ୯୦୦ ଟଙ୍କା ଆଡ଼କୁ ମୁହାଁଇଲାଣି। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସହିତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ମଧ ବଢ଼ିଛି, ଯାହା ଲୋକମାନଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ବୋଲି ଅଭିଯୋଗ କରିଛନ୍ତି ଡ଼ଃ ଲେଙ୍କା।ରାଜ୍ୟରେ ବିଜେଡି-ବିଜେପିର ଅଘୋଷିତ ମେଂଟ ଆଜି ପଦାରେ ପଡ଼ିଛି।

## ବିଜୁ ମହିଳା ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଆଜି

ଭୁବନେଶ୍ୱର,୧୮/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ 'ଜୀବନ ବିନ୍ଦୁ' ଓ 'ମୋ ପରିବାର' ସହଯୋଗରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆସନ୍ତାକାଲି (ସୋମବାର) ପୂର୍ବାହ୍ନରେ ବିଜେଡି ରାଜ୍ୟ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ରକ୍ତଦାନ ଶିବିରରେ କେବଳ ମହିଳାମାନେ ରକ୍ତଦାନ କରିବେ। ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଗଣ ଓ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ରହିବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।

## ରାଜଧାନୀରେ ୨୪ ଘଂଟାରେ ୩୧୮ ପଜିଟିଭ୍

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୩୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୯ ଜଣ କ୍ୱାରେଂଟାଇନ୍‌ରୁ ରହିଥିବା ବେଳେ ୨୪୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୭୨ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଖଣ୍ଡଗିରିରୁ ସର୍ବାଧିକ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଓଲ୍ଡଟାଉନ୍‌ରୁ ୧୨ ଜଣ, ପଟିଆରୁ ୧୧ ଜଣ, ଝାରପଡା ଓ ଚନ୍ଦ୍ରଶେଖରପୁରରୁ ୧୦ ଜଣ ଲେଖାଏଁ, ନୟାପଲ୍ଲୀ ଓ ନିଳାଦ୍ରୀବିହାରରୁ ୮ ଜଣ ଲେଖାଏଁ, ୟୁନିଟ୍ ୮ରୁ ୭ ଜଣ, ମଂଚେଶ୍ୱର, ହଂସପାଳ, ପଳାଶପଲ୍ଲୀ, ସୁନ୍ଦରପଦା, ୟୁନିଟ୍ ୬ ଓ ବାଣୀବିହାରରୁ ୬ ଜଣ ଲେଖାଏଁ, ଶୈଳଶ୍ରୀବିହାର, ସହୀଦନଗର, ବଡଗଡ, ସାଲିଆସାହି, ଜୟଦେବବିହାର, ଡୁମଡୁମା, ରସୁଲଗଡ ଓଭିଏସଏସନଗରରୁ ୫ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୫୮୮୪ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୩୮୩୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୩୯୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୬୩୭କୁ ବୃଦ୍ଧି ପାଇଛି।

## ବାହୁଡ଼ା ଯାତ୍ରା ପାଇଁ ବଡ଼ଦାଣ୍ଡରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ପୁରୀ,୧୮/୦୭ (ନି.ପ୍ର): ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ବାହୁଡ଼ା ଯାତ୍ରା ପୂର୍ବରୁ ଆଜି ବଡ଼ଦାଣ୍ଡରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି । ହୋଟେଲ, ଲଜିଂ, ଘର ମାଲିକଙ୍କୁ ବାହୁଡ଼ା ଦିନ ବଡ଼ଦାଣ୍ଡ ଛାତରେ ନରହିବାକୁ ନିର୍ଦ୍ଦେଶ ରହିଛି । ବେଳାଭୂମି ହୋଟେଲରେ ଥିବା ଲୋକଙ୍କ ମୋବାଇଲ ଲୋକେସନ ଟ୍ରାକ୍ ପାଇଁ ନିଷ୍ପତି ହୋଇଛି । ସେହିପରି ଅମାନିଆଙ୍କୁ ସାବାଡ଼୍ କରିବା ପାଇଁ ବାହୁଡ଼ା ଦିନ ୨୦ଟି ସ୍ୱତନ୍ତ୍ର ସ୍କାଡ୍ କାର୍ଯ୍ୟ କରିବ । ସୋମବାର ରାତି ୮ଟା ଠାରୁ ବୁଧବାର ରାତି ୮ଟା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ କର୍ଫ୍ୟୁ ବଳବତର ରହିବ ବୋଲି ସୂଚନା ଦେଇଛନ୍ତି ପୁରୀ ଏସପି କନୱର ବିଶାଲ ସିଂହ ।

# ବାଲିଆପାଳ ଶିକ୍ଷକସମାଜ ପକ୍ଷରୁ ମୃତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ



ବାଲିଆପାଳ,୧୮/୦୭ (ନି.ପ୍ର): ବାଲିଆପାଳ ବ୍ଲକ ପାକମୁଡି ନୋଡାଲ ଉ.ପ୍ରା ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ମାର୍ଶଲ କୁମାର ଦେ ଙ୍କ ନିମୋନିଆରେ ଗତ ୬ ତାରିଖରେ ପରଲୋକ ହୋଯାଇଥିଲା । ମାର୍ସଲ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ।ବାଲିଆପାଳ ବ୍ଲକର କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ତରଫରୁ ମୃତ ଶିକ୍ଷକଙ୍କ ପରିବାରକୁ ଦୁଇ ଲକ୍ଷ ୪୧ ହଜାର ଟଙ୍କାର ଆର୍ଥକ ସହାୟତା ପ୍ରଦାନ କରାଯାଇଛି । ଏକାଦଶାହ ଅବସରରେ କଟିସାହି ସ୍ଥିତ ବାସଭବନରେ ଉପସ୍ଥିତ ହୋଇ ସ୍ୱର୍ଗତଃ ଦେଙ୍କ ବାପା ପ୍ରଫୁଲ୍ଲ କୁମାର ଦେ, ମୃତ ଶିକ୍ଷକଙ୍କ ଧର୍ମପତ୍ନୀ ସୁଭଦ୍ରା ଦେ ଙ୍କ ହାତରେ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ପାକମୁଡି ନୋଡାଲ ଉ.ପ୍ରା ବିଦ୍ୟାଳୟର ଶିକ୍ଷକ ମାନଙ୍କ ପକ୍ଷରୁ ମୃତ ଶିକ୍ଷକଙ୍କ ଦୁଇ ନାବାଳିକା ଝିଅଙ୍କ ନାମରେ କୋଡିଏ ହଜାର ଟଙ୍କାର କିଶାନ ବିକାଶ ପତ୍ର ପ୍ରଦାନ କରାଯାଇଥିଲ । ଏହି ସହାୟତା ରାଶି ପ୍ରଦାନ ସମୟରେ ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ତରଫରୁ ସଭାପତି ମନ୍ମଥ କୁମାର ବିଶ୍ୱାଳ,ସମ୍ପାଦକ ଆଦିତ୍ୟ କୁମାର ରାଉତ,ଆବାହକ ପୂର୍ଣ୍ଣେନ୍ଦୁ ଦାସ , ଶିକ୍ଷକ ନେତା ନିତାଇ ଚରଣ ରାଉଳ,ପ୍ରଭାତ ରଞ୍ଜନ ସାହୁ,ବିଶ୍ୱମ୍ବର ପାତ୍ର, ଧନଞ୍ଜୟ ଚରଣ ଦେ,ସୁଶାନ୍ତ କର,ସୁବାଷ ଚନ୍ଦ୍ର ଭଞ୍ଜ, ସୁଶାନ୍ତ ଗିରି,ପ୍ୟାରୀ ମୋହନ ବିଶ୍ୱାଳ, ଦୀପକ କୁମାର ନାୟକ, ସୁରଥ ପ୍ରମାଣିକ, ଜ୍ୟୋତି ପ୍ରକାଶ ଜେନା, ମନୋରଞ୍ଜନ ଜେନା, ବ୍ୟୋମକେଶ ସାହୁ, ମନୋରଞ୍ଜନ ପ୍ରଧାନ,ବରେନ୍ଦ୍ର ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ । ଦୁଃସ୍ଥ ପରିବାରକୁ ସହାୟତାର ହାତ ବଢାଇଥିବାରୁ ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ବ୍ଲକର କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି ।

# ବାଲେଶ୍ୱରରେ ଗୁରୁତ୍ୱହୀନ ସପ୍ତାହାନ୍ତ ବନ୍ଦ

ବାଲେଶ୍ୱର,୧୮/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ତାଲାବନ୍ଦ କୋହଳ ପରେ ବାଲେଶ୍ୱରରେ ଜୁଲାଇ ମାସର ତୃତୀୟ ସପ୍ତାହାନ୍ତ ବନ୍ଦର ଆଉ ଗୁରୁତ୍ୱ ନଥିବା ଭଳି ଅନୁଭୁତ ହୋଇଛି। ସପ୍ତାହାନ୍ତ ବନ୍ଦର ଦ୍ୱିତୀୟ ଦିନରେ ଆଜି ସମ୍ପୂର୍ଣ୍ଣ ଖୁଲାମେଲା ଭଳି ପରିଲକ୍ଷିତ ହୋଇଛି। ପୁଲିସଗାଡ଼ି ଆଉ ବୁଲୁନାହିଁ କି ରାସ୍ତାରେ ଅମାନିଆଙ୍କୁ ଅଟକାଇ ପୁଲିସ କିଫିୟତ ତଲବ କରୁନାହିଁ। ଲୋକେ ବିନା ଦ୍ୱିଧାରେ ଦଳ ଦଳ ହୋଇ ରାସ୍ତାରେ ବୁଲୁଥିବା ବେଳେ ଶହ ଶହ ଲୋକେ ଯାନବାହାନରେ ଯା'ଆସ କରୁଛନ୍ତି। ଦୋକାନ ବଜାର ବନ୍ଦ ରହିଥିଲେ ବି ଦୈନନ୍ଦିନ ଜୀବନଚର୍ଯ୍ୟା ଭଳି ଲୋକେ ନିଶଙ୍କୋଚରେ ସହର ରାସ୍ତାରେ ଯାନବାହ ଚଳାଇ ବୁଲାବୁଲି କରୁଛନ୍ତି। ଏମିତିକି ସହରର ବିଭିନ୍ନ ରାସ୍ତାରେ ଟ୍ରାଫିକ ଜାମର ପରିସ୍ଥିତି ସୃଷ୍ଟି ହୋଇଯାଉଛି। ପ୍ରଥମ ଲହର କରୋନା କାଳର ସପ୍ତାହାନ୍ତ ବନ୍ଦ ଅନୁପାତରେ ଦ୍ୱିତୀୟ ଲହର ବନ୍ଦ ଅତ୍ୟନ୍ତ ପ୍ରଭାବହୀନ ହୋଇଯାଇଥିବା ଲକ୍ଷ୍ୟ କରାଯାଇଛି। ତୃତୀୟ ଲହର କରୋନା ଆସୁଥିବା ନେଇ ସରକାର ରାଜ୍ୟବାସୀଙ୍କୁ ସତର୍କ କରାଇ ଚାଲିଥିବା ବେଳେ ବାଲେଶ୍ୱରରେ ତାଲାବନ୍ଦ କିମ୍ବା ସପ୍ତାହାନ୍ତ ବନ୍ଦର ଗୁରୁତ୍ୱ କିଛି ନାହିଁ ବୋଲି ଅନୁଭୂତ ହୋଇଛି। ପ୍ରଶାସନ କିମ୍ବା ପୁଲିସ ଚୁପ ହୋଇ ଯାଇଥିବା ବେଳେ ଜନସାଧାରଣ ବେପିକର ଭାବେ ବୁଲାବୁଲି କରୁଛନ୍ତି।

## ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଉଛି ନୂଆପଡ଼ା, କଳାହାଣ୍ଡି, କେନ୍ଦୁଝର, କନ୍ଧମାଳ ଓ ଦେବଗଡ଼। ଏଥିସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ମୟୁରଭଞ୍ଜ, କେନ୍ଦୁଝର ଓ କନ୍ଧମାଳ ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ।ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ଏହିସବୁ ଜିଲ୍ଲା ଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ଭଦ୍ରକ, ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି।

## ରାଜ୍ୟରେ କରୋନାରେ ଆଉ ୬୬ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୦୫୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଥମୃତ୍ୟୁବରଣ କରିଛନ୍ତି । ଏହାଛଡ଼ା ଗଞ୍ଜାମ ଜିଲ୍ଲାରୁ ୮ ଓ ମୟୁରଭଂଜ ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ୬-୬ ଜଣ ପ୍ରାଣ ହରାଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫ ଜଣ, ବରଗଡ ଓ ନୟାଗଡରୁ ୩ ଜଣ ଲେଖାଏ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ଗଜପତି, କେନ୍ଦ୍ରାପଡା ଓ ପୁରୀରୁ ୨ -୨ ଜଣ ସଂକ୍ରମିତଙ୍କ ପ୍ରାଣହାନି ଘଟିଛି। ଅପରପକ୍ଷରେ ଅନୁଗୁଳ, ଭଦ୍ରକ, ବଲାଙ୍ଗୀର, ରାୟଗଡା. ଜଗତସିଂହପୁର, ଯାଜପୁର ଓ କନ୍ଧମାଳ ଜିଲ୍ଲାରୁ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# 'ସାହିତ୍ୟ ଖବର ଦେବାରେ 'ସାହିତ୍ୟ କଥା'ର ପ୍ରୟାସ ଅଦ୍ୱିତୀୟ'

## 'ସାହିତ୍ୟ କଥା'ର ନବମ ସ୍ୱନକ୍ଷତ୍ର ସମାରୋହ




ଭବାନୀପାଟଣା,୧୮/୦୭ (ନି.ପ୍ର): 'ସାହିତ୍ୟ କଥା' କେବଳ ଏକ ସମ୍ବାଦ ପତ୍ରିକା ନୁହେଁ, ସାହିତ୍ୟ ବିଷୟକ ଚଟାପଟ ଖବର ନୁହେଁ, ବରଂ ପ୍ରତିଭା ଅନ୍ୱେଷଣର ମହାର୍ଘ ପର୍ବଟିଏ। ଏଥିରେ ଲେଖକ, ପାଠକ ତଥା ସାହିତ୍ୟ ମନସ୍କ ଓ ତଲ୍ଲୀନ ଲୋକେ ସାହିତ୍ୟର ବିଭିନ୍ନ ବିଭାଗ ଦେଖିବାକୁ ପାଇପାରିବେ। ସାରା ବିଶ୍ୱର ସାହିତ୍ୟ ଖବର ଦେବାରେ ଓଡ଼ିଶାର ଏକମାତ୍ର ସାହିତ୍ୟ-ସମ୍ବାଦ ପତ୍ରିକା 'ସାହିତ୍ୟ କଥା'ର ପ୍ରୟାସ ଅଦ୍ୱିତୀୟ ବୋଲି ଏହାର ନବମ ସ୍ୱନକ୍ଷତ୍ର ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭବାନୀପାଟଣା ସ୍ଥିତ ଶ୍ରୀରୂପା ପବ୍ଲିକେଶନ୍ସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ଓ ବିଶିଷ୍ଟ ସ୍ତମ୍ଭକାର ସଂପଦ ନାୟକ ଯୋଗ ଦେଇଥିବା ବେଳେ 'ସାହିତ୍ୟ କଥା'ର ସଂପାଦକ ସକିତ ରତେଙ୍କ ସଭାପତିତ୍ୱ କରିଥିଲେ। ପତ୍ରିକାର ଉପଦେଷ୍ଟା ଗାଳ୍ପିକ ସୁକାନ୍ତ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ କବି ବିର ନାରାୟଣ ମୁଣ୍ଡଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ 'ସାହିତ୍ୟ କଥା'ର ସହ-ସଂପାଦକ ସୁଶୀଲ କୁମାର ବାଗ ଓ ସୁଧୀର କୁମାର ଧଙ୍ଗଡ଼ାମାଝୀ ବକ୍ତବ୍ୟ ରଖିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ଗାଳ୍ପିକ ଡିଲେଶ୍ୱର ରଣା। ଡିଜିଟାଲ୍ ନ୍ୟୁଜ୍ ପୋର୍ଟାଲ୍ 'ଓଡ଼ିଆ ବା ି' ପକ୍ଷରୁ ସମଗ୍ର କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। କବି ତ୍ରିନାଥଶ୍ୟାମ କୁମାର, ଜିତେନ୍ଦ୍ର କୁମାର ସାହୁ, ଯୁଗେଶ୍ୱର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାରେ ଆୟୁଷ୍ମାନ ଯୋଜନା ଲାଗୁ ପାଇଁ ଦାବି

## ସାଗର ପାତ୍ର ଓ ପାୟଲ ରାୟ ହେଲେ ସମ୍ବର୍ଦ୍ଧିତ



ବାରିପଦା,୧୮/୦୭ (ନି.ପ୍ର): ବଜରଙ୍ଗ ସେନା ପକ୍ଷରୁ ତକତପୁର ରାଣୀବନ୍ଧ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ସଙ୍ଗଠନର ଅଧକ୍ଷ କୁମାର ମଙ୍ଗଳମଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ସରକାରଙ୍କୁ ଚାପ ପ୍ରୟୋଗ କରିବା ଉଦ୍ୟେଶରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଯୋଜନା ଲାଗୁ ହେଲେ ଗରିବ ଲୋକଟିଏ ସରକାରଙ୍କ ନିକଟରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇ ପାରିବ । ତେବେ ରାଜ୍ୟରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ନେଇ ଆସନ୍ତା ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସଭାପତି ଶ୍ରୀ ମଙ୍ଗଳମ ଜଣାଇଛନ୍ତି । ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାରସକଣା ବିଧାୟକ ଡ଼ଃ ବୁଦ୍ଧାନ ମୁର୍ମୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ତପନ ହବଡା, ଯୋଗଦେଇଥିଲେ । ତେବେ ସଙ୍ଗଠନର ଜିଲ୍ଲା ସଭାପତି ସାଗର ପାତ୍ର ଓ ସଭାନେତ୍ରୀ ପାୟଲ ରାୟ ସମ୍ବର୍ଦ୍ଧିତ ହୋଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସଭାପତି କାର୍ତ୍ତିକ ମହାନ୍ତ, ଉପାଧକ୍ଷ ଦେବବ୍ରତ ସାମଲ, ସୋମନାଥ ବେହେରା, ଏସ.କେ ନାସିର, ବିଜୁ ମହାନ୍ତ, କୌଶିକ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଲଦାଖରେ ହେବ ଚାରି ନୂଆ ....

କେନ୍ଦ୍ରଶାସିତ ପ୍ରଦେଶ ଲଦାଖର ବିକାଶ କରିବାକୁ ତିଆରି ହୋଇଥିବା ଯୋଜନାକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବାକୁ ଆରମ୍ଭ କରିଛନ୍ତି। ତେଣୁ ସର୍ବପ୍ରଥମେ ଲଦାଖର ସମସ୍ତ ଅଂଚଳକୁ ଖୁବ୍‌ଶୀଘ୍ର ଏୟାର ରାସ୍ତାରେ ଯୋଡ଼ାଯିବ। ପୂର୍ବରୁ ଲଦାଖ ଯୋଡ଼ାଯାଇଥିଲା, କିନ୍ତୁ ଏବେ କେନ୍ଦ୍ର ସରକାର ଯେଉଁ ମହତ୍ୱାକାଂକ୍ଷି ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି, ତା' ମୁତାବିକ ଲେହ ଏବଂ କାର୍‌ଗିଲରେ ଉନ୍ନତ ଟେକ୍‌ନିକରେ ୩୭ ହେଲିପେଡ଼ ତିଆରି ହେବାର ଲକ୍ଷ୍ୟ ରହିଛି। ଏ ମଧ୍ୟରୁ ୭ ହେଲିପେଡ଼ ଲେହରେ ଏବଂ ୩୦ ହେଲିପେଡ଼ କାରଗିଲରେ ହେବ। ଲଦାଖର ଡେମଚୋକ, ଲିଙ୍ଗଶେକ, ଚୁଶୁଲ ଅଂଚଳରେ ୬ଟି ଏୟାରପୋର୍ଟର ନିର୍ମାଣ କରାଯାଇଛି। କାର୍‌ଗିଲରେ ଏବେ ପର୍ଯ୍ୟନ୍ତ ଏୟାରପୋର୍ଟର ବ୍ୟବହାର କେବଳ ଭାରତୀୟ ବାୟୁସେନା କରୁଛି ଏବଂ ଏବେ ପର୍ଯ୍ୟନ୍ତ ନାଗରିକ ସଂଚାଳନ ଆରମ୍ଭ ହେବାପାଇଁ ଅନୁମୋଦନ ମିଳିନାହିଁ। ବର୍ତମାନ ସମୟରେ ଲଦାଖରେ ୮ଟି ହେଲିପେଡ଼ ଅଛି, ଯେଉଁଥିରୁ ୫ଟି ଲେହରେ ଏବଂ ୩ଟି କାରଗିଲରେ ଅଛି। ଯାହାର ଆଧୁନିକୀକରଣ କରାଯିବ। ସରକାର ଏବେ କାରଗିଲ ଅଂଚଳରେ ଏକ ବିକଳ୍ପିକ ନାଗରିକ ଏୟାରପୋର୍ଟ ପାଇଁ ଭୂମି ଚିହ୍ନଟ ହୋଇଛି। ଏହାବ୍ୟତୀତ ୨୯ ନୂଆ ଆଧୁନିକ ହେଲିପେଡ଼ ତିଆରି ହେବ, ଯେଉଁଥିରୁ ୨ଟି ଲେହ ଏବଂ ୨୭ କାର୍‌ଗିରେ ହେବ। ଲଦାଖ ରିଜନରେ ୩୭ ଅତ୍ୟାଧୁନିକ ହେଲିପେଡ଼ ହୋଇଯିବ। ଲେହର ୩ ଏୟାରପୋର୍ଟର କାମ ଆରମ୍ଭ ହୋଇଛି, ଯେଉଁଥିରେ ଲଦାଖର ତିନି ଏବଂ ଘାଟିମାନଙ୍କରେ ମଧ ଶୀଘ୍ର ଏୟାରପୋର୍ଟ ହେବାର କାମ ଆରମ୍ଭ କରାଯାଇଛି। ନୂଆ ତିଆରି ହେଲିପେଡ଼ ଭାରତ-ଚୀନ୍ ସୀମା ପାଖରେ ଅବସ୍ଥିତ। ତେଣୁ କୌଣସି ଆପାତକାଳୀନ ଆବଶ୍ୟକ ଯେପରିକି ପ୍ରାକୃତିକ ବିପର୍ଯ୍ୟୟ ବା ସ୍ଥାନୀୟ ନାଗରିକ ମେଡ଼ିକାଲ ଏମରଜେନ୍ସିକୁ ପୂରଣ କରିବା ପାଇଁ ହେଲିପେଡ଼ ଜରୁରୀ। ସରକାର ପ୍ରଥମେ ୪ ନୂଆ ଏୟାରପୋର୍ଟ ପାଇଁ ଭୂମି ଚିହ୍ନଟ କରାଯାଇଛି ଯେଉଁଠାରେ ବଡ଼ ବିମାନ ସବୁ ଅବତରଣ କରାଯାଇପାରିବ। ଏହାବ୍ୟତୀତ ସରକାର ଲେହ ସହର ପାଇଁ ଏକ ବୈକଳ୍ପିକ ଏୟାରପୋର୍ଟ ଜାସ୍କର ଘାଟୀରୁ ସିଧା ଯୋଡ଼ିବାର ଯୋଜନା ରହିଛି। ସରକାର ପେଁନଂଗୋ ହ୍ରଦ ସହିତ ଯୋଡ଼ିହୋଇଥିବା ଚାଂଗଡାଂଗ ପାଖରେ ମଧ ଗୋଟିଏ ଏୟାରପୋର୍ଟ ତିଆରି ହେବାର ଯୋଜନା ହୋଇଛି, ଯେଉଁଠାରେ ପୂର୍ବବର୍ଷ ଚୀନ୍‌ର ସାଙ୍ଗରେ ସୀମା ବିବାଦ ବଢୁଛି। ଏହି ବର୍ଷ ଫେବୃଆରୀରେ ବୁଝାମଣା ହେବାପରେ ହ୍ରଦର ଦୁଇ କୂଳରେ ସୈନିକଙ୍କୁ ପଛକୁ ହଟାଯାଇଛି। କେନ୍ଦ୍ରଶାସିତ ପ୍ରଦେଶ ଲଦାଖ ଦୂରସ୍ଥ ଏବଂ ଦୁର୍ଗମ ସ୍ଥାନରେ ବିସ୍ଥାରିତ ହୋଇଛି। ଏହି ଏୟାରପୋର୍ଟ ତିଆରି ହେବାପରେ ହେଲିକାପ୍ଟର ଅବତରଣ ହୋଇପାରିବ। ଏଥିରୁ କେତେକ ଏୟାରପୋର୍ଟର ଏହି ବର୍ଷ ଶେଷ ମଧ୍ୟରେ ଚାଲୁ ହେବାର ସମ୍ଭାବନା ଅଛି।

## ଡିଲ୍ ଚାଲିଥିବା ବେଳେ ରେଡ୍....

୮ଟି ଜୀବନ୍ତ ଗୁଳି, ଗୋଟିଏ ଖୋଲା କ୍ୟାଟ୍ରିଜ୍ ଓ ଗୋଟିଏ ବାଇକ୍ ମଧ ଜବତ କରିଛି ଏସ୍‌ଟିଏଫ୍। ଗିରଫ ଦୁଇ ଅଭିଯୁକ୍ତଙ୍କ ନାଁରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏକାଧିକ ମାମଲା ରହିଥିବା ନେଇ ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚୋରା ବନ୍ଧୁକ କାରବାର ବିରୋଧରେ ଏସ୍‌ଟିଏଫ୍ ପକ୍ଷରୁ ୨୦୨୦ରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ବର୍ତ୍ତମାନ ସୁଦ୍ଧା ଏସ୍‌ଟିଏଫ୍ ୪୭ରୁ ଅଧିକ ଚୋରା ବନ୍ଧୁକ ଓ ୮୪ରୁ ଅଧିକ ଜୀବନ୍ତ ଗୁଳି ଜବତ କରିଥିବା ବେଳେ ଅନେକ ଅପରାଧୀଙ୍କୁ ଗିରଫ କରିଛି।

## ସଂସଦର ମୌସୁମୀ ଅଧିବେଶନ ....

ଏହାଛଡା ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ । ଏହାଛଡା ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନେଇ ମଧ ସରକାରଙ୍କୁ ଘେରିପାରନ୍ତି ବିରୋଧୀ । ସେପଟେ ସର୍ବଦଳୀୟ ବୈଠକରେ ବିଜୁ ଜନତା ଦଳ ବିଧାନ ପରିଷଦ କଥା ଉଠାଇଛି । ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ ଓ ପିନାକୀ ମିଶ୍ର ବିଧାନପରିଷଦ ବିଲ୍ ସହ ମହିଳା ସଂରକ୍ଷଣ ବିଲ୍ ଓ ଅନୁସୂଚିତ ଜନଜାତି ତାଲିକା ସଂକ୍ରାନ୍ତୀୟ ବିଲ୍ ଆଣିବା ପାଇଁ ଦାବି କରିଛନ୍ତି । କ୍ୟାବିନେଟ୍ ସଂପ୍ରସାରଣ ପରେ ଏହି ଅଧିବେଶନ ବସିବାକୁ ଯାଉଥିବାରୁ ପ୍ରଧାନମନ୍ତ୍ରୀ ଅଧିବେଶନରେ ନୂଆମନ୍ତ୍ରୀମାନଙ୍କୁ ପରିଚିତ କରାଇବେ ।

## ବିଜେପି ମହିଳା ମୋର୍ଚ୍ଚାର ପ୍ରଥମ....

ନେତୃତ୍ୱ ନେବା ଦରକାର। ମୋଟ ୪୦ ହଜାର ବୁଥରେ ମହିଳାଙ୍କୁ ଏକାଠୀ କରି ଆଗାମୀ ଦିନ ପାଇଁ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଉ। ଟେକ୍ନୋଲୋଜିକୁ ଉପଯୋଗ କରି ବୁଥ ସ୍ତରରେ ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଭିଡ଼ିଓ ମାଧ୍ୟମରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ସୁବ୍ୟବସ୍ଥା ପହଁଚାଇବା ସହ ରାଜ୍ୟରେ ଚାଲିଥିବା ଅବ୍ୟବସ୍ଥାର ପ୍ରତିବାଦ ସ୍ୱରୂପ ଉଭୟକୁ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ କରିବା ଜରୁରୀ। ଯେ ପର୍ଯ୍ୟନ୍ତ ସମସ୍ତ ବୁଥରେ ମହିଳା ମାନଙ୍କୁ ଏକାଠି କରାଯାଇ ଟେକ୍ନୋଲୋଜି ମାଧ୍ୟମରେ ମୋଦି ସରକାରଙ୍କ ସୁବ୍ୟବସ୍ଥା ଏବଂ ରାଜ୍ୟରେ ସରକାରଙ୍କ ଅବ୍ୟବସ୍ଥାକୁ ଉପସ୍ଥାପନ କରାଯିବ ନାହିଁ ସେ ପର୍ଯ୍ୟନ୍ତ ଓଡ଼ିଶାର ଅଗ୍ରଗତି ଅସମ୍ଭବ। ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ସର୍ବଦା ଦେଶର ମାଆ ଓ ଭଉଣୀଙ୍କୁ ସମ୍ମାନ ଦେଇ ଆସିଛନ୍ତି। ମହିଳାଙ୍କୁ ସବୁପ୍ରକାର ସମାନ ସୁଯୋଗ ଦେବା ଓ ସେମାନଙ୍କୁ ସ୍ୱାବଲମ୍ବୀ ସହ ସଶକ୍ତ କରିବା ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମୂଳ ସ୍ତମ୍ଭ ହୋଇଛି। ୨୦୧୪ରୁ ମୋଦି ସରକାର କ୍ଷମତା ଗ୍ରହଣ କରିବାର ପ୍ରାରମ୍ଭରୁ ହିଁ ଦେଶର ମାଆ ଓ ଭଉଣୀ ମାନଙ୍କ ଜୀବନରେ ଅଭୁତପୁର୍ବ ପରିବର୍ତନ ଆଣିବା ପାଇଁ ବିହିତ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗରିବ ମହିଳାଙ୍କୁ ମାଗଣାରେ ଗ୍ୟାସ ସେମାନଙ୍କ ପରିବାରର ଜୀବନଶୈଳିକୁ ଉନ୍ନତ କରିଛି। ଅପରପକ୍ଷରେ ସ୍ୱଚ୍ଛ ଭାରତ ଅଭିଯାନରେ ଓଡ଼ିଶାରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ମହିଳାଙ୍କ ସମ୍ମାନ ରକ୍ଷା କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ହିଡେନ୍ କେସ୍ ପାଇଁ ଜୋରଦାର....

ଦ୍ୱାରା ଯେଉଁ ଡୋର ଟୁ ଡୋର ସର୍ଭେ ଓ ମନିଟର ହୋଇଥିଲା, ତାହା ଦ୍ୱାରା ୧ ଲକ୍ଷରୁ ଅଧିକ ପଜିଟିଭ୍ ଚିହ୍ନଟ ହେଲେ। ମୁଖ୍ୟତଃ ସର୍ଭେଲାନ୍ସ କରି ହିଡେନ କେସଗୁଡ଼ିକ ବାହାର କଲେ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିବ। ଯଦି ତୃତୀୟ ଲହର ଆସୁଛି ତେବେ ହିଡେନ କେସ ନିଶ୍ଚିତ ରହିବ। ତେଣୁ ଡୋର ଟୁ ଡୋର ସର୍ଭେଲାନ୍ସ ଏକ ଅମୋଘ ଅସ୍ତ୍ର। ଅଗଷ୍ଟ ୨୪ ପରେ ମଧ ସର୍ଭେଲାନ୍ସ ଜୋରସୋରରେ ଚାଲିବ। ଇସେ ଆହୁରି କହିଛନ୍ତି ଯେ ଇଂଟିଗ୍ରେଟେଡ୍ ଡିଜିଜ ସର୍ଭେଲାନ୍ସରେ ସାପ୍ତାହିକ ସର୍ଭେଲାନ୍ସ ହୁଏ। ସେଥିରେ ଡାଟା ଆସିଥାଏ ଏବଂ ଯେଉଁ କର୍ମଚାରୀମାନେ ସର୍ଭେଲାନ୍ସରେ ଯାଇଥାନ୍ତି, ସେମାନେ ରିପୋର୍ଟ ଦିଅନ୍ତି। ସବୁ ହାଉସହୋଲ୍ଡ ଟଚ କରିବାକୁ ପ୍ରାଧାନ୍ୟ ଦିଆଯାଉଛି । ତାହାଦ୍ୱାରା ହିଡେନ କେସ ସାମ୍ନାକୁ ଆସିପାରିବ। କାରଣ ବହୁତ ଲୋକ ଏମିତି ଅଛନ୍ତି, ଯେଉଁମାନେ ରିପୋର୍ଟ ହିଁ କରୁନାହାନ୍ତି। ଜ୍ୱର ହେଲେ ଔଷଧ ଖାଇଦେଉଛନ୍ତି। ସେଥିପାଇଁ ମେଡିସିନ ଦୋକାନୀମାନଙ୍କୁ ନିର୍ଦ୍ଦେଶ ରହିଥିଲା, ଯେ ଯିଏ ବି ଜ୍ୱର ଓ ଥଣ୍ଡା ପାଇଁ ମେଡିସିନ ନେଇ ଖାଉଛନ୍ତି, ସେମାନଙ୍କର ତଥ୍ୟ ସରକାରଙ୍କୁ ଦେବେ । କଟକ, ଭୁବନେଶ୍ୱର, ବାଲେଶ୍ୱର ଓ ବାରିପଦା ସବୁବେଳେ ଫୋକସରେ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି।

# ଭାରତରେ ମୋଟ କୋଭିଡ-୧୯ ଟିକାକରଣ ୪୦ କୋଟିକୁ ଅତିକ୍ରମ କଲା

## ସୁସ୍ଥତା ହାର ୯୭.୩୧%କୁ ବୃଦ୍ଧି

ନୂଆଦିଲ୍ଲୀ,୧୮/୦୭ (ନି.ପ୍ର): ଭାରତରେ ମୋଟ କୋଭିଡ-୧୯ ଟିକାକରଣ ୪୦ କୋଟିର ମାଇଲଖୁଂଟକୁ ଅତିକ୍ରମ କରିପାରିଛି । ଆଜି ସକାଳ ୭ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ୫୦,୪୬,୩୮୭ ସେସନରେ ମୋଟ ୪୦,୪୯,୩୧,୭୧୫ ଡୋଜ୍ ଟିକା ଦିଆଯାଇଛି । ଗତ ୨୪ ଘଂଟାରେ ୫୧,୦୧,୫୬୭ ଡୋଜ୍ ଟିକା ଦିଆଯାଇଛି । ୨୦୨୧ ଜୁନ ୨୧ ତାରିଖରୁ କୋଭିଡ-୧୯ ଟିକାକରଣର ସରଳୀକରଣ ପର୍ଯ୍ୟାୟ ଆରମ୍ଭ ହୋଇଛି । ଦେଶବ୍ୟାପୀ କୋଭିଡ-୧୯ ଟିକାକରଣକୁ ବ୍ୟାପକ ଓ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ପ୍ରତିବଦ୍ଧ । ମହାମାରୀ ଆରମ୍ଭ ହେବା ପରେ ଏ ପର୍ଯ୍ୟନ୍ତ ଦେଶରେ କୋଭିଡ-୧୯ ସଂକ୍ରମଣରୁ ୩,୦୨,୬୯,୭୯୬ ଜଣ ସୁସ୍ଥ ହୋଇଛନ୍ତି ଏବଂ ଗତ ୨୪ ଘଂଟାରେ ୪୨,୦୦୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ଫଳରେ ସୁସ୍ଥତା ହାର ୯୭.୩୧% ରହିଛି ଏବଂ ଏହା ଉର୍ଦ୍ଧ୍ୱମୁଖୀ ରହିଛି ।ଗତ ୨୪ ଘଂଟାରେ ଭାରତରେ ୪୧,୧୫୭ ନୂଆ କରୋନା ମାମଲା ଚିହ୍ନଟ ହୋଇଛି । ଗତ ୨୧ ଦିନ ଧରି ଦେଶରେ ଦୈନିକ ନୂଆ ସଂକ୍ରମଣ ୫୦ ହଜାର ତଳେ ରହିଛି । ଏହା କେବଳ କେନ୍ଦ୍ର ସରକାର ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ମିଳିତ ପ୍ରଚେଷ୍ଟାର ଫଳ । ଦେଶବ୍ୟାପୀ ଟେଷ୍ଟିଂ କ୍ଷମତା ବୃଦ୍ଧି ପାଇଥିବା ବେଳେ ଗତ ୨୪ ଘଂଟାରେ ମୋଟ ୧୯,୩୬,୭୦୯ ଟେଷ୍ଟ କରାଯାଇଛି । ମୋଟ ଉପରେ ଭାରତରେ ୪୪.୩୯ କୋଟି (୪୪,୩୯,୫୮,୬୬୩)ରୁ ଅଧିକ ଟେଷ୍ଟ କରାଯାଇଛି । ଏକ ପକ୍ଷରେ ଦେଶବ୍ୟାପୀ ଟେଷ୍ଟିଂ କ୍ଷମତା ବୃଦ୍ଧି ପାଇଥିବା ବେଳେ ଅନ୍ୟ ପକ୍ଷରେ ସାପ୍ତାହିକ ପଜିଟିଭିଟି ହାର କ୍ରମାଗତ ଭାବେ ହ୍ରାସ ପାଉଥିବା ପରିଲକ୍ଷିତ ହୋଇଛି । ସାପ୍ତାହିକ ପଜିଟିଭିଟି ହାର ଏବେ ୨.୦୮% ଥିବା ବେଳେ ଦୈନିକ ପଜିଟିଭିଟି ହାର ୨.୧୩% ରହିଛି ।ଗତ ୨୭ ଦିନ ଧରି ଦୈନିକ ପଜିଟିଭିଟି ହାର ୩%ରୁ ତଳେ ଥିବା ବେଳେ ୪୧ ଦିନ ଧରି ଏହା ୫% ତଳେ ରହିଛି ।

# ତାଳଦଣ୍ଡା କେନାଲ ନବୀକରଣର ସମୀକ୍ଷା କଲେ ୫ଟି ସଚିବ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ରବିବାର ସକାଳେ କଟକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି । କଟକର ଏସସିବି ମେଡିକାଲର ସଂପ୍ରସାରଣ, ତାଳଦଣ୍ଡା କେନାଲ ଏବଂ ନେତାଜୀ ବସ୍ ଟର୍ମିନାଲ ସାଇଟ ଗସ୍ତ କରି ଏହାର କାମର ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ତାଳଦଣ୍ଡା କେନାଲର ୧.୫୫ କିମି ଲମ୍ବର ନବୀକରଣ କାମ ଶେଷ ହୋଇଯାଇଛି। ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ଜାତୀୟ ରାଜପଥ ଯାଏଁ ୩.୫୫ କିମି ଯାଏଁ ନବୀକରଣ କରାଯିବ। ଆଗାମୀ ୧୦ ଦିନ ମଧ୍ୟରେ ଏହି କାମ ପାଇଁ କେଉଁ ଲୋକମାନଙ୍କୁ ସ୍ଥାନାନ୍ତର କରାଯିବ ତାହାର ତାଲିକା ପ୍ରଦାନ କରିବାକୁ ୫- ଟି ସଚିବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଟକ ଏସସିବି ମେଡିକାଲ କଲେଜ ଏବଂ ଡାକ୍ତରଖାନାର ଉନ୍ନତିମୂଳକ କାମ ମଧ୍ୟ ତଦାରଖ କରିଛନ୍ତି ୫-ଟି ସଚିବ । ପରେ ସେ ନେତାଜୀ ବସ ଟର୍ମିନାଲ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଖାନନଗରଠାରେ ୧୭.୯୧ ଏକର ଜମିରେ ନିର୍ମାଣାଧୀନ ଏହି ପ୍ରକଳ୍ପର ଅଗ୍ରଗତି ନେଇ ସେ ଆଲୋଚନା କରିଛନ୍ତି। ଏହା ସହ ପ୍ରକଳ୍ପ ପରିସରରେ ଥିବା ପାଠାଗାରର ସ୍ଥାନାନ୍ତରଣ ନେଇ ଏକ ନୂଆ ସ୍ଥାନ ଚିହ୍ନଟ କରିବା ଲାଗି ସେ ପରାମର୍ଶ ଦେଇଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ନୂଆ ସ୍ଥାନ ଚିହ୍ନଟ ସମ୍ପର୍କରେ ରିପୋର୍ଟ ଦେବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରକଳ୍ପ ଆସନ୍ତା ବର୍ଷ ଅଗଷ୍ଟ ସୁଦ୍ଧା ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ୧୨ ଏକର ଜମି ଉପରେ ନିର୍ମାଣାଧୀନ ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ଲାଗି ପ୍ରାୟ ୬୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଗସ୍ତ ସମୟରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ସହିତ ପୂର୍ତ୍ତ ସଚିବ କ୍ରିଷନ କୁମାର, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରୀଷ୍ଣା, ଆରଡିସି ଏକେ ସାମଲ, ସିଏମସି କମିଶନର ଅନନ୍ୟା ଦାସ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦିନକରେ ଚିହ୍ନଟ ୧୫୦ କରୋନା ସଂକ୍ରମିତ

ବାଲେଶ୍ୱର,୧୮/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୦ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଚୁନଭାଟି ଅଂଚଳରୁ ୩ ଜଣ ସମେତ ବିସି ସେନ ରୋଡ, ଭାସ୍କରଗଞ୍ଜ, ଶୋଭାରାମପୁର, ସୁନହଟ ପ୍ରଭୃତିରୁ ଦୁଇ ଜଣ ଲେଖାଏଁ ଏବଂ ଅଙ୍ଗାରଗଡ଼ିଆ, ଅରଡ଼ବଜାର, ଗୋପାଳଗାଁ, ଜେଲ କଲୋନୀ, ଜେଲ ରୋଡ, ମାକଲପୁର, ନେଳିଆବାଗ ଓ ଟୁଲଙ୍ଗସାହି ଅଂଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୩ଜଣ, ବାଲିଆପାଳରୁ ୨୦, ବସ୍ତାରୁ ୨୨, ଭୋଗରାଇରୁ ୧୮, ଜଳେଶ୍ୱର ବ୍ଲକରୁ ୨, ନୀଳଗିରିରୁ ୧୧ଜଣ, ଔପଦାରୁ ୨, ରେମୁଣାରୁ ୨୪ ଓ ସଦର ବ୍ଲକରୁ ୬ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୬,୭୪୮ରେ ପହଞ୍ଚିଥିବା ବେଳେ ମୋଟ ୩୪,୮୨୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧,୭୬୬ଜଣଙ୍କ ମଧ୍ୟରୁ ୧,୬୭୦ଜଣ ଗୃହ ସଙ୍ଗରୋଧରେ ଏବଂ ୯୬ଜଣ କୋଭିଡ ଡାକ୍ତରଖାନା ଏବଂ କୋଭିଡ ଯତ୍ନ କେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୫୬ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପର୍ଯ୍ୟାପ୍ତ ପରିମାଣର ଟିକା ଅଭାବ ଯୋଗୁଁ ଜିଲାରେ ଟିକାକରଣ ସ୍ୱାଭାବିକ ହୋଇପାରୁ ନାହିଁ । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୭,୦୯,୫୪୦ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୩୭,୬୪୭ଜଣ ପ୍ରଥମ ପାନ ଓ ୧,୭୧,୮୯୩ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡ଼ିଛି ।

## ଷ୍ଟେସନରେ ପ୍ରାଧିକୃତ ବିକ୍ରେତାଙ୍କ ପାଇଁ ପରିଚୟ ପତ୍ର ବ୍ୟବସ୍ଥା

ଭୁବନେଶ୍ୱର,୧୮/୦୭(ନି.ପ୍ର): ଷ୍ଟେସନରେ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା ଅନଧିକୃତ ବିକ୍ରେତାମାନଙ୍କୁ ଚିହ୍ନଟ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଏକ ଅନନ୍ୟ ବ୍ୟବସ୍ଥା ପ୍ରାରମ୍ଭ କରିଛି। ସମସ୍ତ ପ୍ରାଧିକୃତ ବିକ୍ରେତାଙ୍କୁ କ୍ୟୁଆର କୋଡ୍ ସହିତ ପରିଚୟ ପତ୍ର ପ୍ରଦାନ କରାଯାଇଛି ଯାହା ଭେଣ୍ଡରର ସମସ୍ତ ସୂଚନା ପ୍ରଦର୍ଶିତ କରିଥାଏ । କ୍ୟୁଆର କୋଡ୍ ଆପ୍ ଡାଉନଲୋଡ୍ କରି ଟ୍ରେନ ଟିକେଟ ନିରୀକ୍ଷକ ମାନେ ବିକ୍ରେତାଙ୍କ ବୈଧତା ଏବଂ ସତ୍ୟତା ଯାଂଚ କରିପାରିବେ। ଏହା ଷ୍ଟେସନ ପ୍ଲାଟଫର୍ମରେ ଅନଧିକୃତ ଭେଣ୍ଡିଂ ମୂଳପୋଛ କରିବାରେ ଏବଂ ପ୍ରାଧିକୃତ ବିକ୍ରେତାଙ୍କ ଦ୍ୱାରା ଯାତ୍ରୀଙ୍କୁ ଦିଆଯାଉଥିବା ଗୁଣାତ୍ମକ ଖାଦ୍ୟ ନିଶ୍ଚିତ କରିବାରେ ସାହାଯ୍ୟ କରିବ।

## କରୋନା ଟେଷ୍ଟିଂ ଦେଢ କୋଟି ଟପିଲା, ପ୍ରଶଂସା କଲେ ନବୀନ

ଭୁବନେଶ୍ୱର,୧୮/୦୭ (ନି.ପ୍ର): କୋଭିଡ୍ ଟେଷ୍ଟିଂରେ ମାଇଲଖୁଂଟ ସ୍ଥାପନ କରିଛି ଓଡ଼ିଶା । ରାଜ୍ୟରେ ୧.୫ କୋଟିରୁ ଅଧିକ କୋଭିଡ୍ ଟେଷ୍ଟ କରାଯାଇଛି। ଏଥିନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେବା ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ଲେଖିଛନ୍ତି, ସ୍ୱାସ୍ଥ୍ୟକର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଅଧିକ ଟେଷ୍ଟିଂ ଓଡ଼ିଶାକୁ କୋଭିଡ୍ ବିରୋଧୀ ଯୁଦ୍ଧରେ ଶକ୍ତିଶାଳୀ କରିଛି ।

# ଦିବଂଗତ ମୋଟର କର୍ମଚାରୀଙ୍କ ପରିବାରକୁ ସହାୟତା

ବାଲେଶ୍ୱର,୧୮/୦୭ (ନି.ପ୍ର): କରୋନା ସଂକ୍ରମଣରେ ପରଲୋକ ମୋଟର ଚାଳକ ଇନ୍ଦ୍ରଜିତ ବେହେରାଙ୍କ ଏକାଦଶାହରେ ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସହଦେବଖୁଣ୍ଟାସ୍ଥିତ ଭଡ଼ାଘରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବପ୍ରାର୍ଥନା କରି ଦିବଂଗତଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ତାଙ୍କ ବିଧବା ପତ୍ନୀ ପ୍ରଣାଳୀ ବେହେରାଙ୍କୁ ରାଜ୍ୟ କଲ୍ୟାଣ ପାଣ୍ଠିରୁ ୧୫ ହଜାର ଟଙ୍କା ଓ ସଂଗଠନର ନୀଳଗିରି, ଚାନ୍ଦିପୁର, ରେମୁଣା, ହଳଦୀପଦା




ଶାଖା ସଦସ୍ୟଙ୍କ ଠାରୁ ସଂଗୃହୀତ ୮ହଜାର ୩ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସହାୟତା ରାଶି ପ୍ରଦାନ ବେଳେ ସଂଘର ସଭାପତି ସନ୍ତୋଷ କୁମାର ପତିଙ୍କ ସମେତ କର୍ମକର୍ତ୍ତା ଶମ୍ଭୁନାଥ ମହାନ୍ତି, ଅଶୋକ ଚୌଧୁରୀ, ବୀରେନ୍ଦ୍ର ମହାନ୍ତି, ସେଖ ହସରତ ବକ୍ସ, ସେଖ ସରଫରାଜ ଅଲ୍ଲି ଓ ସନ୍ତୋଷ କୁମାର ସେନ ପ୍ରମୁଖ ଉପସ୍ଥିତ ଥିଲେ।

# ୨ୟ ଶ୍ରୀକ୍ଷେତ୍ରରେ ବର୍ଷେ ଧରି ନାଟମଣ୍ଡପରେ ରହିବେ ଠାକୁର

## ପୁରୀରୁ ଭାସ ମଗାଇ ପ୍ରସାଶନ ସେବାୟତଙ୍କୁ ଜଣାଇବାକୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା,୧୮/୦୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବିଜେ ଶ୍ରୀ ଶ୍ରୀ ହରିବଳଦେବଜୀଉ ମହାପ୍ରଭୁଙ୍କ ରଥଯାତ୍ରା ୧୫୭୫ ମସିହାରୁ ନିରବଚ୍ଛିନ ଭାବେ ପାଳିତ ହୋଇ ଆସୁଥିଲା । ଏପରିକି ପୁରି ଶ୍ରୀ କ୍ଷେତ୍ର ରେ ଯବନ ମାନଙ୍କ ଆକ୍ରମଣ କାରଣରୁ ଅନେକ ବାର ଶ୍ରୀକ୍ଷେତ୍ରରେ ରଥ ଯାତ୍ରା ବନ୍ଦ ରହିଥିଲେ ମଧ ୨ୟ ଶ୍ରୀକ୍ଷେତ୍ରରେ କଡା ସୁରକ୍ଷା ବଳୟ ଭିତରେ ରଥ ଯାତ୍ରା ସମ୍ପର୍ଣ୍ଣ ହୋ଼ୀ ଆସୁଥିଲା । ତେବେ କରୋନା କଟକଣା ପାଇଁ ଗତବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦାରେ ରଥଯାତ୍ରା ବନ୍ଦ ରହିଛି । ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାର ଶାସ୍ତ୍ରୀୟ ମତରେ କୌଣସି ବିକଳ୍ପ ନାହିଁ । କରୋନାକୁ ନେଇ ଗତ ଗତବର୍ଷମହାପ୍ରଭୁଙ୍କ ଘୋଷଯାତ୍ରାକୁ ହଠାତ୍ ବନ୍ଦକରି ଦିଆଯାଇଥିଲା ଏବଂ ରଥଯାତ୍ରାର ସମସ୍ତ ନୀତିକାନ୍ତି । ମନ୍ଦିର ବେଢ଼ା ଭିତରେ ଆୟୋଜନ କରାଯାଇଥିଲା । ଫଳରେ ସେବାୟତ ମାନେ ନିରୁପାୟ ହୋଇ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତ



ଲୋଡ଼ିଥିଲେ ଏବଂ ତାଙ୍କ ପରାମର୍ଶ କ୍ରମେ ସମସ୍ତେ ନିଜର ଭୁଲ କାର୍ଯ୍ୟ ପାଇଁ ପ୍ରାୟଶ୍ଚିତ ମଧ କରିଥିଲେ । ଏହି ସମୟରେ ଚଳିତ ବର୍ଷ ବହୁ ପୂର୍ବରୁ ସରକାର ରଥଯାତ୍ରା ବନ୍ଦ ନିଷ୍ପତ୍ତି ନେଇଥିଲେ । ସେବାୟତ ମାନେ ଶାସ୍ତ୍ର ବହି ତର୍ଜମା କରିବା ପରେ ମହାପ୍ରଭୁ ଅଣସର ଗୃହରୁ ସୁସ୍ଥ ହୋଇ ବାହାରିବା ପରେ ନେତ୍ରୋତ୍ସବ ପୂଜା ହୋଇଥାଏ । ଏହାପରେ ମହାପଭୁ ରଥାରୁଢ଼ ହୋଇ ବଡ଼ଦାଣ୍ଡରେ ଶ୍ରୀଗୁଣ୍ଡିଚା ମନ୍ଦିର ବା ଜନ୍ମବେଦୀକୁ ବିଜେ କରିଥାନ୍ତି । ସେଠାରେ ୭ ଦିନ ରହଣି ପରେ ପୁଣି ରଥାରୁଢ଼ ହୋଇ ମନ୍ଦିରକୁ ଫେରିବା ପରେ ରନ୍‌ସିଂହାସନକୁ ନିଳାଦ୍ରି ବିଜେ କରିଥାନ୍ତି । ଚଳିତ ବର୍ଷ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ହେଉନଥିବା ସମୟରେ ନେତ୍ରୋତ୍ସବ ଶେଷ ହୋଇସାରିଛି । ଏଣୁ ମହାପ୍ରଭୁ ଜନ୍ମବେଦୀକୁ ନଯାଇ ରନ୍‌ସିଂହାସନକୁ ବିଜେ କରିପାରିବେ ନାହିଁ ବୋଲି ଶାସ୍ତ୍ର ସମ୍ମତ ମତ ବାଢିଛନ୍ତି ସେବାୟତ ମାନେ । ଏଣୁ ଆସନ୍ତା ୨୦୨୨ ଶ୍ରୀ ଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ମନ୍ଦିରର ନାଟ ମଣ୍ଡପରେ ଭଦ୍ରସିଂହାସନରେ ବିରାଜିତ ହୋଇ ରହିବେ ।ତଦନୁଯାୟୀ ମଙ୍ଗଳବାର ଠାରୁ ମନ୍ଦିରରେ ରଥ ନୀତିକାନ୍ତି ପରିବର୍ତ୍ତେ ଦୈନନ୍ଦିନ ନୀତିକାନ୍ତି ଜାରି ରହିଛି । ଅତୀତରେ ପୁରୀରେ ମଧ ରଥଯାତ୍ରା ବନ୍ଦ ରହିଥିଲା । ଏଣୁ ରଥଯାତ୍ରା ବନ୍ଦ ରହିଲେ ତା'ର ବିକଳ୍ପ ପ୍ରତିକାର ସମ୍ବନ୍ଧରେ ପ୍ରଶାସନ ପୁରୀ ଶ୍ରୀମନ୍ଦିର ସହିତ ଯୋଗାଯୋଗ କରି ଜଣାଇବାକୁ ପୁଣି ଥରେ ସେବାୟତ ଗଣ ପୂଜକ ଅରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଅନ୍ୟା ଦାସଙ୍କୁ ଭେଟି ଲିଖିତ ଭାବେ ଜଣାଇ ଛନ୍ତି ।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ବାଲିଆପାଳ,୧୮/୦୭ (ନି.ପ୍ର): ବାଲିଆପାଳ ବ୍ଲକ ବଡାଶ ପଂଚାୟତ ଧର୍ମ ପରାୟଣ ମହିଳା ଶାରଦାମଣି ବିଶ୍ୱାଳ (୯୦) ବର୍ଷଙ୍କ ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି । ଦିର୍ଘ ଦିନ ଧରି ସେ ବାର୍ଦ୍ଧ୍ୟକ ଯନିତ ରୋଗରେ ପୀଡିତ ଥିଲେ । ବଡାଶ ଗ୍ରାମର ଜଣେ ନିତିବାନ, ନିଷ୍ଠାବାନ ଧାର୍ମିକ ମହିଳା ଭାବେ ସେ ପରିଚିତ ଥିଲେ । ବଡାଶ ଗ୍ରାମର ଅନେକ ଧର୍ମାନୁଷ୍ଠାନ ସହିତ ସେ ସମ୍ପୃକ୍ତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ଗ୍ରାମବାସୀ ତାଙ୍କ ବାସଗୃହରେ



ପହଁଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ଉପେନ୍ଦ୍ର, ନଗେନ୍ଦ୍ର ଏବଂ ଦୁଇ ପୁତ୍ର ବଧୂ ଉପସ୍ଥିତ ଥିଲେ । ବଡ ପୁଅ ଉପେନ୍ଦ୍ର ଡାକ ବିଭାଗରେ କାର୍ଯ୍ୟ କରି ନିକଟରେ ଅବସର ନେଇଥିବା ବେଳେ ସାନ ପୁଅ ନଗେନ୍ଦ୍ର ବିଗତ ୨୦ ବର୍ଷ ଧରି ବାଲିଆପାଳରେ ଖବର କାଗଜ ବିତରଣ ସହିତ ସମ୍ପୃକ୍ତ ଅଛନ୍ତି । ଶାରଦାମଣିଙ୍କ ମୃତ୍ୟୁ ଖବର ପାଇ ରାଧାକୃଷ୍ଣ ସାହୁ, ପ୍ରତାପ ପାତ୍ର, ଅଜୟ କୁମାର ସାହୁ, ହରେକୃଷ୍ଣ ଦାସ, ବ୍ୟମୋକେଶ ସାହୁ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଗାୟତ୍ରୀ ପରିବାର ପକ୍ଷରୁ ବୃକ୍ଷ ରୋପଣ

ବାଲେଶ୍ୱର,୧୮/୦୭ (ନି.ପ୍ର): ବାଲେଶ୍ୱର ଜିଲା ଗାୟତ୍ରୀ ପରିବାର ପକ୍ଷରୁ ରେମୁଣା ବ୍ଲକର ଭୀମପୁରା ଗ୍ରାମ ଚନ୍ଦନ ପୋଖରୀ ହୁଡ଼ା ଓ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାରର ମୁଖ୍ୟ ଟ୍ରଷ୍ଟି ବଳରାମ ଜେନା ପ୍ରଥମେ ବୃକ୍ଷ ରୋପଣ ସହ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ବୃକ୍ଷ ଓ ବନସ୍ପତିର ମହତ୍ୱ ସମ୍ପର୍କରେ ଆଲୋଚନା ସହ ସାମ୍ପ୍ରତିକ ପ୍ରଦୂଷଣ ରୋକିବାକୁ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ହିଁ ଏକମାତ୍ର ପନ୍ଥା ବୋଲି ସେ ମତବ୍ୟକ୍ତ କରିଥିଲେ। ଗାୟତ୍ରୀ ପରିବାରର ସଦସ୍ୟ କିଶୋର ଚନ୍ଦ୍ର ପଣ୍ଡା ଓ ଜୟକୃଷ୍ଣ ସାହୁ ଏଥିରେ ଯୋଗଦେଇ କରୋନା ମହାମାରୀ କାଳରେ ଅମ୍ଳଜାନ ଅଭାବ ପରିଲକ୍ଷିତ ହୋଇଥିବା ବେଳେ ସବୁ ମହଲରୁ ବୃକ୍ଷରୋପଣ ପାଇଁ ପରାମର୍ଶ



ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ଝାବର, ବାସୁକୀ ଦଲାଲ ଦାସ, ଜ୍ୟୋତିର୍ମୟ ଦାସ, ଗୌରଚନ୍ଦ୍ର ଦାସ, ରେବତୀ ଦାସ, ଶକୁନ୍ତଳା ଦାସ, ଶ୍ରଦ୍ଧାଞ୍ଜଳି ରାଉଳ ପ୍ରମୁଖଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ଗାୟତ୍ରୀ ପରିବାରର ସଦସ୍ୟ ସଦସ୍ୟାମାନେ କୋଭିଡ ନିୟମ ପାଳନ ପୂର୍ବକ ଏଥିରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ। ଭୀମପୁରା ଗ୍ରାମ ଚନ୍ଦନ ପୋଖରୀ ହୁଡ଼ା ଓ ରାସ୍ତା ପାର୍ଶ୍ୱରେ ଅଶ୍ୱସ୍ତ, ନିମ୍ବ, କଦମ୍ବ, ଆମ୍ବ, ଜାମୁ, ଧାତ୍ରୀ ଅଁଳା, ଚମ୍ପା, ଅଶୋକ, ବଉଳ ପ୍ରଭୃତି ମୂଲ୍ୟବାନ ଓ ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଥିଲା।

## ଗତ ୨୪ ଘଂଟାରେ ୪୧,୧୫୭ ନୂଆ ମାମଲା

ନୂଆଦିଲ୍ଲୀ,୧୮/୦୭: ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୧,୧୫୭ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୫୧୮ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୨୨,୬୬୦ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪,୧୩,୬୦୯ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ମୟୂରଭଞ୍ଜ ଜିଲ୍ଲାରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ସ୍ଥାପନ ଦାବି

## ଭଞ୍ଜସେନା ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା,୧୮/୦୭ (ନି.ପ୍ର): ମୟୂରଭଞ୍ଜ ଏକ ଖଣି ଖାଦାନ ଭରା ଆଦିବାସୀ ବହୁଳ ଜିଲ୍ଲା । ଏଠାରୁ କ୍ୱାମାଲ ଆକାରରେ ଖଣିଜ ଦ୍ରବ୍ୟ ଅନ୍ୟ ରାଜ୍ୟ ତଥା ବିଦେଶକୁ ଯାଇ ସେମାନେ ସମୃଦ୍ଧିଶାଳୀ ହେଉଥିବା ବେଳେ, ମୟୂରଭଞ୍ଜ ମାଟିରେ ଶିଳ୍ପ ପ୍ରତିଷ୍ଠା ହୋଇ ନପାରିବାରୁ ଏଠାକାର ଲୋକେ ବେକାର ହୋଇ ପେଟ ବିକଳରେ ଦାଦନ ଖଟିବାକୁ ଯାଉଛନ୍ତି । ଏହା ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇ ଥିବାରୁ ଏଠାରେ ସାକ୍ଷରତାର ହାର ମଧ କମ । ଜିଲ୍ଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏଠାକାର ପିଲା ସ୍ୱଳ୍ପ ଖର୍ଚ୍ଚରେ ପାଠ ପଢିବାର ସୁଯୋଗ ପାଇଲେ ଲୋକଙ୍କର ସାମାଜିକ, ଅର୍ଥନୈତିକ, ତଥା ନୈତିକ ପରିବର୍ତ୍ତନ ହୋଇ ପାରିବ । ଶିକ୍ଷାର ଅଭାବରୁ ଏବଂ ବେରୋଜଗାରୀ କାରଣରୁ ବହୁ ନବ ଯୁବକ ଅପରାଧିକ ମାନସିକତା ପ୍ରବଣ ହେଉଥିବା ବେଳେ, ଏଠାରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେଲେ ଏସବୁ ସମସ୍ୟାର ସମାଧାନ ହେବା ସହ ଜିଲ୍ଲା ପ୍ରଗତୀ ପଥରେ ଅଗ୍ରସର ହେବ । ଆନ୍ଧ୍ର ରେ୩ ଟି, ବିହାର ରେ ୪ ଟି ଏବଂ ଅନ୍ୟ ରାଜ୍ୟ ରେ ମଧ ଏକାଧିକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଅଛି । ଓଡ଼ିଶାରେ କୋରାପୁଟ ଜିଲ୍ଲାର ଗୁଣୁପୁରରେ ଏକମାତ୍ର ଅନୁଷ୍ଠାନ ରହିଛି । ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟାପ୍ତ ଜମି ରହିଛି ଏବଂ ଏହି ଜିଲ୍ଲା ଏକ ଉପାନ୍ତ ଜିଲ୍ଲା ହୋଇଥିବାରୁ ଏହାର ପାଖରାଜ୍ୟ ଝାଡଖଣ୍ଡ, ଏବଂ ପଶ୍ଚିମବଙ୍ଗ ପିଲା ମାନେ ମଧ ଏହା ମାଧମରେ ଉପକୃତ ହେବେ । ବୋଲି ଦାବୀ କରି ଆଜି ଭଞ୍ଜ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜିଲ୍ଲାରେ ଏକ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବାକୁ ଏକ ଦାବୀପତ୍ର ପ୍ରଦାନ କରିଥିବାର ଜଣା ଯାଇଛି । ଏବଂ ଯଦି ଜିଲ୍ଲାର ଏହି ନ୍ୟାର୍ଯ୍ୟ ଦାବିକୁ ଗୁରୁତ୍ୱ ଦିଆ ନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କହିଛନ୍ତି ।

# ଜ୍ୟୋତିଶ୍ରୀଙ୍କୁ ଫାଲକନ ମେଡିକାଲ ସାଇନ୍ସ କଲେଜ ପକ୍ଷରୁ ସହାୟତା ରାଶି ପ୍ରଦାନ



ବାଲିଆପାଳ,୧୮/୦୭ (ନି.ପ୍ର): ବିଷ୍ଣୁପୁର ପଂଚାୟତ ନୟାବାଲି ଗ୍ରାମର ବାପା-ମା ଛେଉଣ୍ଡ ଜ୍ୟୋତିଶ୍ରୀଙ୍କ ପାଖକୁ ସହାୟତାର ହାତ ଲମ୍ବିବାରେ ଲାଗିଛି । ୧୨ ବର୍ଷ ତଳେ ତାଙ୍କ ବାପାଙ୍କର କର୍କଟ ରୋଗରେ ମୃତ୍ୟୁ ହୋଇଥିବା ବେଳେ ଗତ ୧୦ ତାରିଖରେ ତାଙ୍କ ମାଙ୍କର ମୃତ୍ୟୁ ହୋଇଥିଲା । ପରିବାରର ଅନ୍ୟ କେହି ସଦସ୍ୟ ନଥିବାରୁ ବାପା-ମାଙ୍କୁ ହରାଇ ଜ୍ୟୋତିଶ୍ରୀ ଅସହାୟ ହୋଇପଡିଥିଲେ । ଏ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଆଜି ଭୁବନେଶ୍ୱର ସ୍ଥିତ ଫାଲକନ ମେଡିକାଲ ସାଇନ୍ସ କଲେଜ ପକ୍ଷରୁ ୧୦ ହଜାର ଟଙ୍କା ଓ ରେସନ ସାମଗ୍ରୀ ପ୍ରଦାନ କରାଯାଇଛି । କଲେଜ ପକ୍ଷରୁ ଆଲୋକ କର ଏବଂ ବିଷ୍ଣୁପୁର ପଂଚାୟତର ସରପଂଚଙ୍କ ପ୍ରତିନିଧି ଜୀବନକୃଷ୍ଣ ଦାସ, ସମିତି ସଦସ୍ୟାଙ୍କ ପ୍ରତିନିଧି ମନ୍ମଥ ଖୀଲାର ଏବଂ ଫାଲକନ ମେଡିକାଲ ସାଇନ୍ସ କଲେଜର ଅନ୍ୟ କିଛି କର୍ମଚାରୀ ଉପସ୍ଥିତ ଥିଲେ । କଲେଜ ପକ୍ଷରୁ ଜ୍ୟୋତିଶ୍ରୀଙ୍କ ପାଠ ପଢା ଖର୍ଚ୍ଚ ପାଇଁ ପ୍ରତି ମାସ ୧୦୦୦ ଟଙ୍କା ଲେଖାଁଏ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା ।

# ଗୋଟିଏ ଦିନରେ ୨୨୧୫ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୪୩୨୬

ଭୁବନେଶ୍ୱର,୧୮/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୪୩୨୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୨୭୯୨୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୧୨୮୯ ରହିଛି। ଆଜି ଚିହ୍ନଟ ହୋଇଥିବା ୨୨୧୫ ଜଣଙ୍କ ମଧ୍ୟରୁ ୧୨୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୮୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫୦ ଜଣ, ବରଗଡ଼ରୁ ୧୪ ଜଣ, ଭଦ୍ରକରୁ ୭୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୬, କଟକରୁ ୩୪୮, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୪ ଜଣ, ଗଜପତି ଜିଲ୍ଲାରୁ ୧୭ , ଗଞ୍ଜାମରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୨୬ ଜଣ, ଯାଜପୁରରୁ ୧୨୪ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୪ ଜଣ. କେନ୍ଦ୍ରାପଡ଼ାରୁ ୯୫ ଜଣ, କେନ୍ଦୁଝରରୁ ୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୮୩ ଜଣ, କୋରାପୁଟରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୯୯ ଜଣ, ନବରଙ୍ଗପୁରରୁ ୪ ଜଣ, ନୟାଗଡ଼ରୁ ୬୯ ଜଣ, ନୂଆପଡ଼ାରୁ ୦୫ ଜଣ, ପୁରୀରୁ ୮୪ ଜଣ, ରାୟଗଡ଼ାରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୧ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୪୩ ଜଣ ଓ ଷ୍ଟେଟ୍ ପୁଲରୁ ୧୦୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo